



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 179 | ଭାଗ ୩୨ | ସଂଖ୍ୟା ୧୭୯ Bhubaneswar | Wednesday 18 September 2024 | Page 8 ₹ 4.00 ଭୁବନେଶ୍ୱର | ବୁଧବାର ୧୮ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




# ମହିଳାଙ୍କ ସାମର୍ଥ୍ୟ ବୃଦ୍ଧି ବିକଶିତ ଓଡ଼ିଶାର ମୂଳମନ୍ତ୍ର

**ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ):** ଆଗାମୀ ଦିନରେ ଓଡିଶାର ମହିଳାମାନଙ୍କ ଶକ୍ତି ଓ ସାମର୍ଥ୍ୟ ବିକାଶରେ ମୂଳମନ୍ତ୍ର ହେବ। ଓଡିଶାର ବିକାଶରେ ନାରୀ ଶକ୍ତିର ସମାନ ଭାଗିଦାରୀ ରହିବ। ଡବଲ ଇଞ୍ଜିନ ସରକାର ଓଡିଶାକୁ ବିକାଶର ନୂଆ ଶିଖରରେ ପହଞ୍ଚାଇବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶାବ୍ୟକ୍ତ କରିଛନ୍ତି।

ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ସ୍ଥାନୀୟ ଜନତା ମୈଦାନରେ ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ସବୁଠି ଖୁସି ଓ ଆନନ୍ଦର ପରିବେଶ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଲକ୍ଷାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟର ସବୁଠାରୁ ବଡ, ବ୍ୟକ୍ତିଗତ ମହିଳାକୈନ୍ଦ୍ରିକ ସୁଭଦ୍ରା ଯୋଜନାରେ ୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ପ୍ରତି ବର୍ଷ ୧୦ ହଜାର ଟଙ୍କା ଦିଆଯିବ। ୫ ବର୍ଷରେ ମିଳିବ ୫୦ ହଜାର ଟଙ୍କା । ଗୋଟିଏ କିସ୍ତି ଆନ୍ତର୍ଜାତିକ ମହିଳା ଦିବସ ମାର୍ଚ୍ଚ ୮ ତାରିଖ ଏବଂ ଦ୍ୱିତୀୟ କିସ୍ତି ରାକ୍ଷୀ ପୂର୍ଣ୍ଣିମାରେ ଦିଆଯିବ। ପ୍ରଧାନମନ୍ତ୍ରୀ ସୁଇଚ ଟିପି ରାଜ୍ୟର ୨୫ଲକ୍ଷ ୧୧ ଜଣ ମହିଳାଙ୍କ ଖାତାକୁ ପ୍ରଥମ କିସ୍ତି ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଛନ୍ତି।

ଜୟ ଜଗନ୍ନାଥ ଧ୍ୱନିରେ ନିଜର ଅଭିଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ ମା' ସୁଭଦ୍ରାଙ୍କ ନିକଟରେ ପ୍ରାର୍ଥନା କରି କହିଥିଲେ, ଏହି ଯୋଜନା ମା' ଓ ଭଉଣୀମାନଙ୍କୁ ସଶକ୍ତ କରିବ। ଓଡ଼ିଶାର ବିକାଶରେ ନାରୀ ଶକ୍ତିର ସମାନ ଭାଗିଦାରୀ ରହିବ। ଡବଲ ଇଞ୍ଜିନ ସରକାର ରାଜ୍ୟକୁ ବିକାଶର ନୂଆ ଶିଖରରେ ପହଞ୍ଚାଇବ। ନିର୍ବାଚନ ସମୟରେ କହିଥିଲୁ ଓଡିଶାରେ ଆମ ସରକାର ଗଠନ ହେଲେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବୁ, ରତ୍ନ ଭଣ୍ଡାର ଖୋଲିବୁ। ଆମେ ପ୍ରତିଶ୍ରୁତି ପାଳନ କଲୁ। ଓଡିଶାର ନୂଆ ସରକାର ସାଧାରଣ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରୁଥିବାରୁ ସେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ୧୦୦ ଦିନ ମଧ୍ୟରେ କେନ୍ଦ୍ର ସରକାରଙ୍କ

➪ପୃଷ୍ଠା-୬

## ଡବଲ ଇଞ୍ଜିନ ସରକାରରେ ବିକାଶର ଗତି କ୍ଷିପ୍ର: ମୋହନ

- ସବୁଠାରୁ ବଡ, ବ୍ୟକ୍ତିଗତ ମହିଳା କୈନ୍ଦ୍ରିକ ଯୋଜନା
- ପ୍ରଧାନମନ୍ତ୍ରୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ
- ନିର୍ବାଚନ ପ୍ରତିଶ୍ରୁତି ୧୦୦ ଦିନ ମଧ୍ୟରେ ପୂରଣ ହେଲା
- ୨,୮୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଶୁଭାରମ୍ଭ

## ସୁଭଦ୍ରା ନାରୀ ସଶକ୍ତୀକରଣର ପ୍ରତୀକ



ମହାପ୍ରଭୁଙ୍କ ଆଶୀର୍ବାଦ ମିଳିଲେ ସାଧାରଣ ଜନତା ଓ ମହାପ୍ରଭୁ ଜଗନ୍ନାଥଙ୍କ ସେବା କରିବାର ସୁଯୋଗ ସୃଷ୍ଟି ହୋଇଥାଏ। ଗଣେଶ ଉତ୍ସବ, ଅନନ୍ତ ଚତୁର୍ଦ୍ଦଶୀ ଏବଂ ବିଶ୍ୱକର୍ମା ପୂଜାର ପବିତ୍ର ଅବସରରେ ଓଡ଼ିଶାର ମା' ଭଉଣୀମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାର ସୁଯୋଗ ପାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୭୪ ତମ ଜନ୍ମଦିନ ଅବସରରେ ଭୁବନେଶ୍ୱରର ଜନତା ମୈଦାନରେ 'ସୁଭଦ୍ରା ଯୋଜନାର' ଶୁଭାରମ୍ଭ କରି ମୋଦି କହିଛନ୍ତି, ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠାରେ ଭଗବାନ ବିଶ୍ୱକର୍ମାଙ୍କ ରୂପରେ ଦକ୍ଷତା ଏବଂ ଶ୍ରମକୁ ପୂଜା କରାଯାଏ। ଏହି ଅବସରରେ ସେ ୧୦ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ପାଣ୍ଠି ହସ୍ତାନ୍ତର

➪ପୃଷ୍ଠା-୬

## ଗୃହ ପ୍ରବେଶ କରାଇଲେ

ଭୁବନେଶ୍ୱର ବିମାନବନ୍ଦରରେ ପୂର୍ବାହ୍ନ ୧୦ଟା୫୦ ମିନିଟ୍‌ରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଠାରୁ ସିଧା ଗାଡ଼କଣାରେ ପହଞ୍ଚି ଆବାସ ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଓ ନିଜ ଜନ୍ମଦିନ ପାଳିଛନ୍ତି। ଏଥିସହ କ୍ଷୀରି ମଧ୍ୟ ଖାଇଛନ୍ତି ପ୍ରଧାନମନ୍ତ୍ରୀ। ସେଠାରେ ମୋଦି ଆବାସ ଯୋଜନାର ୨୦ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଛନ୍ତି। ମୋଦିଙ୍କୁ ସ୍ୱାଗତ କରିବାକୁ ଗାଡ଼କଣବାସୀ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥିଲେ। ଲୋକେ ଘର ସଜାଇଥିବା ବେଳେ ଘର ଦୁଆର ମୁହଁରେ କଳସ ବସାଇଥିଲେ।




## ନେହରୁଙ୍କ ରେକର୍ଡର ସମକକ୍ଷ

ଜନ୍ମ ଦିନରେ ଏକାଧିକ ରେକର୍ଡର ସମକକ୍ଷ ହୋଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଲଗାତାର ତୃତୀୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ହୋଇ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୨୦୧୪ ମେ ୨୬ ୧୪ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ମୋଦି। ଉତ୍ତର ପ୍ରଦେଶର ବାରାଣସୀ ସଂସଦୀୟ କ୍ଷେତ୍ରରୁ ଲଗାତାର ତିନିଥର ନିର୍ବାଚିତ ହୋଇ ଭାରତର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ଆର୍ଥିକ ପ୍ରଗତିରେ ନୂଆ ସ୍ଥାନ ସୃଷ୍ଟି କରିପାରିଛି। ଜଣେ ଚା' ବିକାଳିରୁ ଭାରତ ଭଳି ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ

➪ପୃଷ୍ଠା-୬

## କ୍ଷୀରି ଖାଇଲେ

ଗାଡ଼କଣରେ ପ୍ରଧାନମନ୍ତ୍ରୀ ପିଏମ୍ ଆବାସ ଯୋଜନାର ହିତାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ବୋହୂ ସାଧବୀ ପ୍ରସ୍ତୁତ କରିଥିବା କ୍ଷୀରି ଖାଇଛନ୍ତି। ମୋଦି କିଛି ସମୟ ପାଇଁ ଅନ୍ତର୍ଯ୍ୟାମୀଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ଛୋଟ ଛୁଆଙ୍କ ମୁଣ୍ଡରେ ହାତ ମାରିଥିଲେ। ସେଠାରେ ସେ ପୂଜାର୍ଚ୍ଚନା ବି କରିଥିଲେ। ସେଠାରୁ ଜନତା ମଇଦାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ କାର୍ଯ୍ୟକାଳର ୧୦୦ ଦିନ ପୂରଣ ହୋଇଛି । ଏହି ଦିନ ମଧ୍ୟରେ ଦେଶ ଓ ବିଶ୍ୱ କ୍ଷେତ୍ରରେ ମୋଦୀଙ୍କ କାର୍ଯ୍ୟଦକ୍ଷତାକୁ ଦେଶ ଆଗରେ ପ୍ରକାଶ କରିଥିବା କହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ।

## ଟ୍ରେଣ୍ଡିଂ ନ୍ୟୁଜ୍

- ଆଜି ଜାମ୍ମୁ-କାଶ୍ମୀରରେ ପ୍ରଥମ ପର୍ଯ୍ୟାୟ ଭୋଟ। ୨୪ ଆସନରେ ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ପ୍ରାୟ ୨୩ ଲକ୍ଷ ମତଦାତା।
- ମହିଳା ଡାକ୍ତରଙ୍କୁ ରାତି ଡ୍ୟୁଟି ନ ଦେବା ଲାଗି ପଶ୍ଚିମବଙ୍ଗ ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମ କୋର୍ଟଙ୍କ ନାପସନ୍ଦ। ସରକାର ମହିଳା ଡାକ୍ତରଙ୍କ ନାଇଟ୍ ସିଫ୍ଟ ବନ୍ଦ କରିପାରିବେନି ବୋଲି କହିଲେ।
- ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜୁନିଅର ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡିଏମ୍‌ଇ ଡା. କୌସ୍ତୁଭ ନାୟକ ଓ ଡା. ଦେବାଶିଷ ହାଲଦାରଙ୍କୁ ହଟାଇଲେ।
- ଦିଲ୍ଲୀର ଭାବି ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିରୋଧରେ ମନ୍ତବ୍ୟ ଦେବାରୁ ଆପ୍ ନିଜ ଦଳର ରାଜ୍ୟସଭା ସଦସ୍ୟ ସ୍ୱାତୀ ମାଲିୱାଲଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଲା।
- ଭାରତରେ ବାର୍ଷିକ ୧୦ କୋଟିରୁ ଅଧିକ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୬୩% ବୃଦ୍ଧି ଘଟିଥିବା ସେଣ୍ଟ୍ରମ୍ ଇନଷ୍ଟିଚ୍ୟୁସନାଲ ରିସର୍ଚ୍ଚ ରିପୋର୍ଟ କରିଛି।
- ବାନପାର୍ଥୀର ଏକ ବହୁ ପୁରାତନ ମନ୍ଦିରରେ ବି-ଟାଉନର ଲଭ୍ ବାର୍ଡ ତଥା ଅଭିନେତ୍ରୀ ଅଦିତି ରାଓ ହେଦରୀ ଓ ସାଉଥ୍ ଅଭିନେତା ସିଦ୍ଧାର୍ଥ ନାରାୟଣ।
- ବିହାର ଜାମୁଇ ଜିଲ୍ଲାର ଜଣେ ଯୁବ କମ୍ପ୍ୟୁଟର ଇଞ୍ଜିନିୟର ଅଭିଷେକ କୁମାରଙ୍କୁ ବାର୍ଷିକ ୨ କୋଟି ଟଙ୍କାର ପ୍ୟାକେଜରେ ଗୁଗଲରେ ଚାକିରି ପାଇଲେ।
- ମୟୂରଭଞ୍ଜ ଜିଲ୍ଲାର କଳାବାଡିଆ ଠାରେ ୧୨୦ ଲିଟର ବେଆଇନ କଫ ସିରପ ଜବତ ଓ ଶ୍ରବଣ ମାଝୀ ନାମକ ଯୁବକକୁ ଗିରଫ କଲା ଅବକାରୀ ଟିମ୍।
- ଜଣାଶୁଣା ଗାନ୍ଧୀବାଦୀ ସମାଜସେବୀ ଆଦିତ୍ୟ ପଟ୍ଟନାୟକ ହେଲେ ସର୍ବଭାରତୀୟ ଗାନ୍ଧୀବାଦୀ ସଂଗଠନ 'ସର୍ବ ସେବା ସଂଘ'ର ଅଧ୍ୟକ୍ଷ।

## ସନ୍ୟାସୀ ଅଚ୍ୟୁତଙ୍କ ଗେରୁଆ ପ୍ରେମ

**ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ):** ରାଜନୀତିରୁ ସନ୍ୟାସ ଘୋଷଣା ସହିତ ଲଣ୍ଡାହୋଇ ପଡିଥିବା ପୂର୍ବତନ ବିଜେଡି ସାଂସଦ ଅଚ୍ୟୁତ ସାମନ୍ତ ଆଜି ସୁଭ୍ରଦା ଯୋଜନାର ବଡ ପ୍ରଶଂସକ ପାଲଟିଛନ୍ତି। ଏଭଳି ପ୍ରଶଂସା କରିଛନ୍ତି ଯେ ବିଜେପିର କୌଣସି ପ୍ରଶଂସକ ବି ଏହି ଦୌଡରେ ପଛରେ ପଡିଯିବେ । ଅଚ୍ୟୁତଙ୍କର ହଠାତ୍ ଏଭଳି ଗେରୁଆ ପ୍ରେମ କେବଳ ବିଜେଡିକୁ ହତ ଚକିତ କରିନାହିଁ ବିଜେପି ନେତାଙ୍କୁ ବି ଆଶ୍ଚର୍ଯ୍ୟ କରିଦେଇଛି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜଧାନୀରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ପରେ ପରେ କାଳ ବିଳମ୍ବ

➪ପୃଷ୍ଠା-୬


ସୁଭଦ୍ରା ଆଢୁଆଳରେ ବିଜେପିର ନିକଟତର


Achyuta Samanta @ac... · 7h
Thank you Hon'ble PM Shri @narendramodi Ji and CM Shri @MohanMOdisha Ji for launching the SUBHADRA Yojna. This scheme is even more special as it will be launched by the PM on his birthday. This initiative will significantly boost women empowerment..
1/2

CMO Odisha @CM... · 8h
'ସୁଭଦ୍ରା' ଯୋଜନା ସହାୟତା ରାଶି ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ @narendramodi। #SubhadraYojana #ସୁଭଦ୍ରା #ବିକଶିତଓଡ଼ିଶା...

41 148 338 12.9K

Achyuta Samanta @ac... · 7h
2/2
and ensure financial independence for our Nari Shakti. Gratitude from the people of Odisha.
Jai Jagannath!

7 89 123 1.8K

### ସିପି ପଣ୍ଡା ସାହେବ ଓ ଟିମ୍ ମୁହଁରେ ଲାଗିଲା କଳା

## ମେଜରଙ୍କୁ ମାଡ଼ମାରି କାଠଗଡ଼ାରେ କମିସନରେଟ୍ ପୁଲିସ

**ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ):** ୱି କେୟାର ୱି ଡେୟାର ସ୍ଲୋଗାନର ଉଡ଼ିଲା ଧଜ୍ଜିଆ । କମିଶନରେଟ ପୋଲିସର ଛବି ଖରାପ କଲା ଭରତପୁର ଥାନା। ଏତଲାକାରୀଙ୍କୁ ଥାର୍ଡ ଡିଗ୍ରୀ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଆରମ୍ଭ। ନ୍ୟାୟ ପାଇବା ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହେଲେ ମେଜର। ରକ୍ତମୁଖା ପାଲଟିଲା ପୋଲିସ। ଏତଲାକାରୀଙ୍କୁ ଅଭିଯୁକ୍ତ ଦର୍ଶାଇ କଲା କୋର୍ଟଚାଲାଣ। ଇଣ୍ଡିଆନ ମିଲିଟାରୀ ପକ୍ଷରୁ ସୋସିଆଲ ମିଡିଆରେ ଡିଜିପିଙ୍କୁ ଏଭଳି ଅଭିଯୋଗ ଜଣାଯାଇଥିଲା। ଏହାପରେ ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ ମାଡ଼ ମାରିବା ଘଟଣାର ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଛି। ଆଜି ଭରତପୁର ଥାନାରେ ମାମଲା ସମ୍ପର୍କିତ କାଗଜପତ୍ର ନିଜ ଅଧିନକୁ ନେବା ସହ ପୋଲିସ ଅଧିକାରୀଙ୍କୁ ଜେରା କରିଛି କ୍ରାଇମବ୍ରାଞ୍ଚ। ଥାନାଧିକାରୀଙ୍କ ସମେତ ଘଟଣା ଦିନ ଉପସ୍ଥିତ ଥିବା ଡିସିଓଙ୍କୁ

➪ପୃଷ୍ଠା-୬




- କ୍ରାଇମବ୍ରାଞ୍ଚ ଓ ଏନଏଚଆରସିରେ ମାମଲା ରୁଜୁ
- ସାରା ଦେଶରେ ପୋଲିସର ଆକ୍ରୋଶକୁ ନିନ୍ଦା
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଥାନା କ୍ୟାମ୍ପସରେ ଲାଗିନଥିଲା ସିସିଟିଭି

## ପରିବାର ସଦସ୍ୟଙ୍କୁ କରିଦେଲେ ପର

**ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ):** ଓଡିଶାର ସାଢେ ଚାରି କୋଟି ଲୋକ ମୋ ପରିବାରର ସଦ୍ୟ । ସମସ୍ତଙ୍କ ଦାୟିତ୍ୱ ମୋର। ଏଭଳି ମନଲୋଭା କଥା କହି ସରଳ ଓଡିଆ ଲୋକଙ୍କୁ ଭୋଟ ମାଗିବା ସହିତ ଓଡିଶା ମୋ ପରିବାର ନାମରେ ସଂସ୍ଥାଟିଏ ଗଠନ କରିଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ । ସରକାରୀ ଚାକିରି ଛାଡି ରାଜନୀତିକୁ କୁଦା ମାରିଥିବା ପାଣ୍ଡିଆନ ବି ଓଡିଶାବାସୀ ନବୀନଙ୍କ ପରିବାରର ସଦସ୍ୟ ବୋଲି କହି ବୁଲିଥିଲେ। ପରିବାର ମୁଖିଆଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ବହୁ ଲୋକେ ବି ନିଜକୁ ନବୀନଙ୍କ ପରିବାରର ସଦସ୍ୟ ବୋଲି ଭାବିନେଲେ। ହେଲେ ନିର୍ବାଚନରେ ପରାଜୟ ପରେ ଜୁନ୍ ୪ ତାରିଖ ପରଠାରୁ ନବୀନ ପଟ୍ଟନାୟକ ତାଙ୍କର ପରିବାରକୁ ପର ଦେଇଛନ୍ତି। ଗଠନ ହୋଇଥିବା ଓଡିଶା ମୋ ପରିବାର ଛାରଖାର ହୋଇଯାଇଛି । ଏଠାରେ କାର୍ଯ୍ୟରତ ପରିବାରର ସଦସ୍ୟମାନେ ଏବେ ବେକାର। ବାକିଆ ପାଉଣା ବି ପାଉ ନାହାନ୍ତି। ଏଣେ ତେଣେ ବୁଲୁଛନ୍ତି । ପରିବାରର ମୁରବୀମାନେ ବି ସେମାନଙ୍କୁ ଆଉ ଧରାଛୁଆଁ ଦେଉ ନାହାନ୍ତି ।

ଓଡିଶା ମୋ ପରିବାରକୁ ବଡ ଧୂମ୍‌ଧାମ୍‌ରେ ଆରମ୍ଭ କରାଯିବା ସହିତ ସରକାରୀ ସଂସ୍ଥାଭଳି ଏହାକୁ ଚଳାଯାଉଥିଲା । ଏହା ଜରିଆରେ ଜୀବନବିନ୍ଦୁ ଭଳି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ଚଳାଯାଉଥିଲା। ୪୧ମାସରେ ୪ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରିଛି ବୋଲି ଓଡିଶା ମୋ ପରିବାର ଦାବି କରିଥିଲା । ଏହାଛଡା ଓଡିଶା ବାହାରେ ସମସ୍ୟାରେ ପଡୁଥିବା ଓଡିଆଙ୍କୁ ଫେରାଇ ଆଣିବାରେ ବି ଓଡିଶା ମୋ ପରିବାର ବିଶେଷ ଭୂମିକା ରହିଥିଲା । ବିଜେଡି ଏହି ସଂସ୍ଥାକୁ ଏକ ପ୍ରକାର ବ୍ରାଣ୍ଡିଂ କରିଦେଇଥିଲା। ପ୍ରତିଟି କାର୍ଯ୍ୟକ୍ରମର ଗଣମାଧ୍ୟମରେ ଜୋରଦାର ପ୍ରଚାର କରାଯାଉଥିଲା ।

ତେବେ ନିର୍ବାଚନ ହାରିଯିବା ପରେ ନବୀନ କିଭଳି ପରିବାର ସଦସ୍ୟଙ୍କୁ ପର କରିଦେଲେ ତାହା ଏବେ ଓଡିଶାବାସୀ ବିଶେଷକରି ନିଜକୁ ନବୀନଙ୍କ ପରିବାରର ସଦସ୍ୟ କହି ଗର୍ବ କରୁଥିବା ଲୋବେ ବୁଝିପାରୁ ନାହାନ୍ତି । କାହାକୁ ପଚାରିବେ ତାହା ବି ଜାଣିପାରୁ ନାହାନ୍ତି । କାରଣ ଦୁଇଜଣ ଲୋକ ଏହାକୁ ଜୋରସୋରରେ ପ୍ରଚାର କରୁଥିଲେ। ଜଣେ ହେଲେ ନବୀନ ପଟ୍ଟନାୟକ ଓ ଆଉ ଜଣେ ପାଣ୍ଡିଆନ। ନବୀନଙ୍କୁ ପ୍ରଶ୍ନ ପଚାରିବା ସମ୍ଭବ ନୁହେଁ । କାରଣ ସିଏ ଏବେ ବି ସୁରକ୍ଷା ବଳୟରେ । ଅନ୍ୟ ପଟେ ନିର୍ବାଚନ ହାରିବା ପରେ ରାଜନୀତିରୁ ସନ୍ୟାସ ନେଇଥିବା ପାଣ୍ଡିଆନଙ୍କ ଦେଖାଦର୍ଶନ

➪ପୃଷ୍ଠା-୬






### ଛାରଖାର ପରିବାର, ଛୁଆପିଲା ହରବର

## ଅକ୍ଟୋବର ପହିଲା ଯାଏଁ ବୁଲଡୋଜର ଉପରେ ରୋକ୍

**ନୂଆଦିଲ୍ଲୀ, ୧୭।୯:** ବ୍ୟକ୍ତିଗତ ଘର କିମ୍ବା କାର୍ଯ୍ୟାନୁଷ୍ଠାନ ଉପରେ ଆଉ ବୁଲି ପାରିବନି ବୁଲଡୋଜର। ଅକ୍ଟୋବର ୧ ପର୍ଯ୍ୟନ୍ତ ସମଗ୍ର ଦେଶ୍ରରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ବିଭିନ୍ନ କାରଣକୁ ନେଇ ଉତ୍ତରପ୍ରଦେଶ ତଥା ଅନ୍ୟାନ୍ୟ ରାଜ୍ୟରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲା। ଏହା ବିରୋଧରେ ଜମିୟତ ଉଲେମା-ଇ-ହିନ୍ଦ ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଆଜି ସର୍ବୋଚ୍ଚ ଅଦାଲତ ଏ ଉପରେ ଶୁଣାଣି କରି ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ନ

➪ପୃଷ୍ଠା-୬

### ସେପ୍ଟେମ୍ବର ୨୭ରେ ଅନାସ୍ଥା ଭୋଟ

## ଆନ୍ଦୋଳନ ପରେ ବିଜ୍ଞପ୍ତି ପ୍ରକାଶ କଲେ ଜିଲ୍ଲାପାଳ

**ନୟାଗଡ଼,୧୭।୯ (ସଂଚାର ବ୍ୟୁରୋ):** ଅନାସ୍ଥାକୁ ନେଇ ହଟଚମଟ ଖଣ୍ଡପଡ଼ା । ଆଜିର ବାତିଲ ପରେ ଅନାସ୍ଥା ହେବ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଥିଲେ ଖଣ୍ଡପଡ଼ା ସହରବାସୀ । ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ସଠିକ ସମୟରେ ଅନୁପସ୍ଥିତ ଥିବାରୁ ହେବାକୁ ଥିବା ଅନାସ୍ଥା ଭୋଟକୁ ବାତିଲ କରାଯାଇଥିଲା। ଯାହାକୁ କିଛି ସମୟ ଧରି କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଆଣିଥିବା କାଉନସିଲର ମାନେ ଆନ୍ଦୋଳନ କରିଥିଲେ । ପରବର୍ତ୍ତୀ ସମୟରେ ଉପ ଜିଲ୍ଲାପାଳ, ଖଣ୍ଡପଡା ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ଓ ଆଉ ଥରେ ଅନାସ୍ଥା ହେବାକୁ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବା ପ୍ରତିଶୃତି ପରେ ଆନ୍ଦୋଳନରୁ ଓହରିଥିଲେ କାଉନସିଲର । ତେବେ ଏସବୁ ପରେ ନୟାଗଡ଼ ଜିଲ୍ଲାପାଳ ପୁନଃ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଚଳିତ ମାସ



୨୭ତାରିଖରେ ପୁଣି ଥରେ ଅଧ୍ୟକ୍ଷା ପଦ ପାଇଁ ଅନାସ୍ଥା ଭୋଟ କରାଯିବ ବୋଲି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ବିଜ୍ଞପ୍ତି ଜାରି କରିଛନ୍ତି । ଯାହାଫଳରେ ଖଣ୍ଡପଡ଼ା ସହରବାସୀଙ୍କ ମନରେ ଦେଖାଦେଇଥିବା ସନ୍ଦେହ ଏକ ପ୍ରକାର ଦୂର ହୋଇଛି ।



## ସାତଖଣ୍ଡ ଗାଁର ଚାଷ ଧୋଇନେଲା ବନ୍ୟା

**ବୈସିଙ୍ଗା,୧୭।୯ (ସଂଚାର ବ୍ୟୁରୋ):** ଚଳିତ ଲଘୁଚାପ ଜନିତ ବର୍ଷା ଧାନ ଚାଷ ପାଇଁ ଯେତିକି ବରଦାନ ସାଜିଛି ତା ଠାରୁ ବହୁ ସ୍ଥାନରେ ଜଳ ସ୍ରୋତ ଧାନ କିଆରୀ ଧୋଇ ନେଇ ଯାଇଛି । ବୈସିଙ୍ଗା ଥାନା ଅନ୍ତର୍ଗତ ମେରଦା ପଞ୍ଚାୟତ ମଧ୍ୟ ଦେଇ ବହି ଯାଇଥିବା ବାଉଁଶ ନଦୀରେ ପ୍ରବଳ ବନ୍ୟା ପାଣି ଆସିବା ଯୋଗୁଁ ନଦୀର ଉଭୟ ପାର୍ଶ୍ୱରେ ଥିବା ସହ ସହ ଏକର ଚାଷ ଜମି ତିନି ଦିନ ଧରି ଜଳ ମଗ୍ନ ହୋଇ ରହିଥିବା ସହିତ ବହୁ ଜମିର ଧାନ ଗଛ ଧୋଇ ନେଇ ଯାଇଥିବାର ଜଣା ପଡ଼ିଛି । ମେର୍ଦା ପଞ୍ଚାୟତ ର ବର୍ତ୍ତନା,ସାତ ପୌଟିଆ, ଡାହି ସାହି,ବାଇଦପୂର୍,ରଙ୍ଗଡା,ରାଇକମା ପ୍ରମୁଖ ଗ୍ରାମର ଚାଷୀ ମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଥିବାର ଅଭିଯୋଗ କରିଚନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ କୂଳ ଦାବି କରିଛନ୍ତି ।

## ଯାଜପୁରରେ ସୁଭଦ୍ରା ଯୋଜନା ଶୁଭାରମ୍ଭ

**ଯାଜପୁର,୧୭।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆଜି ସୁଭଦ୍ରା ଯୋଜନାର ଶୁଭରମ୍ଭ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରପାଳିକାରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକ ଓ ଯାଜପୁର ମ୍ୟୁନିସିପାଲିଟି ପାଇଁ ସ୍ଥାନୀୟ ଏନ. ସି. କଲେଜରେ ମହାସମାରୋହରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯାଜପୁର ବ୍ଲକର ୧୦ ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୩୫ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଆବାସ ଯୋଜନା ସଂପୂର୍ଣ୍ଣ ହୋଇସାରିଥିବା ୦୨ ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପାଇଁ ଜିଲ୍ଲାପାଳ ଚାବି ପ୍ରଦାନ କରିଥିଲେ ।

## ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର

**ବଲାଙ୍ଗିର,୧୭।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତି ଭବନ ସଭା ଗୃହରେ ସହରର ସ୍ୱଳ୍ପ ସଂଚୟ ଜମାକାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିରରେ ବଲାଙ୍ଗିର ସଂଚୟ ଓ ଆର୍ଥିକ ସେବା ସ୍ୱତନ୍ତ୍ର କାର୍ଯ୍ୟରତ ସହ-ନିର୍ଦ୍ଦେଶକ ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭ ସଂସ୍କୃତି ଭବନ ପରିସରରେ ଏକ ଅଁଳା ବୃକ୍ଷରୋପଣରୁ ହୋଇଥିଲା । ଉକ୍ତ ଶିବିରରେ ବଲାଙ୍ଗିର ସାଇବର ଅପରାଧ ଓ ଅର୍ଥନୈତିକ ଅବରୋଧ ପିଏସ୍ର ଥାନା ଅଧିକାରୀ ଶ୍ରୀମତୀ ଭାରତୀ ନାୟକ ବିଭିନ୍ନ କିସମର ସାଇବର ଠକାମୀ ଉପରେ ଉପସ୍ଥିତ ଶ୍ରୋତା ମଣ୍ଡଳୀଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ସଚେତନ କରାଇଥିଲେ । ମୁଖ୍ୟ ଡାକଘରର ବାଣିଜ୍ୟ ଅଧିକାରୀ ମହେଶ୍ୱର ସେନାପତି, ପି.ଏଲ୍. ଆଇ ଉନ୍ନୟନ ଅଧିକାରୀ ଅଭିଳାଷ ପଣ୍ଡା, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆର୍ଥିକ ସାକ୍ଷରତା ପରାମର୍ଶଦାତା ଗୋପବନ୍ଧୁ ଜଗଦଳ, ପି. ଏଲ୍. ଆଇ ଅବସରପ୍ରାପ୍ତ ବାଣିଜ୍ୟ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ରସରାଜ ଅଚ୍ୟୁତ ପୁରୋହିତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆୟୋଜିତ ଶିବିରରେ ମଂଚାସୀନ ଅଧିକାରୀ ବୃନ୍ଦ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ସୁରକ୍ଷିତ ସଂଚୟର ଆବଶ୍ୟକତା, ବିଭିନ୍ନ ସୁରକ୍ଷିତ ସଂଚୟ /



ବୀମା ଯୋଜନା, ଆର୍ଥିକ ଠକାମୀ, ଆର୍ଥିକ ସାଇବର ଠକାମୀ ଓ ଡିଜିଟାଲ ନେଣଦେଣ ଉପରେ ଆଲୋକପାତ କରି ସୁରକ୍ଷିତ ଭବିଷ୍ୟତ ପାଇଁ ସୁରକ୍ଷିତ ସଂଚୟ କରିବା ପାଇଁ ଶ୍ରୋତାମାନଙ୍କୁ ପ୍ରବର୍ତ୍ତାଇଥିଲେ । ଶିବିରରେ ଉପସ୍ଥିତ ସଦ୍ୟସମାନେ ନିଜର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ମତ ଦେଇଥିଲେ । ଆୟୋଜିତ ଶିବିରରେ ବଲାଙ୍ଗିର ସହରର ପ୍ରାୟ ୧୦୦ରୁ ଅଧିକ ଜମାକାରୀ ଓ ଚାଳିଶରୁ ଅଧିକ ସ୍ୱଳ୍ପ ସଂଚୟ ଅଭିକର୍ତ୍ତା ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ପାରସ୍ପରିକ ଆଲୋଚନା ହୋଇଥିଲା । ଉପସ୍ଥିତ ଜମାକାରୀମାନେ ସ୍ୱଳ୍ପ ସଂଚୟ ଅଭିକର୍ତ୍ତାମାନଙ୍କ ସେବାରେ ସନ୍ତୁଷ୍ଟି ପ୍ରକାଶ କରିଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ସାଂଗ ହୋଇଥିଲା ।

## ସୁଭଦ୍ରା ଯୋଜନା ପାଇଁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ

**କଳାହାଣ୍ଡି,୧୭।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମହିଳା ମାନଙ୍କର ସଶକ୍ତିକରଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଯୋଜନା ସୁଭଦ୍ରାର ଆଜି ଶୁଭାରମ୍ଭ ହୋଇଯାଇଛି। ଭୁବନେଶ୍ୱର ଜନତା ମଇଦାନରେ ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହ ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲା ର ସମସ୍ତ ବ୍ଲକ ସହିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ସିଧାପ୍ରସାରଣ ସଂଯୋଗ କରାଯାଇଥିଲା ଏବଂ ବିଭିନ୍ନ କାର୍ଯ୍ୟକ୍ର ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଆର. ଏମ ସି, ଭବାନୀପାଟଣା ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାୱାର ସଚିନ ପ୍ରକାଶ ଜିଲ୍ଲାପାଳ, କଳାହାଣ୍ଡି ଯୋଗଦେଇ ସୁଭଦ୍ରା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟ ଶଙ୍କର ନାୟକ,ସାଂସଦ ଲୋକସଭା, କଳାହାଣ୍ଡିଙ୍କ ପ୍ରତିନିଧି, ଦୟାମୟ ପାଢ଼ୀ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କଳାହାଣ୍ଡି, ପ୍ରଫୁଲ୍ଲ କୁମାର ସାହୁ,ବ୍ଲକ ଅଧ୍ୟକ୍ଷ, ବ୍ଲକ ଉପାଧ୍ୟକ୍ଷା, ମୁଜୁବିନ ନିଶା,ଡି ଏସ ଡବ୍ଲୁ ଓ, ଉପସ୍ଥିତ ଥିଲେ।। ଏହି କାର୍ଯ୍ୟକ୍ରମ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛତା ଶପଥ ପାଠ କରାଯିବା ସହ ୨୦ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଗୃହ ପ୍ରବେଶ ହେଇଥିଲା ଏବଂ ୨୦ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପଙ୍କଜିନୀ ତରାସିଆ, ବି ପି ଏମ, ଓଡିଶା ଜୀବିକା ମିଶନ,ଭବାନୀପାଟଣା ମଞ୍ଚ ପରିଚାଳନା କରିଥିଲେ। ୩୬ଗ୍ରାମ ପଂଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟା / ସଭ୍ୟ, ପାଖାପାଖି ୩୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଆଶା, ଅଙ୍ଗନବାଡି କର୍ମୀ, ଏମ ବି କେ, ସି ଆର ପି -ସି ଏମ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ମାନ୍ୟବର ପ୍ରଧାନମନ୍ତ୍ରୀ ମହୋଦୟଙ୍କୁ ସୁଭଦ୍ରା ଯୋଜନା ଶୁଭାରମ୍ଭ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଗୁଜରାଟରୁ ଫେରିବା ବେଳେ କମଳାକାନ୍ତ ନିଖୋଜ

**ରାଜନଗର,୧୭।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଉପକୂଳବର୍ତ୍ତୀ ରାଜନଗର ବ୍ଲକର ଶହଶହ ଯୁବକ ପରିବାର ପ୍ରତିପୋଷଣ ନିମିତ କାମ ଅନ୍ୱେଷଣରେ ଭିଟାମାଟି ଛାଡି ଦେଶ ଠାରୁ ବିଦେଶ ପର୍ଯ୍ୟନ୍ତ ସବୁଠି ଦାଦନ ଜୀବନ ବିତାଉଛନ୍ତି । ଅନେକ ସମୟରେ ଏହି ଦାଦନମାନେ ନିଜ କର୍ମଭୂମିରେ କାମ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି ତ, ଅନେକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି। ଆଉ କେତେକ ଯୁବକ ବିଦେଶରେ ଦାଦନ ଖଟୁଥିବା ସମୟରେ ସେମାନଙ୍କ ଠିକଣା ହଜାଇ ଦେଉଛନ୍ତି । ଏମିତି ଏକ ଅଭାନୀୟ ଘଟଣା ସାମ୍ନାକୁ ଆସିଛି, ଯେଉଁଠି ଯୁବକ ଜଣଙ୍କ ଗୁଜୁରାଟରୁ ଭୁବନେଶ୍ୱର ଆସିବା ବାଟରେ ୪ଦିନ ହେଲା ନିଖୋଜ ହୋଇଯାଇଛନ୍ତି । ଯାହାକୁ ନେଇ ତାଙ୍କ ପରିବାର ଲୋକଙ୍କ ଆଶଙ୍କା ଭିତରେ ଦିନ ଗଣୁଛନ୍ତି । ନିଖୋଜ ପୁଅ କେବେ ଘରକୁ ଫେରିବ ପରିବାର ଲୋକେ ଦିନ ଗଣୁଛନ୍ତି ।

ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ପଂଚାୟତ ବଳରାମପୁର ଗାଁର କୃପାସିନ୍ଧୁ ବେହେରାଙ୍କ ପୁଅ କମଳାକାନ୍ତ (୩୨ବର୍ଷ) କାମଧନ୍ଦା ନପାଇ ରାଜ୍ୟ ବାହାରେ କାମ କରନ୍ତି। ୪ମାସ ତଳେ ଗୁଜୁରାଟରେ ପ୍ଲାଏଉଡ



କାରଖାନାରେ କାମ କରିବାକୁ ଯାଇଥିଲେ। ଚଳିତମାସ ୧୨ ତାରିଖ ଦିନ ଗୁଜୁରାଟରୁ ଭାଲସାଦ ପୁରୀ ଏକ୍ସପ୍ରେସରେ ଭୂବନେଶ୍ୱର ଆସୁଥିଲେ। ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇ ଘରକୁ ଅସିଥାନ୍ତେ । ୧୪ ତାରିଖ ଦିନ ସକାଳେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇଥାନ୍ତେ। ଟ୍ରେନରେ ବସିବାର ଫଟୋ ଘରକୁ ପଠାଇଥିବା ବେଳେ ୧୪ ତାରିଖ ଦିନ ସକାଳେ ପ୍ଲାଟଫର୍ମରେ ଚାଲୁଥିବା ସମୟରେ ଘରକୁ ଭିଡିଓ କଲ କରିଥିଲେ। ପତ୍ନୀ ଭିଡିଓ କଲ ଉଠାଇ କଥା ଆରମ୍ଭ କରିବା ମାତ୍ରେ ଫୋନଟି କଟିଯାଇଥିଲା । ତା'ପରଠୁଁ

**ଦାଦନର ଅସରନ୍ତି ଦୁଃଖ**

କମଳାକାନ୍ତଙ୍କ ଫୋନ ସୁଇଚଅଫ୍ ଥିବାବେଳେ ସେ ଆଜିଯାଏଁ ଘରକୁ ଫେରିନାହାଁନ୍ତି । ୧୪ ତାରିଖ ଦିନ ସକାଳେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇବା କଥା । ସେଦିନ ସେ ପତ୍ନୀଙ୍କ ସହ ଭିଡିଓକଲରେ ଭୁବନେଶ୍ୱର ଷ୍ଟେସନରୁ ନାଁ ଅନ୍ୟ କେଉଁ ଷ୍ଟେସନର ପ୍ଲାଟଫର୍ମରୁ କଥା ହେଉଥିଲେ, ତାହା ସ୍ପଷ୍ଟ ହୋଇନି । ଯଦି ଭୁବନେଶ୍ୱରରେ ଓହ୍ଲାଇ ସାରିଥିଲେ, ୧୪୦ କିମି ଦୂର ଘରକୁ ୪ଦିନ ହେଲା ଫେରିନାହାଁନ୍ତି କାହିଁକି ? ତାଙ୍କର ଫୋନ ୪ଦିନ ହେଲା ସୁଇଚଅଫ୍ ଥିବାରୁ ପରିବାରରେ ଚୂଲି ଜଳୁନି । ପରିବାର ଲୋକେ ଖୋଜାଖୋଜି କରିବା ପରେ ନପାଇ ଆଜି ରାଜନଗର ଥାନାରେ ପହଁଚିଥିଲେ। ଜିଆରପି ଥାନାରେ ଅଭିଯୋଗ କରିବାକୁ ପୁଲିସ ତାଙ୍କୁ ପରାମର୍ଶ ଦେଇଛି ।

ସେ ଗୁଜୁରାଟରୁ ଏକା ଘରକୁ ଫେରୁଥିବା ବେଳେ କଳାରଂଗର ଏୟାର ବ୍ୟାଗ ସାଙ୍ଗରେ ଥିଲା । ସେ ୪ଦିନ ହେଲା କୁଆଡେ ଗଲେ ? ତାଙ୍କ ଫୋନ କାହିଁକି ସୁଇଚ୍ ଅଫ ଅଛି, ନାଁ ରେଲୱେ ଷ୍ଟେସନରୁ ତାଙ୍କୁ କିଏ ଅପହରଣ କରିଛି, ନାଁ ଅନ୍ୟ କିଛି କାରଣ ରହିଛି, ତାହା ଏଯାଏଁ ସ୍ପଷ୍ଟ ହୋଇନି । ୧୪ ତାରିଖ ଦିନ ସକାଳେ ଭୂବନେଶ୍ୱରରେ ଓହ୍ଲାଇ ଥାନ୍ତେ, ସେହି ସମୟରେ ପତ୍ନୀଙ୍କୁ ପ୍ଲାଟଫର୍ମରେ ଚାଲୁଥିବାର ଭିଡିଓ କଲ କରିଥିବାରୁ ଭୂବନେଶ୍ୱରରେ କିଛି ଅଘଟଣ ଘଟିଥିବା ନେଇ ପରିବାର ଲୋକେ ସନ୍ଦେହ କରୁଛନ୍ତି ।




## ବ୍ୟାଟେରୀ ଚୋର ଗିରଫ

**ବ୍ରହ୍ମପୁର,୧୭।୯ (ସଂଚାର ବ୍ୟୁରୋ):** ଗୋଲନ୍ଥରା ପୋଲିସ ୫ ଜଣ ବ୍ୟାଟେରୀ ଚୋରକୁ ଗିରଫ କରିଛି । ଭିନ୍ନ ଭିନ୍ନ କମ୍ପାନୀର ବ୍ୟାଟେରୀ ଜବତ କରିଛି । ଗୋଲନ୍ଥରା ଥାନା ଅଂଚଳର ରାଜା ପ୍ରଧାନ, ଶ୍ରୀ ରାମ ଦାସ, ଏମ ମହେନ୍ଦ୍ର ପାତ୍ର, ଚମାଖଣ୍ଡି ଥାନା ଅଞ୍ଚଳର ଶିବ ପ୍ରଧାନ, ସଦର ଅଞ୍ଚଳର ଅକ୍ଷୟ ପ୍ରଧାନକୁ ଗିରଫ କରାଯାଇଛି ।

## କେନ୍ଦ୍ରାପଡ଼ାରେ ଉଡିଲା ପାଲେଷ୍ଟାଇନ ପତାକା

**କେନ୍ଦ୍ରାପଡ଼ା,୧୭।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରରେ ମହମଦ ଜୟନ୍ତୀ ଉପଲକ୍ଷେ ପାଲେଷ୍ଟାଇନ ପତାକାକୁ ସଂଖ୍ୟାଲଘୁ ସମ୍ପ୍ରଦାୟର କିଛି ଯୁବକ ଉଡେଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବିଭିନ୍ନ ମହଲରେ ପତିକ୍ରିୟା ଦେଖିବାକୁ ମିଳିଛି। ମହମଦଙ୍କ ଜୟନ୍ତୀରେ ଏକ ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡରୁ ବାହାରି ନୂଆ ବସଷ୍ଟାଣ୍ଡ ଦେଇ ଇଦଘା ପଡିଆକୁ ଯାଇଥିଲା। ଏହି ଧର୍ମୀୟ ଶୋଭାଯାତ୍ରାରେ ଭଗବାନଙ୍କ ମନ୍ତ୍ର ପାଠ ସହ ଶାନ୍ତି ଶୃଙ୍ଖଳାରେ ଯାଇ ଏକ ଧର୍ମୀୟ ସଭାରେ ଯୋଗଦେଇଥିଲେ। କିନ୍ତୁ ପୁରୁଣା ବସଷ୍ଟାଣ୍ଡ ଠାରେ କିଛି ଯୁବକ ଏହି ଅବସରରେ ପାଲେଷ୍ଟାଇନ ଦେଶର ପତାକା ଉଡାଇଥିଲେ। ଜିଲ୍ଲାର ପୋଲିସ ପ୍ରଶାସନ ଉପସ୍ଥିତିରେ ଏହି ଘଟଣା ଘଟିଥିଲା କିନ୍ତୁ ପୋଲିସ ଜାଣିପାରିଲା ନାହିଁ। ଭାରତ ବର୍ଷରେ ରହି ଅନ୍ୟ ଦେଶର ପତାକାକୁ ଉଡେଇବା ଏକ ଅପରାଧ। ଯାହାକୁ କେନ୍ଦ୍ରାପଡ଼ାର ବୁଦ୍ଧିଜୀବୀ ଦୃଢ ନିନ୍ଦା କରିଛନ୍ତି।



### ଉଚ୍ଚ ଶବ୍ଦ ସଂପନ୍ନ ବାଜା ହେଲା କାଳ

## ଚାଲିଗଲା ଏକମାତ୍ର ପୁଅର ଜୀବନ

**କେନ୍ଦ୍ରାପଡ଼ା,୧୭।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କପାଳେଶ୍ୱର ପଞ୍ଚାୟତ ଯଝାଙ୍ଗ ଗ୍ରାମର ଜଗବନ୍ଧୁ ଦାସଙ୍କ ଏକମାତ୍ର ପୁଅ ରମେଶ ଦାସ (୨୬) ଗତ କାଲି ବିଳମ୍ବିତ ରାତିରେ ଡିଜେର ବିକଟାଳ ଶବ୍ଦରେ ମୃତ୍ୟୁ ହୋଇଯାଇଛି । ଜଗବନ୍ଧୁଙ୍କ ଏକମାତ୍ର ପୁତ୍ର ଥିଲେ ରାମେଶ । ଡିଜେ ବା ଉଚ୍ଚ ଶକ୍ତି ସଂପନ୍ନ ବାଜା ବଜାଇବା ଉପରେ ଉଭୟ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଅଙ୍କୁଶ ଲଗାଇଥିବା ବେଳେ ଜିଲା ପ୍ରଶାସନ ଏ ଦିଗରେ ନିଷ୍କ୍ରିୟ ରହିଛି । ରାତି ୧୦ଟା ଭିତରେ ସମସ୍ତ ବାଜା ବନ୍ଦ କରିବା ନିୟମ ଥିଲେ ସୁଦ୍ଧା ଏହି ନିୟମକୁ କେହି ପାଳନ କରୁନାହାନ୍ତି । ଫଳରେ ଜଣେ ନିରିହ ଯୁବକଙ୍କ ଜୀବନ ଦୀପ ଲିଭି ଯାଇଛି । ଏହି ଘଟଣାକୁ ନେଇ କେନ୍ଦ୍ରାପଡ଼ା ଜିଲାରେ ଆଲୋଡନ ସୃଷ୍ଟି ହୋଇଛି । ଏହି ଡିଜେ ଶବ୍ଦରେ ଅନ୍ୟ ୪ ଜଣ ବୃଦ୍ଧବୃଦ୍ଧା ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଜଣାପଡିଛି ଯେ ଯଝାଙ୍ଗ ଗ୍ରାମର ଛୁଇଁ ସାହିରେ ଗଣେଶ ଭଷାଣ ଉତ୍ସବରେ ଉଚ୍ଚ ଶବ୍ଦ ସଂପନ୍ନ ଡିଜେ ବା ବାଜା ବାଜୁଥିଲା । ଏହାକୁ ରମେଶ ମଧ୍ୟ ଉପଭୋଗ କରୁଥିଲେ । ଡିଜେ ଶବ୍ଦରେ ହଠାତ ରମେଶଙ୍କ ଛାତିରେ ଯନ୍ତ୍ରଣା ହେଲା । ତାଙ୍କୁ ସେହି ଗ୍ରାମର ଲୋକମାନେ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଡିଜେ ଶବ୍ଦରେ ଯଝାଙ୍ଗ ଗ୍ରାମ ନିକଟ ଖମାର କେଶପୁର ଅନ୍ୟ ଚାରିଜଣ ବୃଦ୍ଧବୃଦ୍ଧା ଅସୁସ୍ଥ ମଧ୍ୟ ହୋଇଥିଲେ ।

## ଗୋଲନ୍ଥରାରେ ବିଜେପିର ସଭ୍ୟ ସଂଗ୍ରହ

**ବ୍ରହ୍ମପୁର,୧୭।୯ (ସଂଚାର ବ୍ୟୁରୋ):** ଗୋଲନ୍ଥରା ସ୍ଥିତ ବିଜେପି ବନ୍ଦେ ମାତରଂ କାର୍ଯ୍ୟାଳୟରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଜେପିର



ସଭ୍ୟ ସଂଗ୍ରହ ଅଭିଯାନ ତ୍ୱରାନିତ ହୋଇଛି । ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏକ ବୈଠକ ଆୟୋଜନ ହୋଇଯାଇଛି । ନିର୍ବାଚନ ମଣ୍ଡଳୀର ପ୍ରତି ପଂଚାୟତ ରୁ ଦଳୀୟ କାର୍ଯ୍ୟକର୍ତ୍ତା ଙ୍କ ସହ ସମସ୍ତ ମଣ୍ଡଳ ସଭାପତି ଯୋଗଦେଇ ପଞ୍ଚାୟତ ଓ ବୁଥ୍ ସ୍ତରରେ ସଭ୍ୟ ସଂଗ୍ରହକୁ ଜୋରଜାର କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଗୋପାଳପୁର ନିର୍ବାଚନ ମଣ୍ଡଳୀରୁ ଲକ୍ଷାଧିକ ଲୋକଙ୍କୁ ବିଜେପିରେ ସଭ୍ୟ କରାଯିବ । ଏଥିପାଇଁ ପଞ୍ଚାୟତ ଓ ବୁଥ୍ ମାନଙ୍କରେ ବୈଠକ କରିବା ଓ ଦଳର ନୀତି ଓ ଆଭିମୂଖ୍ୟକୁ ଲୋକଙ୍କୁ ବୁଝାଇବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ବୈଠକ ରେ ଜିଲ୍ଲା ଉପ ସଭାପତି ଗଙ୍ଗାଧର ଶତପଥୀ, ବରିଷ୍ଠ ନେତା ଗୌରୀ ଶଙ୍କର ସାମନ୍ତରାୟ, ରାଜେଶ ସାହୁ, ବିନୋଦ ମିଶ୍ର, ସୁନୀଲ ପାତ୍ର, ରଜତ କୁମାର ପଣ୍ଡିତ, ମଣ୍ଡଳ ସଭାପତି ପଞ୍ଚୁ ବେହେରା, ସନତ ନାୟକ, ବ୍ରଜ ମୋହନ ନାୟକ, ଅଭିମନ୍ୟୁ ସାହୁ, ଚଣ୍ଡୀ ଚରଣ ସାହୁ, ପ୍ରଦୀପ ପଟ୍ଟନାୟକ, ଙ୍କ ସମେତ ବରିଷ୍ଠ ନେତା ସୂର୍ଯ୍ୟ ମଣି ପାତ୍ର, ଶିବ ଶଙ୍କର ନାୟକ, ମମତା ରଣା, କମଳା ରେଡି, ବନିତା ସାହୁ, ବାବୁଲା ସାହୁ, ଟୁନା ଜେନା ଓ ରାଜ୍ୟ କାଯ୍ୟକାରିଣୀ ସଭ୍ୟ ସରୋଜ ସାବତ ଓ ପ୍ରଭାରୀ ପୀତବାସ ପଣ୍ଡା ଯୋଗ ଦେଇଥିଲେ ।

### ଯୋଡ଼ାରେ ସୁଭଦ୍ରା ଯୋଜନା ଶୁଭାରମ୍ଭ

## ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିଲା ଟଙ୍କା

**ଯୋଡା,୧୭।୯ (ସଂଚାର ବ୍ୟୁରୋ):** ଯୋଡା ପଞ୍ଚାୟତ ସମିତି ତଥା ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଯୋଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ଆଜି ଭୁବନେଶ୍ୱରରେ ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଯୋଡ଼ା ବ୍ଲକ୍ ଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭର ସିଧାପ୍ରସାରଣ ଅନୁଷ୍ଠିତ ହୋଇଥିଲା । ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ସମେତ ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ,ଜିଲ୍ଲାପରିଷଦ ଡମ୍ବରୁଧର କୁଦାଦା,ଯୋଡ଼ା ବିଡ଼ିଓ ଅରୁଣିମା ସାହୁ ବଡ଼ବିଲ ପୌର ପାଳିକା ନିର୍ବାହୀ ଅଧିକାରୀ ବିଶ୍ୱଜିତ ରାୟ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଚମ୍ପୁଆ ଉପଜିଲ୍ଲାପାଳ ଏହି ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଯୋଜନାର ଶୁଭାରମ୍ଭ କରିବା ପରେ ମହିଳାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଟଙ୍କା ଆସିଛି ।

### କେନ୍ଦୁଝର ଟ୍ରକ ମାଲିକ ସଂଘ ନିର୍ବାଚନ

## ଆନନ୍ଦପୁରରେ ହାଇଭୋଲଟେଜ୍ ପ୍ରଚାର

**କେନ୍ଦୁଝର,୧୭।୯ (ସଂଚାର ବ୍ୟୁରୋ):** ରାଜ୍ୟର ସବୁଠାରୁ ବିତ୍ତଶାଳି ସଂଘ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ଚୁଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବାବେଳେ ଆନନ୍ଦପୁରରେ ମାହୋଲ ସରଗରମ ହେବାରେ ଲାଗିଛି। ଚଳିତମାସ ୨୮ରେ ନିର୍ବାଚନ ହେବାକୁ ଥିବାବେଳେ ପ୍ରାର୍ଥୀମାନେ ଘରକୁଘର ବୁଲି ଟ୍ରକମାଲିକମାନଙ୍କୁ ଭେଟୁଥିବା ପରିଲକ୍ଷିତ ହୋଇଛି। ଏପଟେ ଗାଁଠାରୁ ସହର ଚାରିଆଡେ ପ୍ରାର୍ଥୀଙ୍କ ମାଳମାଳ ହୋର୍ଡିଂ ସାଧାରଣ ନିର୍ବାଚନର ଭ୍ରମ ସୃଷ୍ଟି କରିଛି। ନିଜର ସମର୍ଥିତ ପ୍ରାର୍ଥୀମାନଙ୍କ ସପକ୍ଷରେ ନେତାମାନେ ମଧ୍ୟ ଭିତିରିଆ ପ୍ରଚାର କରୁଥିବା ପରିଲକ୍ଷିତ ହୋଇଛି। ପ୍ରାର୍ଥୀମାନେ ଦିନରାତି ପ୍ରଚାର ଚଳାଇଥିବା ବେଳେ ଟ୍ରକ ମାଲିକଙ୍କୁ ମନାଇବାକୁ ଭୋଜିଭାତ ଜମୁଥିବା ଦେଖିବାକୁ ମିଳିଛି ।

କେନ୍ଦୁଝର ଟ୍ରକମାଲିକ ସଂଘର ସଭାପତି ପଦ ଆନନ୍ଦପୁର ଉପଖଣ୍ଡ ପାଇଁ ସଂରକ୍ଷିତ ରହିଛି। ସଭାପତି ପଦ ପାଇଁ ୪ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ କାର୍ଯ୍ୟନିର୍ବାହୀ ପଦବୀ ପାଇଁ ଏକ ପ୍ରାର୍ଥୀପତ୍ର ଡାଖଲ କରିଥିବାରୁ ସଭାପତି ପାଇଁ ଦାଖଲ କରିଥିବା ଭଗବାନ ସାହୁଙ୍କ ନାମାଙ୍ଗନ ନାକଚ ହୋଇଯାଇଛି। ଫଳରେ ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପୂର୍ବତନ ଉପସଭାପତି ପଦ୍ମଲୋଚନ ସାହୁ ଓ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ବ୍ରଜବିହାରୀ ଜେନା ମଇଦାନରେ ରହିଛନ୍ତି। ଚଳିତ ନିର୍ବାଚନରେ ସଭାପତି ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ସ୍ପଷ୍ଟ ହୋଇଛି। ଆନନ୍ଦପୁରର ବାସିନ୍ଦା ଭାବରେ ପଦ୍ମଲୋଚନ ସାହୁ(ଟିଜିପୁଅ) ସମଗ୍ର ସୁପକଣ୍ଡରେ ନିଜର ପ୍ରଚାରକୁ ଜୋରଦାର କରିଛନ୍ତି । ଆନନ୍ଦପୁରର ଏକମାତ୍ର ଉପସଭାପତି ପାଇଁ ଘସିପୁରା ବ୍ଲକ ଯୁବବିଜେଡ଼ି ସଭାପତି



ଦେବଦତ୍ତ ନାୟକ, ପୂର୍ବତନ ପୌରଉପାଧ୍ୟକ୍ଷ ସୁରେଶ ସାହୁ, ପୂର୍ବତନ ଉପସଭାପତି ଜୟନ୍ତ କୁମାର ସାହୁ, ଜୟନାରାୟଣ ସାହୁ, ରଞ୍ଜନ କୁମାର ବିଶ୍ୱାଳ, ପଦ୍ମନାଭ ମହାନ୍ତ, ସୁକାନ୍ତ କୁମାର ମିଶ୍ର, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ମଇଦାନରେ ଅଛନ୍ତି । ସୁରେଶ ସାହୁ ଓ ସୁରେନ୍ଦ୍ର ସାହୁଙ୍କ ଡାକନାମ ସମାନ ରହିଥିବାରୁ ଉଭୟ ପ୍ରାର୍ଥୀଙ୍କୁ ଚିହ୍ନ ପ୍ରଦାନ କରାଯାଇଛି। ୭ନମ୍ବର ପ୍ରାର୍ଥୀ ସୁରେନ୍ଦ୍ରଙ୍କୁ କେଟିଲ ଚିହ୍ନ ଓ ୮ନମ୍ବର ପ୍ରାର୍ଥୀ ସୁରେଶଙ୍କୁ ଛତା ଚିହ୍ନ ପ୍ରଦାନ କରାଯାଇଛି। ଆନନ୍ଦପୁରର ଉପସଭାପତି ପଦପାଇଁ ମଧ୍ୟ କଡା ମୁକାବିଲା ହେଉଥିବାବେଳେ ବିଜୟୀ ପ୍ରାର୍ଥୀଙ୍କ ଭୋଟ୍ ବ୍ୟବଧାନ ଉପରେ ସମସ୍ତଙ୍କ ନଜର ରହିଛି। ସୁରେଶ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସମର୍ଥକ ଭାବେ ଜଣାଶୁଣା ଥିବାବେଳେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମର୍ଥକ ଦେବଦତ୍ତ ନାୟକଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାନେଇ ଆଲୋଚନା ହେଉଛି। ଘସିପୁରା ଜୋନର ୫ଟି କାର୍ଯ୍ୟ ନିର୍ବାହୀ ସଦସ୍ୟ ପଦପାଇଁ ମୋଟ୍ ୧୯ଜଣ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଭଗବାନ ସାହୁ, ନିଷ୍ଟ ବିହାରୀ ମିଶ୍ର, ଜିଲ୍ଲା ବିଜେଡି ସମ୍ପାଦକ ମନୋରଂଜନ ସାହୁ, ଅଜିତ୍ କୁମାର ପୃଷ୍ଟି, ଅନିରୁଦ୍ଧ ସାହୁ, ଭରତ କୁମାର ମିଶ୍ର, ବିକାଶ କୁମାର ଜେନା, ବିନୋଦ ବିହାରୀ ସାହୁ, ବିପିନ୍ ବିହାରୀ ଜେନା, ଦୁର୍ଗେଶ କୁମାର ମିଶ୍ର, ଗୋପବନ୍ଧୁ ସାହୁ, କ୍ଷୀରୋଦ କୁମାର ସାହୁ, କୂଳମଣି ସାହୁ, ପରେଶ କୁମାର ସେଠୀ, ପ୍ରଦୀପ କୁମାର ସହୁ ପ୍ରତାପ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ୟାରୀମୋହନ ତାରିକ୍, ସୌମ୍ୟପ୍ରକାଶ ମହାପାତ୍ର ପ୍ରମୁଖ ରହିଛନ୍ତି।

ରାମଚନ୍ଦ୍ରପୁର ଜୋନର ଏକମାତ୍ର କାର୍ଯ୍ୟ ନିର୍ବାହୀ ପଦପାଇଁ ଅମୂଲ୍ୟ କୁମାର ଚନ୍ଦ୍ର, ଛବିନ୍ଦ୍ର କୁମାର ଜେନା, କୂଳମଣି ପଣ୍ଡା, ନିତ୍ୟ ସୁନ୍ଦର ସାହୁ, ପ୍ରଶାନ୍ତ କୁମାର ନାୟକ, ସୁବ୍ରତ ଭୂୟାଁର ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସମ୍ପାଦକ ପଦପାଇଁ ପୂର୍ବଥରର ସମ୍ପାଦକ ସୂର୍ଯ୍ୟନାରାୟଣ କର ଓ ପ୍ରଦୀପ ବାରିକଙ୍କ ମଧ୍ୟରେ ଆନନ୍ଦପୁରରେ କଡ଼ା ମୁକାବିଲା ହେବା ସମ୍ଭାବନା। ତେବେ ଦୀର୍ଘ ତିନିବର୍ଷ ହେଲା ଗାଡିମାଲିକମାନେ ବିଭିନ୍ନ ସମସ୍ୟାରେ ସନ୍ତୁଳି ହେଉଥିବାବେଳେ ଅସନ୍ତୋଷରେ ରହିଆସିଥିବା ଟ୍ରକମାଲିକମାନେ ଚଳିତ ନିର୍ବାଚନରେ ପୂର୍ବଥରର କର୍ମକର୍ତ୍ତାଙ୍କୁ ପାନେ ଚଖାଇବା ଲକ୍ଷ୍ୟରେ ରହିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ସଂଘ ନିର୍ବାଚନରେ ରାଜନୈତିକ ନେତାମାନେ ମୁଣ୍ଡ ଖେଳାଉଥିବାରୁ ସମସ୍ତ ପଦରେ କଡା ମୁକାବିଲା ପରିଲକ୍ଷିତ ହୋଇଛି।

## ନିର୍ବାଚନ ପ୍ରତିଶ୍ରୁତି ପାଳନ କଲେ ସରକାର

**ବୈସିଙ୍ଗା,୧୭।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର ବଦଳିବା ପରେ ଓ ବିଜେପି ଶାସନ କ୍ଷମତାକୁ ଆସିବା ପରେ ନିର୍ବାଚନ ପ୍ରତିଶୃତି ପାଳନ କରିଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସୁଭଦ୍ରା ଯୋଜନା ସରକାର ପ୍ରଚଳନ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ ତମ ଜନ୍ମ ଦିବସରେ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ମହିଳାମାନଙ୍କୁ ମଙ୍ଗଳବାର ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବା ଜଣାଯାଇଛି। ଭୁବନେଶ୍ୱର ଜନତା ମଇଦାନରେ ଏକ ବିଶାଳ ଜନ ସମାବେଶରେ ପ୍ରଧାନମନ୍ତ୍ରୀ ଏଇ ଯୋଜନାକୁ ଲୋକାର୍ପିତ କରିଥିଲେ। ରାଜ୍ୟର ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବେତନଟୀ ବ୍ଲକରେ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗୋପୀନାଥ ଖାଖାଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେତନଟୀ ବ୍ଲକର ଶତାଧିକ ସୁଭଦ୍ରା ଯୋଜନା ହିତାଧିକାରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ପରିଚାଳନା କରିଥିଲେ। ସଦର ଉପଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ବାଲେଶ୍ୱର ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା,ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝିଙ୍କ ସମେତ ବ୍ଲକର ବହୁ ପଦାଧିକାରୀଙ୍କ ସମେତ ସହକାରୀ ଯନ୍ତ୍ରୀ ସୌମ୍ୟାଶ୍ରୀ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ନଅ ଜଣ ପ୍ରଧାନ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରିବାପାଇଁ ଚାବିକାଠି ପ୍ରଦାନ କରାଯାଇଥିବାବେଳେ ବିଭିନ୍ନ ପଞ୍ଚାୟତର ବାର ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସାଂସଦ ପ୍ରତିନିଧି ଶ୍ରୀ ପରିଡ଼ା ଏହି କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। ଏହି ଅବସରରେ ସୁଭଦ୍ରା ଯୋଜନାରେ କେତେକ ହିତାଧିକାରୀଙ୍କ ଜମା ବହିକୁ ପୂର୍ବରୁ ଏକ ଟଙ୍କା ଆସିଥିବାବେଳେ ମଙ୍ଗଳବାର ସେମାନଙ୍କ ଖାତାକୁ ୪୯୯୯ ଟଙ୍କା ଜମା ହୋଇଥିବା ଜଣାଯାଇଛି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବାବେଳେ ଜିଲ୍ଲାପରିଷଦ ସଦସ୍ୟ ଓ ପିଆରଆଇ ସଦସ୍ୟମାନଙ୍କୁ ସଠିକ୍ ଭାବରେ ଡକା ଯାଇନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା।

## 'ମାଆଙ୍କ ନାମରେ ଗୋଟିଏ ଗଛ' ପିଏମ୍‌ଓ ସାମିଲ



ନୂଆଦିଲ୍ଲୀ,୧୭।୯: ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ପ୍ରମୁଖ ସଚିବ ଡ.ପି.କେ ମିଶ୍ରଙ୍କ ନେତୃତ୍ୱରେ 'ମାଆଙ୍କ ନାମରେ ଗୋଟିଏ ଗଛ' ଆନ୍ଦୋଳନରେ ଆଜି ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ରେ ପୋଷ୍ଟ ହୋଇଛି। "ଏକ ସ୍ଥିର ଭବିଷ୍ୟତ ଦିଗରେ ମିଳିତ ଭାବେ କାମ କରୁଛୁ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପିକେ ମିଶ୍ର ଜୀଙ୍କ ନେତୃତ୍ୱରେ ଆଜି ସକାଳେ 'ମାଆଙ୍କ ନାମରେ ଗୋଟିଏ ଗଛ' ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ମୋଦିଙ୍କ ଜନ୍ମଦିନରୁ ସେବାପକ୍ଷ ଆରମ୍ଭ




ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ): ୨୦୧୪ ସାଧାରଣ ନିର୍ବାଚନ ପରେ ପ୍ରଧାନ ସେବକ ଭାବେ ନେତୃତ୍ୱ ନେଇ ଭାରତବର୍ଷକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ସମ୍ମାନ ପ୍ରତିଷ୍ଠା କରାଇଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜିଙ୍କ ଆଜି ୭୪ ତମ ଜନ୍ମଦିନ। ଏହି ଦିନକୁ ବିଜେପି ତରଫରୁ ଦେଶବ୍ୟାପୀ "ସେବା ଦିବସ" ଭାବେ ପାଳନ କରାଯାଉଛି ଏବଂ "ସେବା ପକ୍ଷ" ପାଳନ ଅବସରରେ ଆଜିଠାରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ଆଗାମୀ ୧୫ ଦିନ ଧରି ପାର୍ଟୀ ତରଫରୁ ବିଭିନ୍ନ ସେବା କାର୍ଯ୍ୟ ଜାରୀ ରହିବ। ମୋଦି ଗ୍ୟାରେଂଟିକୁ ଓଡ଼ିଶା ସମେତ ସମଗ୍ର ଦେଶବାସୀ ଦେଖିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର। ଓଡ଼ିଶାକୁ ସୁନାର ଓଡ଼ିଶା ଗଢି ତୋଳିବା ପାଇଁ ସମସ୍ତ ପ୍ରକାରର ସହଯୋଗ ଓ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଆଜି ପ୍ରତିଶ୍ରୁତି ଦେଇଛନ୍ତି। ବିକଶିତ ଭାରତ ଗଠନରେ ଓଡ଼ିଶା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସେବା ପକ୍ଷ ପାଳନ ଉପଲକ୍ଷେ ଆଜି ପ୍ରଥମ ଦିନରେ "ସେବା ଦିବସ" ଅବସରରେ ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନୀକୁ ନେଇ ଏକ ଫଟୋଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ମୋଦୀଙ୍କ ତୃତୀୟ ପାଳି: ପ୍ରଥମ ୧୦୦ ଦିନର ସଫଳତା




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳିର ପ୍ରଥମ ୧୦୦ ଦିନର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ନିଷ୍ପତ୍ତି ଏବଂ ଉପଲବ୍ଧି ଉପରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଶ୍ରୀ ଅମିତ ଶାହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୦୦ ଦିନର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିକୁ ଦର୍ଶାଉଥିବା ଏକ ସ୍ୱତନ୍ତ୍ର ପୁସ୍ତିକା 'ବିକଶିତ ଭାରତର ମାର୍ଗ ପ୍ରଶସ୍ତ' ଏବଂ ଆଠଟି କଳାକୃତି ଉନ୍ମୋଚନ କରିଥିଲେ। ଏହି ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଉପସ୍ଥିତ ଥିଲେ।

କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଥିଲେ ଯେ ମୋଦି ଜୀ ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ, ସେ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ବିଶ୍ୱର ୧୫ଟି ଭିନ୍ନ ଭିନ୍ନ ଦେଶ ତାଙ୍କୁ ନିଜ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଛନ୍ତି, ଯାହା କେବଳ ଆମ ପ୍ରଧାନମନ୍ତ୍ରୀଙ୍କର ନୁହେଁ ବରଂ ସମଗ୍ର ଭାରତର ଗୌରବ ବୃଦ୍ଧି କରିଛି। ଶ୍ରୀ ଶାହ କହିଛନ୍ତି ଯେ ଆଜି ଦେଶର ୧୪୦ କୋଟି ଲୋକ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘାୟୁ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି।

କ୍ରମାଗତ ୧୦ ବର୍ଷ ଧରି ଭାରତର ବିକାଶ, ନିରାପତ୍ତା ଓ ଗରିବଙ୍କ କଲ୍ୟାଣ ପାଇଁ ସମର୍ପିତ ସରକାର ଚଳାଇବା ପରେ ଦେଶର ଜନତା ୨୦୨୪ ଲୋକସଭା ନିର୍ବାଚନରେ ତୃତୀୟ ଥର ପାଇଁ ସରକାର ଗଠନ ଲାଗି ଆମକୁ ଜନାଦେଶ ଦେଇଛନ୍ତି ବୋଲି ଶ୍ରୀ ଅମିତ ଶାହ କହିଥିଲେ। ୬୦ ବର୍ଷ ପରେ ପ୍ରଥମ ଥର ପାଇଁ ଜଣେ ନେତା କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇ ଦେଶର ନେତୃତ୍ୱ ନେଉଛନ୍ତି। ୬୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଦେଶରେ ରାଜନୈତିକ ସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି ଏବଂ ଦେଶ ନିଜ ନୀତିରେ ନିଜକୁ ବଜାୟ ରଖିଛି। ସେ କହିଛନ୍ତି ଯେ ୧୦ ବର୍ଷ ମଧ୍ୟରେ ଏହାର କାର୍ଯ୍ୟକାରିତାର ଗତି ଏବଂ ସଠିକତା ବଜାୟ ରଖି ନୀତିଗୁଡ଼ିକ ଆଶା ଅନୁଯାୟୀ କାର୍ଯ୍ୟ ଜାରି ରଖିବାକୁ ଏକାଦଶ ବର୍ଷରେ ପ୍ରବେଶ କରିବା ଏକ ଅତ୍ୟନ୍ତ କଷ୍ଟକର ଏବଂ ଏକ ବଡ଼ ଉପଲବ୍ଧି।

## ଆର୍‌ଟିଓ କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ): 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସକ୍ରିୟତାରେ ସହ ଭାଗ ନେଇଛି ରାଜ୍ୟ ପରିବହନ ପ୍ରାଧିକରଣ । ରାଜ୍ୟର ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ଆରଟିଓ-୧ ପରିସରରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ପରିବହନ ଆୟୁକ୍ତ ଅମିତାଭ ଠାକୁର, ଅତିରିକ୍ତ ପରିବହନ ଆୟୁକ୍ତ ଲାଲମୋହନ ସେଠୀ, ଯୁଗ୍ମ ପରିବହନ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି, ବିକାଶ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ । ଆରଟିଓ କାର୍ଯ୍ୟାଳୟ ସହ ଏହାର ଆଖପାଖ ପରିସରକୁ ମଧ୍ୟ ଉପସ୍ଥିତ ଅଧିକାରୀ ଓ କାର୍ଯ୍ୟାଳୟର କର୍ମଚାରୀମାନେ ସଫା କରିଥିଲେ । ସେହିଭଳି କଟକ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ଯାନ ଚାଳନା ପରୀକ୍ଷା ଟ୍ରାକରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ପରିବହନ ଆୟୁକ୍ତ ଇନ୍ଦ୍ରମଣି ନାୟକ, ଏସଟିଏ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ପରିବହନ ଆୟୁକ୍ତ ବିରଞ୍ଚି ନାରାୟଣ ଅଧିକାରୀ ପ୍ରମୁଖ ଭାଗ ନେଇଥିଲେ । ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଏଥିରେ ଆରଟିଓ ବିଭାବଞ୍ଜନ ସାମନ୍ତସିଂହରାୟ, ଏମଭିଆଇ ମାନସ ପୃଷ୍ଟି ଉପସ୍ଥିତ ଥିଲେ । ଏହାସହ କ୍ଲିନ୍ ଏଣ୍ଡ ଗ୍ରୀନ୍ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆରଟିଓ ଅଫିସ ଓ ଆଖପାଖ ଅଞ୍ଚଳରେ ସଫେଇ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଅନୁଷ୍ଠିତ 'ସ୍ୱଚ୍ଛ ଭାରତ' ମିଶନକୁ ୧୦ ବର୍ଷ ପୂରା ହୋଇଛି । ଏହି ଅବସରରେ ଆୟୋଜିତ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାୟଳ ସକ୍ରିୟତାର ସହ ଭାଗ ନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷର ଥିମ୍ ରହିଛି 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା' । ୧୫ ଦିନ ଧରି ବିଭିନ୍ନ ବର୍ଗରେ ଏହି କାର୍ଯ୍ୟକ୍ରମ ହେବ । ସଫେଇ ସହ ସ୍ୱଚ୍ଛତା ଶପଥପାଠ, ଚାରାରୋପଣ, ସଫେଇ ମିତ୍ରଙ୍କୁ ସରକାରୀ ଯୋଜନା ସଂପର୍କରେ ସଚେତନ କରିବା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି ।

## ଦେଲେ ୫ ହଜାର, ଲେଖିଲେ ୫୦ ହଜାର

### ପ୍ରତାରଣା ନୁହେଁ ତ ଆଉକ'ଣ ?




ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ) ଆଜିଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁଜନତା ଦଳରବରିଷ୍ଠନେତାଓ ପୂର୍ବତନ ମନ୍ତ୍ରୀ ଯୁକ୍ତସଞ୍ଜୟ ଦାସବର୍ମା ଓ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜନତାମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ତାଙ୍କଶାସନ କାଳରେ ଓଡ଼ିଶାର ବିକାଶକୁ ଅଗ୍ରାଧିକାର ଦେଇଥିବାବକ୍ତବ୍ୟକୁ ଦୃଢ଼ଭାବେ ଖଣ୍ଡନ କରିଛନ୍ତି।

ଯୁକ୍ତ ଦାସବର୍ମା କହିଥିଲେ, ଦୀର୍ଘ ଦୁଇ ଦଶନ୍ଧିରୁଊର୍ଦ୍ଧ୍ୱସମୟ ଧରି ଆମ ଦଳ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବିକରିଆସୁଛି। ଏଥିପାଇଁ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆମେ ଆମସ୍ୱର ଉତ୍ତୋଳନକରିଆସୁଛୁ।ଭାରତବର୍ଷରମହାମହିମରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ନୀତି ଆୟୋଗ ପର୍ଯ୍ୟନ୍ତ ଆମ ଦାବିକୁକେବଳ ଉପସ୍ଥାପନା କରାଯାଇନି, ଓଡ଼ିଶା ବିଧାନସଭାରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ସର୍ବଦଳୀୟ ପ୍ରସ୍ତାବ ମଧ୍ୟ ପାରିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର କଥା ଓଡ଼ିଶାରୁ ବିଜେପି ସରକାର ୨୧ରୁ ୨୦ ସାଂସଦ ହାସଲ କରିଥିବା ବେଳେ ଚଳିତ ବଜେଟ୍‌ରେ କେନ୍ଦ୍ରସରକାରଙ୍କ ଓଡ଼ିଶା ପ୍ରତି ଆଭିମୁଖ୍ୟ ନୈରାଶ୍ୟଜନକ। ବିହାରକୁ ୨୬ ହଜାରକୋଟି ଓ ଆନ୍ଧ୍ରପ୍ରଦେଶକୁ ୧୬ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଥିବାବେଳେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ଜଳଜଳହୋଇ ଦେଖାଯାଉଛି। ଆଜି ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତିଗଲା ୧୦ ବର୍ଷ ଧରିଓଡ଼ିଶାକୁ ପର୍ଯ୍ୟାପ୍ତ ସହାୟତା ଦିଆଯାଇଛି।

କିନ୍ତୁ ଏଠି ସ୍ପଷ୍ଟତାରସହ ଆମେ କହିରଖିବାକୁ ଚାହୁଁ, ମାନ୍ୟବର କୋଇଲା ଓ ଖଣିଜସମ୍ପଦ ମନ୍ତ୍ରୀ କୋଇଲାର ୟାଲିଟି ସଂଶୋଧନ ସମ୍ପର୍କରେ ସଂସଦର ପ୍ରଶ୍ନ କାଳରେ କହିଛନ୍ତି, ଶେଷଥର ପାଇଁ ୧୦.୦୫.୨୦୧୨ ମସିହାରେ କୋଇଲାର ୟାଲିଟି ଦର ସଂଶୋଧିତ ହୋଇଥିଲା ଏବଂ ଗତ ୧୨ ବର୍ଷ ଧରିକୋଇଲାର ଦର ସଂଶୋଧନ ନ ହେବା ଫଳରେ ଓଡ଼ିଶା ସରକାର ବାର୍ଷିକ ୧୦ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ପୂର୍ବାଞ୍ଚଳ କାଉନସିଲ୍ ବୈଠକରେ କୋଇଲାର ରୟାଲିଟି ସଂଶୋଧନ କରି ୧୪%ରୁ ୨୦% କରିବା ପାଇଁ ଦାବି କରିଆସିଛନ୍ତି। କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ୩ ବର୍ଷରେ ରୟାଲିଟି ସଂଶୋଧନ ହେବାର ଥିଲାବେଳେଏହାକୁ ଅଣଦେଖା କରାଯାଇଛି। ଏହାଫଳରେ ଓଡ଼ିଶା ପ୍ରଭୁତ କ୍ଷତିସହିଛି। ସେ କହିଥିଲେ, ମାନ୍ୟବର ସୁପ୍ରିମ କୋର୍ଟଙ୍କ ୯ ଜଣିଆ ଖଣ୍ଡିପୀଠ ଚଳିତ ବର୍ଷ ଜୁଲାଇ ୨୪ ଓ ଅଗଷ୍ଟ ୧୪ ତାରିଖରେ ଏକ ଐତିହାସିକ ନିଷ୍ପତ୍ତି ଶୁଣାଇଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ, ରାଜ୍ୟ ସରକାର ରାଜ୍ୟର ଖଣିଜ ଅଞ୍ଚଳ ଓ ଖଣିଜସମ୍ପଦ ଉପରେ ସେସ୍ ଓ ଟିକସଲଗାଇ ପାରିବେଏବଂ ୨୦୦୫ ମସିହାଠାରୁ ଆଜିପର୍ଯ୍ୟନ୍ତ ବକେୟା ରାଜସ୍ୱ ଖଣିମାଲିକଙ୍କ ଠାରୁ ବିନାସୁଧରେ ଆଦାୟ କରିପାରିବେ।

## ଡୁବାଇରେ ନୂଆଁଖାଇ



ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ): ବିଦେଶ ମାଟିରେ ନୂଆଁଖାଇର ମହକ। ପଶ୍ଚିମ ଓଡ଼ିଶାରେ ସେପ୍ଟେମ୍ବର ୮ରେ ନୂଆଁଖାଇ ପାଳନ ହୋଇଥିବା ବେଳେ ସୁଦୂର ଦୁବାଇରେ 'ନୂଆଁଖାଇ ପରିବାର ୟୁଏଇ' ସୋମବାର ଦିନ ଖୁବ ଧୁମଧାମରେ ନୂଆଁଖାଇ ପାଳନ କରିଛି। ୟୁଏଇରେ ଏକକ ନୂଆଁଖାଇ ପାଳନର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ନୂଆଁଖାଇ ଭେଟଘାଟର ଏହା ୧୦ମ ସଂସ୍କରଣ। ଦୁବାଇସ୍ଥିତ 'ଏସ ଇ ଇ ଇନଷ୍ଟିଚ୍ୟୁଟ'ରେ ବିଶ୍ୱର ସବୁଠୁ ବଡ଼ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂଆଁଖାଇ ୨୦୨୪ ପାଳନ ଅବସରରେ ନିଜ ମାଟିର ଉତ୍ସବକୁ ସମସ୍ତେ ଖୁସିର ସହ ପାଳନ କରିଛନ୍ତି। ୟୁଏଇର କୋଣ ଅନୁକୋଣରେ ରହୁଥିବା ପ୍ରାୟ ୫ଶହରୁ ୬ଶହ ନୂଆଁଖାଇ ପରିବାରର ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଦୁବାଇସ୍ଥିତ ଭାରତୀୟ କୋନ୍ସୁଲ ଜେନେରଲ ସତୀଶ କୁମାର ଶିଓ୍ୱନ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଅତିଥି ବି ପହଞ୍ଚିଥିଲେ। ପ୍ରତିଷ୍ଠିତ କଳାକାର ଅର୍ଚ୍ଚନା ପାଢ଼ୀ ଓ ଗୀତିକାର ତଥା ଗାୟକ ଶାସ୍ୱତ ତ୍ରିପାଠୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲେ। ତାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ରଙ୍ଗୀନ କରିଦେଇଥିଲା। ସମ୍ବଲପୁରୀ ନାଚ ଗୀତର ଆସର ଜମିଥିଲା, ଯାହାକୁ ସଭିଏଁ ମନଭରି ଉପଭୋଗ କରିଥିଲେ।ବାଲୁକା କଳାରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ କଳାର ନିଦର୍ଶନ ସମସ୍ତଙ୍କ ମନ ଜିଣିଥିଲା। ଏହା ସହ ସୁଦାମଙ୍କୁ ଜୁହାର ସମ୍ମାନ ୟୁଏଇରେ ସମ୍ମାନିତ କରାଯାଇଥିଲା। ଏଥିପାଇଁ ସେ ନୂଆଁଖାଇ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି। ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସବୁବେଳେ ପ୍ରୟାସ କରିଆସୁଛି ନୂଆଁଖାଇ ପରିବାର ୟୁଏଇ। ଆଉ ଏଥିପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପଶ୍ଚିମ ଓଡ଼ିଶାର କଲକାରଙ୍କୁ ଅତିଥି କରାଯାଇଥିବା ସହ ତାଙ୍କୁ ସମ୍ମାନିତ କରାଯାଇଛି। ଆବୁଧାବୀରୁ ଓସାର ଏକ ସ୍ୱତନ୍ତ୍ର ଦଳ ସମ୍ବଲପୁରୀ ପୋଷାକ ପରିଧାନ କରି ଫ୍ୟାସନ ସୋ' ପ୍ରଦର୍ଶନ କରିଥିଲେ। ନୂଆଁଖାଇ ପାଳନ କାର୍ଯ୍ୟକ୍ରମର ଆଉ ଏକ ମୁଖ୍ୟ ଆକର୍ଷଣ ସାଜିଥିଲା ପଶ୍ଚିମ ଓଡ଼ିଶାର ସୁସ୍ୱାଦୁ ଖାଦ୍ୟ। ଆମ୍ବିଲ ବିନା ତ ନୂଆଁଖାଇ ପାଳନ ସମ୍ପୂର୍ଣ୍ଣ ହେବନାହିଁ। ତେଣୁ ଏଇ ଅବସରରେ ଅନ୍ୟ ଖାଦ୍ୟ ସହ ଆମ୍ବିଲ ଓ ଖିରିର ମଜା ନେଇଥିଲେ ସଭିଏଁ। ୟୁଏଇରେ ନୂଆଁଖାଇ ପାଳନର ୧୦ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ମରଣିକା ବି ଉନ୍ମୋଚନ ହୋଇଥିଲା

## ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ବସ୍ତି ସଂଘର୍ଷ ସମିତିର ଧନ୍ୟବାଦ

ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ): ମଙ୍ଗଳବାର ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ମୋଦୀ ଓଡ଼ିଶା ଗସ୍ତରେ ଆସି ପ୍ରଥମେ ଗାଡ଼କଣ ଯାଇ ସେଠାରେ ଗରିବ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଉଦ୍‌ଘାଟନ କରିବା ସହ ଜଣେ ବୟୟସ୍କଙ୍କ ଘରେ ଖିରି ଖାଇବା ଏକ ଖୁସିର କଥା ଏବଂ ସେଠାରେ ଗରିବମାନଙ୍କ ସହ ବାର୍ତ୍ତାଳାପ କରିବା, ସେମାନଙ୍କ ଦୁଃଖସୁଖ ବୁଝିବା ଏବଂ ସେମାନଙ୍କ ସହିତ କିଛି ସମୟ ବିତାଇଥିବା ଅତ୍ୟନ୍ତ ଆନନ୍ଦର ବିଷୟ। ଏଥିପାଇଁ ଓଡ଼ିଶା ବସ୍ତି ସଂଘର୍ଷ ସମିତିର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମାଦର ମୋଦୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ବରିଷ୍ଠ ବିଜେପି ନେତୃବୃନ୍ଦମାନେ ବସ୍ତିବାସିନ୍ଦାମାନଙ୍କୁ ୬୦୦ ସ୍କୋୟାରଫୁଟ ଜାଗା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଓଡ଼ିଶାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଓଡ଼ିଶାରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦାମାନଙ୍କୁ ୬୦୦ ସ୍କୋୟାରଫୁଟ ଜାଗା ମିଳିବା ତ ଦୂରର କଥା, ଏବେ ସେମାନଙ୍କ କଥା ମଧ୍ୟ ଆଲୋଚନା କରାଯାଉ ନାହିଁ। ତେଣୁ ଓଡ଼ିଶା ଶ୍ରୀ କୁମାର ସାହୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ମୋଦୀ, କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି ଯେ, ଆଗାମୀ ବଜେଟରେ ଓଡ଼ିଶାରେ ଥିବା ପ୍ରଧାନମନ୍ତ୍ରୀ ଆବା ଯୋଜନା (ସହରୀ)ରେ ବସ୍ତିବାସିନ୍ଦାମାନଙ୍କୁ ୬୦୦ ସ୍କୋୟାରଫୁଟ ଜାଗା ପ୍ରଦାନ କରିବା ସହିତ ବସ୍ତିବାସିନ୍ଦାମାନେ ଉକ୍ତ ଜାଗାରେ ଘର କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଲେ, ସେମାନେ ଘର କରି ରହିବା ସହ ସେମାନଙ୍କର ଆସବାବପତ୍ର ସୁବିଧାରେ ନିଜ ଘରେ ରଖିପାରିବେ ଏବଂ ବୟସ୍କ ପିତାମାତାମାନଙ୍କୁ ତିନି ରି ମହଲାକୁ ଶିଡ଼ି ଚଢି ଯିବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ସାହୁ ଜଣାଇଛନ୍ତି।

## ଭିଜିଲାନ୍ସ ଜାଲରେ ଆରଆଇ

ଢେଙ୍କାନାଳ,୧୭।୯ (ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ଆର୍‌ଆଇ। ତାଙ୍କ ବରୁଣ ଜେନା। ଢେଙ୍କାନାଳ ସଦର ଆରଆଇ ଅଫିସରେ ସେ ନିଯୁକ୍ତ ହୋଇଛନ୍ତି। ତାଙ୍କ ସହିତ ବଳରାମ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ।

ଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କୁ ଲାଞ୍ଚ ମାଗିଥିଲେ ଆରଆଇ ବରୁଣ ଜେନା। ଏନେଇ ଉକ୍ତ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଅଭିଯୋଗକାରୀ ଆଜି ସେ ବଳରାମ ସାହୁଙ୍କ ମାଧ୍ୟମରେ ଆରଆଇ ବରୁଣ ଜେନାଙ୍କୁ ୩୦ହଜାର ଟଙ୍କାର ଲାଞ୍ଚ ଅର୍ଥ ଦେଇଥିଲେ। ସେମାନେ ଏହି ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ ଧରିଥିଲା। ଭିଜିଲାନ୍ସ ପକ୍ଷରୁ ଏହି ଘଟଣାର ଅଧିକ ତଦନ୍ତ କରାଯାଉଛି।

## ଠିକାସଂସ୍ଥାର ମନମୁଖି କାର୍ଯ୍ୟ

### ପୌରପରିଷଦ ନିଦାବିଷ୍ଟୁ ସାଜିଛି !



ଜଗତସିଂହପୁର,୧୭।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ପୌରାଞ୍ଚଳ ଗୁଡିକୁ ସରସ ସୁନ୍ଦର କରିବାକୁ କୋଟି କୋଟି ଟଙ୍କା ଅର୍ଥ ବରାଦ କରିଛନ୍ତି । ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସହରକୁ ଅଳିଆ ମୁକ୍ତ କରିବାକୁ ସ୍ୱଚ୍ଛ ସାଥି ମାନଙ୍କୁ ନିୟୋଜିତ କରି ପ୍ରତ୍ୟେକ ଘରୁ ଅଳିଆ ଉଠାଇବାର ବ୍ୟବସ୍ଥା କରିଛନ୍ତି । ବ୍ୟାଟେରୀ ଚାଳିତ ଅଳିଆ ବୁହା ଗାଡି ମାଧ୍ୟମରେ ପ୍ରତି ଗଳିରୁ ଘରର ଆବର୍ଜନା ସଂଗ୍ରହ କରିବାକୁ କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇଛି । ମାତ୍ର ଜଗତସିଂହପୁର ସଦର ମହକୁମାରେ ସ୍ୱଚ୍ଛତାକୁ ନେଇ ବଡ଼ ବ୍ୟତିକ୍ରମ ରହିଛି । ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବାରେ ପୌରପରିଷଦର କାର୍ଯ୍ୟକାରିତା ଉପରେ ଲୋକଙ୍କ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଯୁଆଡେ ଦେଖିବ ଖାଲି କୁଢ଼ କୁଢ଼ ଅଳିଆ । ଜଗତସିଂହପୁର ପୌରପରିଷଦର ଅଳ୍ପଦୂରତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ପଛପଟରେ ପଡିରହିଛି କୁଢ଼କୁଢ଼ ଅଳିଆ ଆବର୍ଜନା ତା ସାଙ୍ଗକୁ ରାସ୍ତାର ସ୍ଥିତି ଅଣଆୟତ ହେଉଛି । ବର୍ଷାରେ ଅଧା ୱାର୍ଡରେ ଡ୍ରେନ ସଫା ହେଉନଥିବା ବଡ଼ ଚିନ୍ତା ବିଷୟ ପାଲଟିଛି । ଏଭଳି ଅବ୍ୟବସ୍ଥା ସତ୍ତ୍ୱେ ବି ପ୍ରଶାସନ କିଛି ପଦକ୍ଷେପ ନେଉନଥିବା ବଡ଼ ଚିନ୍ତାର ବିଷୟ ପାଲଟିଛି । ଜଗତସିଂହପୁର ପୌରପରିଷଦ ପକ୍ଷରୁ ସହରରେ ସ୍ୱଚ୍ଛତାକୁ ଅଣଦେଖା କରୁଛି ବୋଲି ଜନମାନସରେ ଚର୍ଚ୍ଚା ଚାଲିଛି । ପୌରପରିଷଦ କର୍ତ୍ତୃପକ୍ଷ ସହରର ସ୍ୱଚ୍ଛତା ଆଗ୍ରାଧିକରଣ ଦେଉନାହାନ୍ତି ଯାହା ଫଳରେ ୱାର୍ଡ ଗୁଡ଼ିକ ବିଭିନ୍ନ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛି । ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ କୁଢ଼କୁଢ଼ ଆବର୍ଜନା ଜମା ହୋଇ ରହିଥିଲେ ମଧ୍ୟ ଉଠାଯାଉନାହିଁ । ଖୋଲା ଜାଗାରେ ସମସ୍ତେ ଅଳିଆ ପକାଇବାକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷରେ କେତେକ ଅଞ୍ଚଳରେ ଡ୍ରଷ୍ଟବିନ ରଖାଯାଇଛି ହେଲେ ସେଗୁଡ଼ିକ ଭଙ୍ଗାଦରଜ ହୋଇପଡିଛି । ସେଗୁଡିକ ଭାଙ୍ଗି ଯାଇଥିବାରୁ ଅଳିଆ ସବୁରାସ୍ତାରେ ପଡ଼ିରହୁଛି ଏପରିକି ଅଧିକ ଦିନ ରହିଲେ ସେଥିରୁ ପଚାପାଣି ବାହାରି ଗନ୍ଧ ଛାଡୁଛି, ବର୍ଷା ଦିନର କଥା ତ ନକହିବା ଭଲ । ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ବି କେହି ଶୁଣୁନଥିବା ଅଭିଯୋଗ ହୋଇଛି ।

## ଝାରସୁଗୁଡାବାସୀଙ୍କୁ ମୋଦୀଙ୍କ ଉପହାର

ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ): ଭାରତର ଯଶ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଝାରସୁଗୁଡାବାସୀଙ୍କ ପାଇଁ ୫୫୦ କୋଟି ଟଙ୍କାର ରାଜପଥ ଉପହାର ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏଭଳି ପଦକ୍ଷେପକୁ ଝାରସୁଗୁଡା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ସ୍ୱାଗତ କରିବା ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଝାରସୁଗୁଡାବାସୀଙ୍କ ତରଫରୁ ଧନ୍ୟବାଦ ଦେଇଛନ୍ତି। ବିଧାୟକ ତ୍ରିପାଠୀ ସୂଚନା ଦେଇଛନ୍ତି ଯେ ଝାରସୁଗୁଡା ସହରରୁ ଟ୍ରାଫିକ ଭିଡ ହ୍ରାସ ସହିତ ଭାରିଯାନ ଚଳାଚଳକୁ ସୁଗମ କରିବାପାଇଁ ଏକ ବାଇପାଶ୍ ନିର୍ମାଣ ଲାଗି ଦୀର୍ଘଦିନରୁ ଦାବିହୋଇ ଆସୁଥଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାହା ପୂରଣ କରିଛନ୍ତି। ମଞ୍ଜୁରୀ ହୋଇଥିବା ୫୫୦ କୋଟି ଟଙ୍କାରେ ତିଲେଇବଣିରୁ ରାୟଗଡ଼ ପର୍ଯ୍ୟନ୍ତ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ବାଇପାସ୍ ନିର୍ମାଣ ହେବ। ୩୦ କିଲୋମିଟର ଦୈର୍ଘ୍ୟର ଏହି ବାଇପାସ୍ କୋଲାବିରା ବ୍ଲକର ପତ୍ରାପାଲି ଛକରୁ ବୁଢ଼ିପଦର ପର୍ଯ୍ୟନ୍ତ ଯିବ। ଏହି ବାଇପାସ୍‌ଟି ଝାରସୁଗୁଡା ସହର ବାହାରେ ଯିବ ଏବଂ ଏହାଦ୍ୱାରା ଝାରସୁଗୁଡା ସହରରୁ ଟ୍ରାଫିକ ଭିଡ ହ୍ରାସ ପାଇବ। ଏଥି ସହିତ ମାଲ୍ ବୋଝେଇ ଟ୍ରକ ଓ ଅନ୍ୟାନ୍ୟ ଭାରିଯାନ ଆଉ ସହର ଭିତରେ ପ୍ରବେଶ ନକରି ବାଇପାସ୍ ରାସ୍ତା ଦେଇ ଯିବ।

## ବାର୍ଡ଼ ଫ୍ଲୁ ଭୟ, ଲୋକଙ୍କୁ ଛାନିଆ କରୁଛି କିଏ ?



ଭୁବନେଶ୍ୱର, ୧୭।୯: ରାଜ୍ୟର ଦୁଇଟି ଜିଲ୍ଲା ପୁରୀ ଓ କେନ୍ଦ୍ରାପଡ଼ାର କେତେକ ସ୍ଥାନରେ କୁକୁଡାଙ୍କୁ ବାର୍ଡ ଫ୍ଲୁ ହୋଇଥିବା ସାମ୍ନାକୁ ଆସିଥିବାବେଳେ ସମଗ୍ର ଉପକୂଳ ବିଶେଷକରି କୁକୁଡାମାଂସ ଓ ଅଣ୍ଡାର ବଡ ବଜାର ରାଜଧାନୀରେ ଲୋକେ କୁକୁଡା ମାଂସ ଓ ଅଣ୍ଡା ଖାଉ ନାହାନ୍ତି। ବାର୍ଡ ଫ୍ଲୁ ମାତ୍ର କେତୋଟି ଅଞ୍ଚଳରେ ସୀମିତ ଥିବାବେଳେ ଲୋକଙ୍କୁ ଏଭଳି କିଏ ଡରାଉଛି ତାହା ଏବେ କୁକୁଡା ଚାଷୀ ଓ ଏହି ଚାଷର ମୁଖ୍ୟ ପୃଷ୍ଟପୋଷକ କମ୍ପାନୀମାନଙ୍କୁ ଚିନ୍ତାରେ ପକାଇଛି।

କୁକୁଡା ଚାଷୀମାନେ ଇତି ମଧ୍ୟରେ ରନ୍ଧା କୁକୁଡା ମାଂସରେ ବାର୍ଡ ଫ୍ଲୁ ନାହିଁ ବୋଲି ଦର୍ଶାଇବା ସହିତ ଗଣମାଧ୍ୟମ ସମ୍ମୁଖରେ ନିଜେ ରନ୍ଧା କୁକୁଡାମାଂସ ଖାଇବା ସହିତ ଲୋକଙ୍କୁ ମାଗଣାରେ ଖୁଆଇଥିଲେ। ଲୋକେ ବି ଖାଇଥିଲେ। ତେବେ ସରକାରଙ୍କ ପକ୍ଷରୁ ବାର୍ଡ ଫ୍ଲୁ ନେଇ କୌଣସି ସୂଚନା ଜାରି ହେଉନଥିବାରୁ ଲୋକେ ଭୟରେ କୁକୁଡା ମାଂସ କିମ୍ବା ଅଣ୍ଡା ଖାଉ ନାହାନ୍ତି। ଫଳରେ ବାର୍ଡ ଫ୍ଲୁ ନଥିବା ଅନ୍ୟାନ୍ୟ ଅଞ୍ଚଳରୁ କୁକୁଡା କିମ୍ବା ଅଣ୍ଡା ଆସୁନାହିଁ। ରାଜଧାନୀର ବହୁ କୁକୁଡାମାଂସ ଦୋକାନରେ ଏବେ ତାଲା ପଡ଼ିଗଲାଣି। ଏଥିରେ କାର୍ଯ୍ୟରତ କର୍ମଚାରୀମାନେ ଏବେ ବେକାର ହୋଇଗଲେଣି। କୁକୁଡା ଚାଷୀମାନଙ୍କ କହିବାକଥା ଯେ ବାର୍ଡ ଫ୍ଲୁ ମାର୍ଗଦର୍ଶିକା ଅନୁଯାୟୀ ଯେଉଁଠାରେ ବାର୍ଡ ଫ୍ଲୁ ଚିହ୍ନଟ ହେବ ସେଠାରେ ଏକ କିଲୋମିଟର ପରିମିତ ଅଞ୍ଚଳ ମଧ୍ୟରେ ଥିବା କୁକୁଡା ଫାର୍ମର ସମସ୍ତ କୁକୁଡାଙ୍କୁ ମାରି ଦିଆଯିବ। ସେହିଭଳି ବାର୍ଡଫ୍ଲୁ ହୋଇଥିବା ଫାର୍ମର ୧୦କିଲୋମିଟର ଅଞ୍ଚଳକୁ ସର୍ଭିଲାନ୍ସ ଅଞ୍ଚଳ ଭାବେ ଘୋଷଣା ହୋଇଥାଏ। ସେହି ଅଞ୍ଚଳରେ ଥିବା କୁକୁଡାକୁ ସମ୍ପୃକ୍ତ ଅଞ୍ଚଳରେ ହିଁ ବିକ୍ରି ହୋଇଥାଏ। ଏହି କୁକୁଡାଙ୍କ ମାଂସ ଓ ଅଣ୍ଡା ଖାଇବା ସମ୍ପୂର୍ଣ୍ଣ ନିରାପଦ। ତେବେ ପୁରୀ ଜିଲ୍ଲାର ପିପିଲି ଓ ନିମାପଡ଼ା ସମେତ କେନ୍ଦ୍ରାପଡ଼ା ଅଞ୍ଚଳର କେତେକ ସ୍ଥାନରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବାବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇନାହିଁ। ସେହିସବୁ ଅଞ୍ଚଳର କୁକୁଡା ଓ ଅଣ୍ଡା ସମ୍ପୂର୍ଣ୍ଣ ସୁରକ୍ଷିତ। ତେବେ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଏବେ ସେଠାକାର ଚାଷୀମାନେ ବି ମୁଣ୍ଡରେ ହାତଦେଇ ବସିଗଲେଣି। ଶାଗମାଛ ଦରରେ କୁକୁଡା ବିକ୍ରି କରୁଛନ୍ତି।

ସେହିଭଳି ଓଡ଼ିଶାରେ ବାର୍ଡ ଫ୍ଲୁ ପ୍ରଚାର ପରେ ଏବେ କୁକୁଡା ମାଂସ ଓ ଅଣ୍ଡାର ବଡ ଆମଦାନୀ ରାଜ୍ୟ ପଶ୍ଚିମବଙ୍ଗ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଓଡ଼ିଶାରୁ ଯାଉଥିବା କୁକୁଡା ଓ ଅଣ୍ଡା ଗାଡିକୁ ସେହି ରାଜ୍ୟରେ ପୂରାଇ ଦେଉନାହିଁ। ତେଣୁ ରାଜ୍ୟର କେଉଁ ଅଞ୍ଚଳରେ ବାର୍ଡ ଫ୍ଲୁ ହୋଇଛି ଏବଂ କେଉଁଠାରେ ସୁରକ୍ଷିତ କୁକୁଡା ଓ ମାଂସ ଆଦି ରହିଛି ତାହାର ଏକ ତାଲିକା ରାଜ୍ୟ ସରକାର ଜାରି କରିବାପାଇଁ କୁକୁଡାଚାଷୀମାନେ ମତ ଦେଉଛନ୍ତି।

ସରକାର ଏ ଦିଗରେ ପଦକ୍ଷେପ ନହେଲେ ଓଡ଼ିଶାରେ କୁକୁଡା ଚାଷ ସହିତ ଜଡିତ ପ୍ରାୟ ୧୨ଲକ୍ଷ ଲୋକଙ୍କ ବେଉସା ବୁଡିବା ସହିତ ଏହି ଶିଳ୍ପ ଧ୍ୱଂସ ପାଇଯିବ ଏବଂ ଏହାର ନକରାତ୍ମକ ପଭାବ ରାଜ୍ୟର ଅର୍ଥନୀତି ଉପରେ ପଡ଼ିବ ବୋଲି କୁକୁଡାଚାଷୀମାନେ ମତ ଦେଉଛନ୍ତି। (ତଥ୍ୟ)

## ଯୋବ୍ରା ସିରିଜ୍ ଦୁର୍ଘଟଣା, ଡ୍ରାଇଭର ଗିରଫ



କଟକ, ୧୭।୯ (ସଂଚାର ବ୍ୟୁରୋ): କଟକ ଯୋବ୍ରା ବ୍ୟାରେଜରେ ସିରିଜ ଦୁର୍ଘଟଣା ମାମଲା ରେ ଆଜି ସିରିଜ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓର ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି ଜଗତପୁର ପୋଲିସ । ଗରିଫ ଅଭିଯୁକ୍ତ ଚାଳକ ହେଉଛି ରାଜେନ୍ଦ୍ର ପରିଜା । ସେ ଜଣେ କାର୍ ମେକାନିକ । ସେ ନଖରା ସ୍ଥିତ ମହେନ୍ଦ୍ରା ସୋ ରୁମ୍‌ରେ ବିଭିନ୍ନ କାର ସର୍ଭିସିଂ କରନ୍ତି । ଉକ୍ତ ସ୍କର୍ପିଓ ଗାଡିଟିକୁ ତା'ର ମାଲିକ ସର୍ଭିସିଂ ପାଇଁ ସୋ' ରୁମ୍ ରେ ଦେଇଥିଲେ। ଏହାର ଅପବ୍ୟବହାର ହୋଇଥିବା ନେଇ ଡିସିପି ଅଫିସରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗତକାଲି ରାଜେନ୍ଦ୍ର ପରିଜା ଓ ତାଙ୍କ ଦୁଇ ସାଙ୍ଗ ଓ ତାଙ୍କର ଦୁଇ ଜଣ ବାନ୍ଧବୀ ବୁଲି ଯିବାର ଯୋଜନା କରି ଅନ୍ୟ ଜଣଙ୍କ ସ୍କର୍ପିଓ ଗାଡି ନମ୍ବର ବଦଳାଇ ଦେଇଥିଲେ । ପ୍ରଥମେ ସେମାନଙ୍କର ଟ୍ରିପ୍ ବାବା ଧବଳେଶ୍ୱରଙ୍କ ଠାରୁ ଆରମ୍ଭ ହୋଇଥିଲା । ଦର୍ଶନ ସାରି ଫେରିବା ପରେ ବିଡାନାସିରେ ସମସ୍ତେ ମଦ୍ୟପାନ କରିଥିଲେ । ଗାଡି ରିଙ୍ଗ ରୋଡ଼ରୁ ଦୁର୍ଘଟଣା କରିବା ଆରମ୍ଭ କରିବା ପରେ ଆନିକଟ ବ୍ୟାରେଜ ଉପରେ କରିଥିଲା ସିରିଜ ଦୁର୍ଘଟଣା। କ୍ରମାଗତ ଭାବେ ୪ ଥର ଦୁର୍ଘଟଣା ଘଟାଇବା ପରେ ପୋଲିସ ବ୍ୟାରେଜ ଉପରୁ ସ୍କର୍ପିଓ ଗାଡିକୁ ଜବତ କରିବା ସହ ନିଶାସକ୍ତ ଡ୍ରାଇଭରକୁ ଗିରଫ କରିଥିଲା । ଏମିତିକି ଗାଡିରୁ ମଦ ମଧ୍ୟ ଜବତ କରିଛି ପୋଲିସ। ଏହି ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ଏସସିବିରେ ଭର୍ତ୍ତି କରାଯାଇଥିଲା । ଆହତଙ୍କ ମଧ୍ୟରୁ ୪ ଜଣଙ୍କୁ ବର୍ତ୍ତମାନ ଡିସଚାର୍ଜ କରାଯାଇଥିବା ବେଳେ, ଅନ୍ୟ ଜଣେ ଚିକିତ୍ସାଧୀନ ଅଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ବ୍ରହ୍ମଲୀନ- ମୁଁ ହିଁ ସିଏ ଯିଏ କି ଜଗତର ଚକ୍ରକୁ, ଜୀବନଚକ୍ରକୁ, କାଳଚକ୍ରକୁ, ଗ୍ରହଚକ୍ରକୁ , ଋତୁଚକ୍ରକୁ ଏବଂ ସୃଷ୍ଟିର ସମସ୍ତ ଚକ୍ରକୁ ନିଜର କାଣି ଆଙ୍ଗୁଠିରେ ପରିଚାଳନା କରିଥାଏ। ମୋ ଚରଣରେ ଶରଣ ନେଲେ ମୁଁ ତୁମକୁ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ଦେଇ ବ୍ରହ୍ମଲୀନ ହେବାରେ ସୌଭାଗ୍ୟପ୍ରାପ୍ତ କରାଇବି।



# ଓଡ଼ିଶାରେ ରେଳ ବିକାଶ

ଭାରତର ରେଳ ମାନଚିତ୍ରରେ ଓଡ଼ିଶାର ସ୍ଥାନ ଅତି ନଗଣ୍ୟ। ଉତ୍ତର ଭାରତର ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାରେ ରେଳ ବିକାଶ ସନ୍ତୋଷଜନକ ଭାବେ ହୋଇନାହିଁ। ଦକ୍ଷିଣ ଓ ପଶ୍ଚିମ ଭାରତରେ ମଧ୍ୟ ଓଡ଼ିଶା ତୁଳନାରେ ରେଳବିକାଶ ଅଧିକ ହୋଇଛି। ପଶ୍ଚିମବଙ୍ଗ ଓ ବିହାର ଓଡ଼ିଶାର ବହୁ ଆଗରେ। ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ପଛରେ ପଡ଼ିବାର ଏହା ଏକ ବଡ଼ କାରଣ। କଂଗ୍ରେସ ଶାସନ କାଳରେ ଦୀର୍ଘ ଅବଧି ଧରି ଓଡ଼ିଶା ରେଳ ବିକାଶରେ ଅବହେଳିତ ହୋଇ ପଡ଼ି ରହିଥିଲା। କେନ୍ଦ୍ରରେ ଯେତେବେଳେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ ଓଡ଼ିଶାକୁ କିଛିଟା ନ୍ୟାୟ ମିଳିଛି ଏବଂ ରେଳବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଅତୀତରେ ଓଡ଼ିଶା ଦକ୍ଷିଣ ପୂର୍ବ ରେଳବାଇ ଜୋନରେ ଥିଲା। ସେତେବେଳେ ଦକ୍ଷିଣ ପୂର୍ବ ରେଳବାଇରେ ବିକାଶ ମୂଳକ କାର୍ଯ୍ୟ ନିମନ୍ତେ ବଜେଟରେ ଯେଉଁ ବ୍ୟୟ ବରାଦ ହେଉଥିଲା ତାହାର ମୁଖ୍ୟାଂଶ ପଶ୍ଚିମବଙ୍ଗକୁ ଯାଉଥିଲା। ଓଡ଼ିଶାରେ କଂଗ୍ରେସର ଦୁର୍ବଳ ନେତୃତ୍ୱ ଯୋଗୁଁ ଏହା ହେଉଥିଲା। ରେଳବଜେଟରେ ଓଡ଼ିଶାକୁ ବହୁ କମ ଅର୍ଥ ମିଳୁଥିଲା। ଯଦିଓ ଓଡ଼ିଶାରୁ ରେଳବାଇ ସର୍ବାଧିକ ରାଜସ୍ୱ ସଂଗ୍ରହ କରୁଛି, କିନ୍ତୁ ରେଳ ମନ୍ତ୍ରାଳୟ ଓଡ଼ିଶାକୁ ଅଣଦେଖା କରିଆସୁଥିଲା। ତେବେ ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନଡିଏ ସରକାର ଗଠିତ ହେବା ପରଠାରୁ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି। ରେଳ ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇ ଦେଉଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନବୀନ ବାବୁ ଦଳୀୟ ଚିନ୍ତାଧାରାର ଊର୍ଦ୍ଧ୍ୱକୁ ଉଠି ରାଜ୍ୟସଭାକୁ ପଠାଇଥିଲେ। କ୍ରମାଗତ ଦ୍ୱିତୀୟ ବର୍ଷ ନିମନ୍ତେ ରେଳବଜେଟରେ ଓଡ଼ିଶାକୁ ୧୦ ହଜାର କୋଟିରୁ ଅଧିକ ଅର୍ଥ ମିଳିଛି। ଖୋର୍ଦ୍ଧାରୋଡ-ବଲାଙ୍ଗିର ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ନୟାଗଡ଼ ଜିଲ୍ଲାକୁ ଟ୍ରେନ ଗଡ଼ିଛି। ଆହୁରି ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବା କାମ ତ୍ୱରାନ୍ୱିତ ହୋଇଛି। ଇତିମଧ୍ୟରେ ଅମୃତ ଭାରତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୨ଟି ଷ୍ଟେସନର ଉନ୍ନତିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୧୦ ବର୍ଷ ଭିତରେ ଓଡ଼ିଶାରେ ୪୦୦ରୁ ଅଧିକ ରେଳ ଓଭରବ୍ରିଜ ଏବଂ ଅଣ୍ଡରବ୍ରିଜ ନିର୍ମାଣ ହୋଇଛି। ଆହୁରି ୨୦୦ରୁ ଅଧିକ ନିର୍ମାଣ ଚାଲିଛି। ଏସବୁ ସମ୍ପୂର୍ଣ୍ଣ ହେଲେ ଓଡ଼ିଶାର ସବୁ ଜିଲ୍ଲା ରେଳନେଟୱର୍କରେ ସାମିଲ ହୋଇପାରିବ। ପୁରୀ-କୋଣାର୍କ ନୂଆ ରେଳଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ହରିଦାସପୁର-ପାରାଦ୍ୱୀପ ରେଳଲାଇନ ନିର୍ମାଣ ଶେଷ ହୋଇଛି ଏବଂ ଶୀଘ୍ର ଏହି ଲାଇନରେ ଟ୍ରେନ ଗଡ଼ିବାକୁ ଯାଉଛି। ଯଦି ଏହି ପ୍ରକ୍ରିୟା ଜାରି ରହେ ଏବଂ ରେଳବିକାଶ ପ୍ରକ୍ରିୟା ଆଉ ଟିକେ ତ୍ୱରାନ୍ୱିତ ହୁଏ ତେବେ ଆଗାମୀ ୧୦ ବର୍ଷ ଭିତରେ ଓଡ଼ିଶାର ଭାଗ୍ୟ ବଦଳିଯିବ। ତେବେ ରେଳବିକାଶରେ ଏକ ମୁଖ୍ୟ ପ୍ରତିବନ୍ଧକ ହେଲା ଜମି ଅଧିଗ୍ରହଣ ସମସ୍ୟା। ଜଙ୍ଗଲ ଜମି ଅଧିଗ୍ରହଣ ଲାଗି ଅନୁମତି ମିଳିବା ବିଳମ୍ବିତ ହେଉଛି। ଅନେକ ସ୍ଥାନରେ ଲୋକେ ରେଳବାଇ ନିମନ୍ତେ ଜମି ଦେବାକୁ ରାଜି ହେଉ ନାହାନ୍ତି। ଯଦି ରାଜ୍ୟ ସରକାର ଏ କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରନ୍ତି ତେବେ ସମସ୍ୟାର ସମାଧାନ ସହଜ ହୁଅନ୍ତା। ଏଥିପାଇଁ ରାଜ୍ୟରେ ଜଣେ ସ୍ୱତନ୍ତ୍ର ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ଉଚିତ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସି ୨୮୭୧ କୋଟି ଟଙ୍କାର ରେଳ ପ୍ରକଳ୍ପର ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିଛନ୍ତି। ଅନେକ ଗୁଡ଼ିଏ ରେଳ ଲାଇନର ନିର୍ମାଣ ଶେଷ ହୋଇଛି ଏବଂ ଏହାକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି। ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯେଉଁସବୁ ପ୍ରକଳ୍ପ ଉଦଘାଟିତ ହୋଇଛି ସେଥିରୁ ଅଧିକାଂଶ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ରହିଛି। ଏହିସବୁ ଅଞ୍ଚଳ ରେଳ ବିକାଶରେ ପଛୁଆ ପଡ଼ିଥିଲା। ଏହିସବୁ ପ୍ରକଳ୍ପ ଦ୍ୱାରା ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ତଥା ଝାଡ଼ଖଣ୍ଡ ସହ ରେଳ ସଂଯୋଗ ତଥା ରେଳନେଟୱର୍କ ସୁଦୃଢ଼ ହୋଇପାରିବ। ପ୍ରଧାନମନ୍ତ୍ରୀ ଯେଉଁସବୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସେସବୁ ପ୍ରକଳ୍ପ ମଧ୍ୟରେ ରହିଛି ଜୟପୁର ଏବଂ ନବରଙ୍ଗପୁର ମଧ୍ୟରେ ନୂଆ ରେଳ ଲାଇନ। ଏହା ଦ୍ୱାରା ନବରଙ୍ଗପୁର ପ୍ରଥମ ଥର ପାଇଁ ରେଳମାନଚିତ୍ରରେ ସ୍ଥାନ ପାଇବ। ତେବେ ଯେଉଁସବୁ ପ୍ରକଳ୍ପର ଶୁଭାରମ୍ଭ ହୋଇଛି, ସେସବୁ ଶୀଘ୍ର ଶେଷ ହେବା ଉଚିତ। ଯେଉଁସବୁ ରାଜ୍ୟରେ ରେଳବିକାଶ ହୋଇଛି, ସେସବୁ ରାଜ୍ୟ ତୁଳନାରେ ଓଡ଼ିଶା ବହୁ ପଛରେ ପଡ଼ିଛି। ମହାରାଷ୍ଟ୍ର, ପଶ୍ଚିମବଙ୍ଗ ସହ ସମକକ୍ଷ ହେବାକୁ ଓଡ଼ିଶାକୁ ଆହୁରି ବହୁ ବର୍ଷ ଲାଗିଯିବ। ଏଥିପାଇଁ ରେଳ ବଜେଟରେ ଓଡ଼ିଶାକୁ ମିଳୁଥିବା ୧୦ ହଜାର କୋଟି ଯଥେଷ୍ଟ ନୁହେଁ। ଆଗପେକ୍ଷା ଏହା ଅଧିକ ହୋଇପାରେ, କିନ୍ତୁ ରେଳବିକାଶରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ହେଲେ ରେଳ ବଜେଟରେ ଓଡ଼ିଶା ପାଇଁ ବାର୍ଷିକ ଅତି କମରେ ୨୦ ହଜାର କୋଟି ଟଙ୍କାର ଅନୁଦାନ ଆବଶ୍ୟକ। ଏବେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର ରହିଛି। ଓଡ଼ିଶାରୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ଅଛନ୍ତି। ଗତ ନିର୍ବାଚନରେ ଓଡ଼ିଶାବାସୀ ମୋଦିଙ୍କୁ ଆଖିବୁଜି ସମର୍ଥନ ଦେଇଛନ୍ତି। ତେଣୁ ବିଜେପି ଏଥର ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ସବୁ ପ୍ରକାର ସହାୟତା ପ୍ରଦାନ କରିବା ଉଚିତ। ଏଭଳି ସୁଯୋଗ ଆଉ ଭବିଷ୍ୟତରେ ଆସିବ କି ନା ସନ୍ଦେହ। ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦମାନେ ଏଥିପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ଉଚିତ। ଓଡ଼ିଶା ଏକ ଖଣି ସମୃଦ୍ଧ ଅଞ୍ଚଳ। ଖଣିଜ ସାମଗ୍ରୀ ପରିବହନରେ ରେଳବାଇର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଓଡ଼ିଶାରେ ଶିଳ୍ପ ବିକାଶ ତ୍ୱରାନ୍ୱିତ ହୋଇଛି। ଆଗକୁ ରାଜ୍ୟରେ ବିପୁଳ ପରିମାଣର ପୁଞ୍ଜିନିବେଶ ହେଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ରେଳବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଉଚିତ। ଗତ ୧୦ ବର୍ଷ ଭିତରେ ମୋଦି ସରକାରଙ୍କ ସମୟରେ ଏହା ତ୍ୱରାନ୍ୱିତ ହୋଇଛି। ଖୋର୍ଦ୍ଧାରୋଡ-ବଲାଙ୍ଗିର ରେଳପଥ କାମ ଅନେକ ବର୍ଷ ହେବ ଚାଲିଛି। ଏହାକୁ ଶୀଘ୍ର ଶେଷ କରାଯିବା ଉଚିତ। ଏହା ଦ୍ୱାରା ଉପକୂଳ ଏବଂ ପଶ୍ଚିମ ଓଡ଼ିଶା ମଧ୍ୟରେ ରେଳ ସଂଯୋଗ ସୁବିଧାଜନକ ହେବ ଏବଂ ୫ଟି ଜିଲ୍ଲାବାସୀ ଏହା ଦ୍ୱାରା ଉପକୃତ ହେବେ। ଏଥିଲାଗି ଜମି ଅଧିଗ୍ରହଣରେ ବିଳମ୍ବ ସବୁଠାରୁ ବଡ଼ ପ୍ରତିବନ୍ଧକ। ଏହାକୁ ଦୂର କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କର। ସ୍ଥଳ ବିଶେଷରେ ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ଅନୁମୋଦନ ଆବଶ୍ୟକ ପଡୁଛି। କେନ୍ଦ୍ର ସରକାର ଏ ଦିଗରେ ଦୃଷ୍ଟି ଦେବା ଉଚିତ। ଓଡ଼ିଶାର ବିଜେପି ସାଂସଦମାନେ ରାଜ୍ୟର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଏ ଦିଗରେ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବା ଉଚିତ। ମଙ୍ଗଳବାର କେନ୍ଦ୍ରରେ ମୋଦି ସରକାରର ତୃତୀୟ ପାଳିକୁ ୧୦୦ ଦିନ ସମ୍ପୂର୍ଣ୍ଣ ହୋଇଛି। ଏହି ଶୁଭ ଅବସରରେ ମୋଦିଜୀ ଓଡ଼ିଶା ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଶୁଭ ଉଦଘାଟନ କରିବା ଏକ ସଂଯୋଗ ହୋଇପାରେ। କିନ୍ତୁ ଏହା ଏକ ଶୁଭ ସଙ୍କେତ ପ୍ରଦାନ କରୁଛି। ଆଗକୁ ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବାକୁ ମୋଦିଜୀ ସବୁ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ଆଶା।

## ସମ୍ପାଦକଙ୍କୁ ପତ୍ର

### ଶିକ୍ଷାର ମାନ ବୃଦ୍ଧି ପାଉ

ମହାଶୟ,

ଗତ କିଛି ବର୍ଷ ହେବ ସର୍ବଭାରତୀୟ ସ୍ତରର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ବିଶେଷ କରି ସିଭିଲ ସର୍ଭିସେସରେ ଓଡ଼ିଆ ଛାତ୍ରଙ୍କ ସଫଳତା ହାର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ଏହା ଏକ ବ୍ୟକ୍ତିଗତ ସଫଳତାର ପ୍ରଶ୍ନ ନୁହେଁ, ଏହା ମଧ୍ୟ ଓଡ଼ିଶାର ସ୍ୱାର୍ଥ ସହିତ ଜଡ଼ିତ। ଏହା ମଧ୍ୟ ଓଡ଼ିଶା ପାଇଁ ଏକ ସମ୍ମାନର ପ୍ରଶ୍ନ। ପ୍ରଶାସନିକ ସ୍ତରରେ ଓଡ଼ିଆ ମାନେ ବଡ଼ ବଡ଼ ପଦପଦବୀରେ ରହିଲେ ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। କେନ୍ଦ୍ରରେ ଜଣେ ଓଡ଼ିଆ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ଜଣେ ଓଡ଼ିଆ ଆଇଏଏସ ଗୁରୁତ୍ୱପୂର୍ଣ୍ଣ ପଦରେ ରହିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ପିଲାମାନେ ସର୍ବଭାରତୀୟ ସ୍ତରରେ ବିଭିନନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ନହୋଇପାରିବାର ଏକ ବଡ଼ କାରଣ ହେଲା ଓଡ଼ିଶାର ସ୍କୁଲ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷାର ମାନ ନିମ୍ନଗାମୀ ହେବା। ଭଲ ଶିକ୍ଷକ ଅଛନ୍ତି, କିନ୍ତୁ ଶିକ୍ଷାର ପରିବେଶ ନାହିଁ। ସବୁଠି ରାଜନୀତିର ଖେଳ। ଏହା ସହିତ ଭଲ ଛାତ୍ରଛାତ୍ରୀମାନେ ସିଭିଲ ସର୍ଭିସ ପ୍ରତି ଆଗ୍ରହ ପ୍ରକାଶ ନକରିବା। ଏଥିପତି ଶିକ୍ଷକ ଓ ଅଭିଭାବକ ମାନେ ଦୃଷ୍ଟି ଦେବା ଆବଶ୍ୟକ।

ପ୍ରକାଶ ତ୍ରିପାଠୀ, ନିମାପଡ଼ା

# ମୋଦୀ ବିଶ୍ୱର ଏକ ନମ୍ବର ଲୋକପ୍ରିୟ ରାଜନେତା

ପ୍ରଦୀପ ସେନାପତି

ଜୀବନ୍ତ ଅନୁଭୂତିର ଏକ ବିଶାଳ ଜଙ୍ଗଲ। ଏହି ଜଙ୍ଗଲରେ ରହିଥାନ୍ତି ଅନେକ ପ୍ରକାରର ଗଛ, ପତ୍ର, ଲତା, ତୃଣ, ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାରର ଜୀବଜନ୍ତୁ। ବିଶାଳକାୟ ବରଗଛଟିଏ ହେଲେ ବି ଆବଶ୍ୟକତା ଦୃଷ୍ଟିରୁ ତାହା ଜନତା ଜନାର୍ଦ୍ଦନଙ୍କ ପାଇଁ ଯେତିକି ମୂଲ୍ୟବାନ, ନିହାତି ଅନାମଧେୟ ଦୁବଘାସଟିଏ ମଧ୍ୟ ତା ତୁଳନାରେ କମ୍ ମୂଲ୍ୟବାନ ନୁହେଁ। ପ୍ରଳୟଙ୍କରୀ ମହାବାତ୍ୟାରେ ଉପୁଡ଼ି ଯାଉଛି ବିଶାଳକାୟ ବୃକ୍ଷ; କିନ୍ତୁ ଦୁବଘାସର କି କ୍ଷତି କରିପାରୁଛି ସେ ମହାବାତ୍ୟା? ଅଦମନୀୟ ମହାନ ବ୍ୟକ୍ତିତ୍ୱ ତଥା ଦିବ୍ୟ ଗୁଣଧାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକ୍ଷିପ୍ତ ଜୀବନର ମୋର ସେହି ଲେଖା ଦୁବଘାସ ପରି ନିମିତ ମାତ୍ର ହୋଇପାରେ, ମାତ୍ର ଜନତା ଜନାର୍ଦ୍ଦନଙ୍କର ସେବା କରିବାକୁ ଦୃଢ଼ ସଂକଳ୍ପ, ନିଶ୍ଚିତ ଭାବରେ ଉଦାହରଣୀୟ। ନରେନ୍ଦ୍ର ମୋଦିଙ୍କ ଜୀବନଚର୍ଚ୍ଚା ପାଠକଙ୍କ ଦ୍ୱାରା ନିଶ୍ଚିତ ଭାବରେ ଆଦୃତ ହେବ ଏବଂ ଯେଉଁମାନେ ଭାରତକୁ ବିଶ୍ୱର ଶ୍ରେଷ୍ଠ ଦେଶ ରୂପେ ଦେଖିବାକୁ ଚାହୁଁଥିବା ଯୁବଗୋଷ୍ଠୀ ତଥା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶିକ୍ଷଣୀୟ ଓ ଉପାଦେୟ ଲେଖାହେବ ବୋଲି ଆଶା କରୁଛି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ - ୧୧୧ତମ ମନ୍ କି ବାତ୍ ରେ ଦେଶ ତଥା ବିଶ୍ୱବାସୀଙ୍କୁ ନିଜ ମା'ଙ୍କ ନାମରେ ଗଛଟିଏ ଲଗାଇବାକୁ ନିବେଦନ କରି ଜନ୍ମଦାତ୍ରୀ ମା'ର ସେହି ସ୍ନେହ ଆମ ସମସ୍ତଙ୍କ ଉପରେ ଗୋଟିଏ ଋଣ ସଦୃଶ ହୋଇଥାଏ। ଯାହାକୁ କେହି ଶୁଝିପାରେନା।

ମା'ଙ୍କୁ ତ ଆମେ କିଛି ଦେଇପାରିବା ନାହିଁ। ହେଲେ ତାଙ୍କ ପାଇଁ କିଛି କରି ପାରିବା କି ? ଏହା ଆମମାନଙ୍କ ପାଇଁ ଏକ ପ୍ରେରଣାଦାୟୀ, ମହାନ ଆଦର୍ଶ ଅଟେ। ସେ ଘୋଷଣା କରିଛନ୍ତି, ନିଜର କୌଣସି ସନ୍ତାନ ସନ୍ତତି ନଥିବା ହେତୁ ପ୍ରତ୍ୟେକ ଭାରତବାସୀ ତାଙ୍କର ଉତ୍ତରାଧିକାରୀ ହୋଇଥିବାରୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ କାମ କରିବା ମୋର ଏକମାତ୍ର କାମ୍ୟ। କାରଣ ପ୍ରତ୍ୟେକ ବ୍ୟକ୍ତି ନିଜର ଉତ୍ତରାଧିକାରୀଙ୍କ ଭବିଷ୍ୟତ ନିମନ୍ତେ ସବୁକିଛି ତ୍ୟାଗ କରିଥାଏ। ନିଜର ଉତ୍ତରାଧିକାରୀ କିପରି ସୁଖ ଶାନ୍ତିରେ ରହିବେ ସେଥିପାଇଁ ଜଣେ କଠିନ ପରିଶ୍ରମ କରିଥାଏ। ସେହିପରି, ଦେଶବାସୀ ମୋର ଉତ୍ତରାଧିକାରୀ ହୋଇଥିବାରୁ ସେମାନଙ୍କ ସୁଖ ଶାନ୍ତି ନିମନ୍ତେ କାମ କରିବା ହିଁ ଏକମାତ୍ର ଉଦ୍ଦେଶ୍ୟ। ଏପରି କି ମୋ ଜୀବନରେ ଯେଉଁଭଳି ଭାବରେ ଦୁଃଖ, ଯନ୍ତ୍ରଣା ଓ ସମସ୍ୟାର ସମ୍ମୁଖୀନ ହୋଇଛି ତାହା ମୋର ଉତ୍ତରାଧିକାରୀଙ୍କୁ ଭୋଗିବାକୁ ଦେବି ନାହିଁ। ତେଣୁ, ଏଭଳି ଜଣେ ମହାନ୍ ତ୍ୟାଗୀ ପୁରୁଷଙ୍କ କଥା ଚିନ୍ତାକଲେ ଜଣେ କଠୋର ପନ୍ଥୀ ଦେଶ ପ୍ରେମୀ ଭାବରେ ତାଙ୍କ ପ୍ରତି ମୋର ହୃଦୟସ୍ପର୍ଶୀ ମଥା ନତମସ୍ତକ ହୋଇପଡ଼େ। ମୁଁ ଏବଂ ମୋର ଦେଶବାସୀ ସେହି ଦିନଟିକୁ ଦେଖି ଗର୍ବ ଅନୁଭବ କରିଥିଲେ। ଗତମାସ ଜୁଲାଇ ୯ ତାରିଖ ମୋଦୀଙ୍କ ରୁଷଗସ୍ତ ଅବସରରେ "ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଙ୍ଗଳବାର କ୍ରେମଲିନ୍ ଭବନ (ରାଷ୍ଟ୍ରପତି ଭବନ)ରେ ରୁଷର ସର୍ବୋଚ୍ଚ ବେସାମରିକ ସମ୍ମାନ "ଅର୍ଡ଼ର ଅଫ୍ ସେଣ୍ଟ ଆଣ୍ଡ୍ରୁ ଦି ଆପୋଷ୍ଟଲ ମୋଦିଙ୍କୁ ପ୍ରଦାନ କରିଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିବା ସମୟରେ ରୁଷର ରାଷ୍ଟ୍ରପତି ମୋଦୀଙ୍କ ବେକରେ ଏହି ସର୍ବୋଚ୍ଚ ବେସାମରିକ ସମ୍ମାନ ପକାଉଥିବା ବେଳେ, ଆମେରିକା ସମେତ ବିଶ୍ୱର ସମଗ୍ର ନେତାଙ୍କୁ ଚକିତ କରିଥିଲା। ଭାରତ ରୁଷ ସମ୍ପର୍କର ନିବିଡ଼ତା ଆଣିବାରେ ମୋଦୀଙ୍କୁ ଏବଂ ଆମ୍ଭ ଭାରତବାସୀଙ୍କୁ ରୁଷର ଭଲପାଇବାର ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୧୯ରେ ମୋଦୀଙ୍କୁ



ଏହି ସମ୍ମାନ ପ୍ରଦାନ ଲାଗି ରୁଷ ପକ୍ଷରୁ ଘୋଷଣା କରାଯାଇଥିଲା। ସମ୍ମାନ ଗ୍ରହଣ କରିବାପରେ ମୋଦୀ ଏହାକୁ ଭାରତର ନାଗରିକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପରେ ମୋଦୀ କହିଥିଲେ ଯେ ଏହି ସମ୍ମାନ ଦୁଇ ଦେଶର ସମ୍ପର୍କକୁ ଆହୁରି ନିବିଡ଼ କରିବାରେ ସହାୟକ ହେବ। ୧୬୯୮ରେ ସାର୍ ପିଟର ଦ ଗ୍ରେଟ୍ ଏହି ପୁରସ୍କାରକୁ ସେଣ୍ଟ ଆଣ୍ଡ୍ରୁଙ୍କ ସମ୍ମାନାର୍ଥେ ପ୍ରତିଷ୍ଠା କରିଥିଲେ। ଗର୍ବର କଥା ଏଇଥିପାଇଁ ଯେ, ମୋଦୀ ପ୍ରଥମ ଭାରତୀୟ ଭାବେ ଏହି ପୁରସ୍କାର ପାଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ଭାରତର ବିକାଶ ପ୍ରକ୍ରିୟା। ଯେଉଁ ବେଗରେ ତ୍ୱରାନ୍ୱିତ ହେଉଛି ତାକୁ ଦେଖି ବିଶ୍ୱ ସମୁଦାୟ ଚକିତ ହୋଇ ପଡ଼ିଲେଣି। ୨୦୧୪ ପୂର୍ବରୁ ଭାରତର ନାଗରିକମାନେ ହତାଶ ମଧ୍ୟରେ କାଳାତିପାତ କରୁଥିଲେ। ଏବେ ଭାରତରେ ଅନେକ କିଛି ପରିବର୍ତ୍ତନ ହେବା ସହ ଦେଶର ସବୁ କ୍ଷେତ୍ରରେ ବିକାଶ ଦ୍ରୁତ ବେଗରେ ଆଗକୁ ବଢ଼ୁଛି। ଆଗରୁ ଭାରତର ପ୍ରତ୍ୟେକ ଘରେ ଘରେ ଶର୍‌ପେ ଲାଲ୍ ଟେପି ରୁଷି, ଫିର୍ ଭି ଦିଲ୍ ହେ ହିନ୍ଦୁସ୍ଥାନୀ" ଗୀତ ବୋଲା ଯାଉଥିଲା। ଏହି ଗୀତ ଏବେ ପୁରୁଣା ହୋଇ ଗଲାଣି। ସେତେବେଳେ ଭାରତୀୟମାନେ ବିଦେଶୀ ଉତ୍ପାଦିତ ସାମଗ୍ରୀ ଉପରେ ନିର୍ଭରଶୀଳ ଥିଲେ। ମାତ୍ର ଏବେ ଭାରତୀୟ ମାନେ ନିଜ ତିଆରି ଜିନିଷ ବ୍ୟବହାର କରୁଛନ୍ତି।

ବିଗତ ଦଶବର୍ଷ ମଧ୍ୟରେ ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି। ଏହା ସମସ୍ତ ଭାରତୀୟଙ୍କ ପାଇଁଗର୍ବର ବିଷୟ ଅଟେ। ତାଙ୍କର ତୃତୀୟ ଥର କାର୍ଯ୍ୟକାଳରେ ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ପରିଣତ କରିବାର ସରକାରଙ୍କର ଲକ୍ଷ୍ୟ। ଭାରତର ଆର୍ଥିକ ଅଭିବୃଦ୍ଧି ଯାହା ବିଶ୍ୱ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଶତ ହାସଲ କରିଛି। ଦେଶର ଡିଜିଟାଲ ଏବଂ ଫିନଟେକ୍ ସଫଳତା : ସବୁଜ ବିକାଶ କ୍ଷେତ୍ରରେ ସଫଳତା ଏବଂ ଏହାର ପ୍ରଭାବଶାଳୀ ସାମାଜିକ - ଆର୍ଥିକ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ସଶକ୍ତ କରୁଛି। ୧୪୦ କୋଟି ଭାରତୀୟଙ୍କ ସମର୍ପଣ ପ୍ରତିବଦ୍ଧତା ଏବଂ ଯୋଗଦାନ ଯୋଗୁଁ ଭାରତର ପରିବର୍ତ୍ତନକାରୀ ସଫଳତା ମିଳିଛି ବୋଲି କହିପାରିବା। ସମସ୍ତ ଦେଶବାସୀ ଆଜି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନ ଦେଖୁଛନ୍ତି ବୋଲି ମୋଦୀ କହିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ଠାରୁ ଆରମ୍ଭ କରି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ପ୍ରୟାସ ମାଧ୍ୟମରେ ଭାରତ ଜଣେ ବିଶ୍ୱ ବନ୍ଧୁ ଭାବରେ ଦୁନିଆର ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ପାଇଁ ଶାନ୍ତି ଆଲୋଚନା ଏବଂ କୁଟନୀତି ପାଇଁ ଭାରତର ଆହ୍ୱାନକୁ ଅଧିକ ସମର୍ଥନ ମିଳିଛି।

ମୋ ଜୀବନର ଲକ୍ଷ୍ୟ ସବୁ କିଛି ଅଟେ। ଉଚ୍ଚଭିଳାଷ ମଧ୍ୟ କିଛି ନାହିଁ। ଯଦି ମୁଁ ନଗର ନିଗମର ଅଧ୍ୟକ୍ଷ ହୋଇଥାନ୍ତି, ତେବେ ମଧ୍ୟ ସେତିକି ହିଁ ପରିଶ୍ରମରେ କାମ କରନ୍ତି, ଯେତିକି ଏବେ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିଚାଳନାର ମନ୍ତ୍ର ଅର୍ଦ୍ଧଶତକରେ ଇତି କରି ତାଙ୍କର ଅଦମନୀୟ ସ୍ଥିତିକୁ କୃତଜ୍ଞତା ଜଣାଉଛି ସେବକ ଭାବରେ। ସର୍ବସ୍ୱୀକୃତ ମହାନାୟକ ନରେନ୍ଦ୍ର ମୋଦୀଙ୍କ ହାତ ଦୃଢ଼ କରିବାକୁ ହେବ। ତାଙ୍କ ଉପରେ ଆମର ବିଶ୍ୱାସ ଦେଖେଇବାକୁ ହେବ ଓ ଦେଶ ପାଇଁ ବଞ୍ଚିବାକୁ ହେବ, ସେତେବେଳେ ଆମ ଦେଶ ଶ୍ରେଷ୍ଠ ହେବ। 'ସବ୍‌କା ସାଥ', 'ସବ୍‌କା ବିକାଶ', 'ସବ୍‌କା ପ୍ରୟାସ', 'ଏକ ଭାରତ ଶ୍ରେଷ୍ଠ ଭାରତ' ଏହା ଆମ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଅଟେ। ଯାହା ଆମକୁ ସାକାର କରିବାକୁ ପଡ଼ିବ। ସଂକ୍ଷିପ୍ତ ଲେଖକ ମୋଦୀଙ୍କ ରଚିତ ପୁସ୍ତକର ସହାୟତା ନେଇଛି। ପ୍ରକାଶ ଥାଉକି, ଏ ଲେଖନୀ ଚାଳନାରେ ପାଠକଙ୍କ ସମ୍ମୁଖକୁ ଅଳ୍ପ ବହୁତ, ସଂକ୍ଷିପ୍ତ, ବିସ୍ତାରିତ ଅବା ସେହି ବିଷୟ ରହୁଛି ଯାହା ନରେନ୍ଦ୍ର ମୋଦୀଙ୍କ ଠାରୁ ଶିଖାଯାଇ ପାରିବ। ଶେଷରେ ଏହି ୭୫ତମ ପୁଣ୍ୟ ତିଥି ଅବସରରେ ମୁଁ ଏବଂ ଦେଶବାସୀଙ୍କ ପକ୍ଷରୁ ଆନ୍ତରିକତାର ସହିତ ଭକ୍ତିପୂତ ଅଭିନନ୍ଦନ ଜଣାଉଅଛି।


ରାଜ୍ୟ ସଭାପତି, ଓଡ଼ିଶା
ସାମ୍ପ୍ରଦାୟିକ ସୁରକ୍ଷା ସଂଗଠନ, ଓଡ଼ିଶା
ଇଣ୍ଡିଆନ୍ ନ୍ୟୁଜ୍ ସାଇଟ୍, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨
ମୋବାଇଲ: ୭୮୪୮୮୯୮୪୫୬


# ସଫଳତାର ନିଃସଙ୍ଗତା, ବାର୍ଦ୍ଧକ୍ୟ ?



ସୁବାସ ଷଡ଼ଙ୍ଗୀ

ପିଲାମାନଙ୍କ ପାଖକୁ ବୁଲିଯିବା ତାଗିଦରେ ଗତମାସରେ କିଛିଦିନ ପାଇଁ ରାୟପୁର ଯାଇଥିଲି। ଫ୍ଲାଟର ଜୀବନ। ସତରେ ବନ୍ଦୀ ଜୀବନଯାପନ ସମ୍ପର୍କରେ ବିଭିନ୍ନ ଲୋକମାନଙ୍କଠାରୁ ଯାହା ଶୁଣିଥିଲି, ତାହାର ଏକ ନିଚ୍ଛକ ପ୍ରତିଫଳନ ଅନୁଭବ କଲି। କିଛିଦିନ ତଳେ ଖବରକାଗଜରେ ପଢ଼ିବାକୁ ପାଇଥିଲି ଜାପାନରେ ପ୍ରତି ସପ୍ତାହରେ ପ୍ରାୟ ନିଃସଙ୍ଗ ବୃଦ୍ଧବୃଦ୍ଧାମାନଙ୍କ ମୃତ୍ୟୁହାର ବଢ଼ିବାରେ ଲାଗିଛି।

୧୯୬୦ ମସିହା ପରଠାରୁ ଜାପାନରେ ଫ୍ଲାଟ ଜୀବନର ଅୟମାରମ୍ଭ ହେଲା। ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଅର୍ଥନୀତି ଯେପରି ଦ୍ରୁତହାରରେ ବଢ଼ିବାରେ ଲାଗିଲା, ଏହା ଥିଲା ତା'ର ଏକ ଅଙ୍ଗ। ଲୋକେ ଫ୍ଲାଟ ଜୀବନକୁ ଆଦରି ନେଲେ। ଉଚ୍ଚ ଆୟକାରୀ ବା ମଧ୍ୟବିତ୍ତ ପରିବାରର ଲୋକମାନେ ଫ୍ଲାଟ ଜୀବନକୁ ଗ୍ରହଣ କଲେ। ଏଇଠୁ ଆରମ୍ଭ ସାଫଲ୍ୟମୁଖୀ ବିଚ୍ଛିନ୍ନ ଜୀବନ।

ଧୀରେ ଧୀରେ ସମୟ ସହିତ ତାଳ ଦେଇ ଆର୍ଥିକ ଗତି ଧୀମା ବଢ଼ିବାକୁ ଆରମ୍ଭ କଲା। କିନ୍ତୁ ସେତେବେଳକୁ ମଣିଷ ସାଫଲ୍ୟ ପଛରେ ଧାଇଁ ମଣିଷ ବନ୍ଧୁହୀନ ଜୀବନଯାପନ କରିବା ଆଦରି ନେଇଥିଲା। ଯାହାଫଳରେ ବୁଢ଼ାଦିନେ ଆରମ୍ଭ ହେଲା ନିଃସଙ୍ଗ ଜୀବନ, ଏକାକିତ୍ୱ ଜୀବନ। ପରିସ୍ଥିତି ଏପରି ହେଲା ଫ୍ଲାଟ ଭିତରେ ମରିଗଲେ ମଧ୍ୟ ଜଣାପଡ଼ିଲାନି। କୌଣସି କାରଣ ପାଇଁ ଖୋଜା ପଡ଼ିଲେ ମୃତ୍ୟୁ ଖବର ଜଣାପଡୁଥିଲା। ଆମ ଭାରତରେ ଫ୍ଲାଟଜୀବନ କିପରି ଚାଲିଛି, ସେ ସମ୍ପର୍କରେ ବିଶେଷ କିଛି ତଥ୍ୟ ପଦାକୁ ଆସିନାହିଁ। ଜୀବନସାରା ରୋଜଗାର କରିବା ପରେ ସରକାର ଯେତେବେଳେ ଏମାନଙ୍କୁ ଅବସର ନେବାକୁ କହନ୍ତି, ସେତେବେଳେ ଏମାନେ ପ୍ରକୃତିସ୍ଥ ହୁଅନ୍ତି। କିନ୍ତୁ ସେତେବେଳକୁ ସେମାନଙ୍କ ପିଲାମାନେ ରୋଜଗାର ଦୌଡ଼ରେ ଏମିତି ଭାବରେ ସାମିଲ ହୋଇଯାଇଥାନ୍ତି, ଏମାନଙ୍କୁ ପାଖରେ ରଖିବାକୁ ଚାହାନ୍ତି ନାହିଁ। ବା।ପା-ମା'ଙ୍କ କଥା ବୁଝିବାକୁ ସେମାନଙ୍କ ପାଖରେ ସମୟର ଅଭାବ। ଆମ ରାଜଧାନୀର ଅବସ୍ଥା ମଧ୍ୟ ଠିକ୍ ସେଇଆ। ଫ୍ଲାଟ କଲ୍‌ଚର ବଢ଼ିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ହୁଏତ ଅନେକ ଫ୍ଲାଟ ଘରକୁ ପସନ୍ଦ କରୁଛନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ଏହା ସେମାନଙ୍କୁ ନିଃସଙ୍ଗ କରିଦେଉଛି। ତେବେ ଯେଉଁମାନେ ଚାକିରି କରିଥିଲେ, ସେମାନଙ୍କ କଥା ଅଲଗା। ସେମାନଙ୍କ କିଛି ଅର୍ଥ ବ୍ୟାଙ୍କରେ ଗଚ୍ଛିତ ରହିଛି। ରୋଜଗାରର ଏହା ଏକ ମାଧ୍ୟମ। କିନ୍ତୁ ଅନ୍ୟମାନଙ୍କ କଥା? ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ, ପିଲାମାନେ ଯେପରି ବାପା-ମା'ମାନଙ୍କୁ ନିର୍ଯାତନା ଦେଉଛନ୍ତି, ସେ ଖବର ପଢ଼ିବାକୁ ମିଳେ। କାରଣ ଆମ ସମାଜର ଏକ ବିଶାଳ ଅଂଶର ବୁଢ଼ାବୁଢ଼ୀମାନଙ୍କ କୌଣସି ରୋଜଗାର ନାହିଁ। ଯାହାଫଳରେ ସେମାନଙ୍କର କୌଣସି ସାମାଜିକ ସୁରକ୍ଷା ନାହିଁ। ଯେଉଁମାନେ ଦିନମଜୁରିଆ, କାମ କଲେ ଖାଉଥିଲେ; ସେମାନେ ବୁଢ଼ାହେଲେ କ'ଣ କରିବେ? ସରକାର କହିବେ, ସେମାନଙ୍କୁ ୫୦୦ ଟଙ୍କା ଭତ୍ତା ଦିଆଯାଉଛି। କ'ଣ ପାଞ୍ଚଶହ ଟଙ୍କାରେ ଜଣେ ଚଳିଯାଇପାରିବ?

ଏମାନଙ୍କ ଉପରେ ଯେଉଁମାନେ ଅଛନ୍ତି, ସେମାନଙ୍କ ଅବସ୍ଥା ଆହୁରି ଦୟନୀୟ। ସେମାନେ ନିମ୍ନମଧ୍ୟବିତ୍ତ ଆୟକାରୀ। ଚାକିରି କଲାବେଳେ ଯାହା କିଛି ସଞ୍ଚୟ କରିଥିଲେ, ତାହାହିଁ ହେଉଛି ସେମାନଙ୍କର ଜମା ପୁଞ୍ଜି। କ୍ରମହ୍ରାସମାନ ସୁଧ ଓ କ୍ରମବର୍ଦ୍ଧମାନ ମୂଲ୍ୟର ବଜାରରେ ସେମାନଙ୍କୁ ବଞ୍ଚିବାକୁ ହେଉଛି।

ବୁଢ଼ାଦିନେ ସବୁଠାରୁ ବଡ଼ ସମସ୍ୟା ହେଉଛି ସ୍ୱାସ୍ଥ୍ୟ। ନବୀନବାବୁଙ୍କ ଦୟାରୁ ଗରିବ ଲୋକମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି। କିଛି ନ ହେଲେ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜଣେ ଲୋକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହୋଇପାରିବ। ସରକାରଙ୍କ ଦାବି ଏହି ଯୋଜନାରେ ସରକାର ଦିନକୁ ଏକକୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ରିପୋର୍ଟ କହେ, ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେବାଦ୍ୱାରା ପ୍ରତିବର୍ଷ ୨୨ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯାଉଛନ୍ତି। ଏଣୁ ଏକ ଭଲ ଯୋଜନା।

କିନ୍ତୁ ଯେଉଁମାନେ ନିମ୍ନବଧ୍ୟବିତ୍ତ! ସେମାନଙ୍କର କଣ ହେବ? ଗୋଟିଏ ଥରରେ ସେମାନଙ୍କର ସବୁ ଜମାପୁଞ୍ଜି ଶେଷ। ଅର୍ଥାତ ପୁଣି ଗରିବ। ଏମାନେ ଯେହେତୁ ସଂଗଠିତ ନୁହଁନ୍ତି, ତେଣୁ ସରକାର ସେମାନଙ୍କ କଥା ବିଚାରକରିବେ? ଏମାନେ ନିଜ ବିବେକ ଅନୁସାରେ ଭୋଟ ଦିଅନ୍ତି। ଏଣୁ ସରକାର ବା କାହିଁକି କିଛି କରିବେ?

ସବୁଠାରୁ ବଡ଼ କଥା ହେଲା, ଆଜିକାଲିର ବଜାର ଦୁନିଆରେ ବୁଢ଼ାବୁଢ଼ୀମାନେ ଉତ୍ପାଦକ ନୁହନ୍ତି। ବଡ଼ଧରଣର ଉପୋଭୋକ୍ତା ମଧ୍ୟ ନୁହନ୍ତି। ତେଣୁ ସରକାର ବା ବଜାର ସେମାନଙ୍କ ସମ୍ପର୍କରେ ଚିନ୍ତା କରେ ନାହିଁ। ଓଡ଼ିଶାରେ ନିମ୍ନବିତ୍ତ ବୁଢ଼ାବୁଢ଼ୀମାନଙ୍କ ସଂଖ୍ୟା ଅଧିକ। ଅତି ଗରିବ ଲୋକମାନଙ୍କ ଜୀବନ ପାଞ୍ଚଶହ ଟଙ୍କାରେ ବନ୍ଧା। ପୁଅବୋହୂ ଚାଉଳ ଆଉ ଭତ୍ତା ଟଙ୍କା ପାଇଁ ଅଳିଆ ବସ୍ତା ଭଳି ରଖିଛନ୍ତି ବରିଷ୍ଠ ନାଗରିକମାନଙ୍କୁ। ଆଉ ଚାକିରିଜୀବୀ! ସେମାନଙ୍କ ଅବସ୍ଥା ଗରିବ ବୁଢ଼ାଙ୍କ ଠାରୁ ଅଧିକ ଖରାପ। ନା' ସେମାନେ ଭଲରେ ରହିପାରୁଛନ୍ତି, ନା' ଖରାପରେ। ଯଦି ଦେହ ଖରାପ ହୋଇଗଲା, ତେବେ ସେମାନଙ୍କୁ ଭଗବାନଙ୍କ ଉପରେ ନିର୍ଭର କରିବାକୁ ହେବ।

ସରକାର ଏମାନଙ୍କ କଥା ଭାବିବା ଦରକାର। ବୁଢ଼ାବୁଢ଼ୀମାନଙ୍କ ସବୁଠାରୁ ବଡ଼ ସମସ୍ୟା ହେଲା ସ୍ୱାସ୍ଥ୍ୟ ସମସ୍ୟା। ଏଣୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଭୁବନେଶ୍ୱରରେ ସ୍ୱତନ୍ତ୍ର ହସ୍ପିଟାଲ ଖୋଲାଯିବା ଦରକାର। ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉ। ଆଉ ବେଶୀଦିନ ନୁହେଁ। ଆସନ୍ତା ୧୦ ବର୍ଷ ଭିତରେ ବରିଷ୍ଠ ନାଗରିମାନେ ଏକ ବଡ଼ ଧରଣର ଭୋଟବ୍ୟାଙ୍କ ଭାବେ ଉଭା ହେବେ। ଏଣୁ ସେମାନଙ୍କ ସଶକ୍ତିକରଣ ପାଇଁ ସରକାର ଏବେଠାରୁ ଚିନ୍ତା କରିବା ଦରକାର।

ମୋ: ୯୪୩୯୬୫୨୩୨୨

# ବଏଫ୍ରେଣ୍ଡର ଅବଦାନ ଅତୁଳନୀୟ



ଦିପ୍ତିମୟୀ ନାୟକ

ମନର ମଣିଷକୁ ନିଜେ ବାଛିବା କୌଣସି ଖରାପ କଥା ନୁହେଁ। ଅବଶ୍ୟ କେହି କେହି କୁହନ୍ତି ଭଲପାଇବା ଭଲନୁହେଁ। ହେଲେ ଅନେକ ସମୟରେ ଶୁଣିବାକୁ ମିଳେ ବଏଫ୍ରେଣ୍ଡ ନଥିଲେ ଭାରି ହଇରାଣ ହେବାକୁ ପଡିଥାଏ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡିଥାଏ। ଆଉ ଅନ୍ୟମାନେ ଯେତେବେଳେ ବିପଦ ସମୟରେ ପାଖରେ ଠିଆ ହୁଅନ୍ତିନି ସେତେବେଳେ ବଏଫ୍ରେଣ୍ଡ ଗାର୍ଲଫ୍ରେଣ୍ଡ ପାଖେ ଠିଆ ହୋଇଥାଏ। ଗାର୍ଲଫ୍ରେଣ୍ଡ ମନ କଥା ବୁଝୁଥାଏ। ତେବେ ଯଦି ଆପଣ ବାହାରେ ରହୁଛନ୍ତି ନିହାତି ଭାବରେ ବଏଫ୍ରେଣ୍ଡଟିଏ ରଖିଥାନ୍ତୁ। କାରଣ ଆପଣ ଆଉ ଘରେ ରହୁନାହାନ୍ତି ଯେ, ଆପଣଙ୍କୁ ଆପଣଙ୍କ ଘର ଲୋକ ସୁରକ୍ଷା ଦେଓ୍ୱେ ବରଂ ଆପଣ ବାହାରକୁ ଆସିଛନ୍ତି ଖଣ୍ଡେ ଚାକିରୀ କରିବାପାଇଁ ତେଣୁ ରାତି ଅନ୍ଧାର କଥା ଏକା ଯିବା ଆସିବାରେ ଅସୁବିଧା ହେବ ବଏଫ୍ରେଣ୍ଡ ଯଦି ରଖିଥିବ ସେ ନେବା ଆଣିବା କରିବ ରାତି ଅନ୍ଧାରର ଭୟ ରହିବନି। ଆରାମରେ ନିଜ ସ୍ୱପ୍ନ ପୂରଣ କରିବା ସହ ସବୁବେଳେ ସୁରକ୍ଷିତ ରହିବ। ସେଥିପାଇଁ ବଏଫ୍ରେଣ୍ଡଟିଏ ରଖିଥାଆନ୍ତୁ ଏକଥା ମୁଁ କୁହେନାହିଁ। ଏକଥା ମୋ ସହଯୋଗୀମାନେ ମୋତେ ଅନେକ ଥର କୁହନ୍ତି କିନ୍ତୁ ଏ ଚଗଲା ମନ କେବେ ଅନ୍ୟ ଉପରେ ନିର୍ଭର କରି ଚଳିବା ଶିଖିନି। ଯେତେଥର ଯାହାବି ଶିଖିଛି ଯାହାବି କରିଛି ନିଜ ହୃଦୟକୁ ପଚାରି କରିଛି ଆଉ ହୃଦୟ ଯେବେ ନା କରିଛି ସେତେବେଳେ ଅନ୍ୟ ଲୋକଙ୍କ ଭଲପାଇବା ଦେଖି ଗୋଟେ ଲମ୍ବା ହସ ଦେଇ ଆଗକୁ ବଢିଛି କିନ୍ତୁ ଅନେକ ଥର ଶୁଣିଛି ବଏଫ୍ରେଣ୍ଡ ରଖିବାର ଫାଇଦା କଣ। ବଏଫ୍ରେଣ୍ଡ ତମ ଜଗୁଆଳି ନୁହେଁ କିନ୍ତୁ ସେ ତମକୁ ଜଗିକି ରୁହେ। ଗାର୍ଲଫ୍ରେଣ୍ଡର ପ୍ରତ୍ୟେକଟି ପସନ୍ଦ ନାପସନ୍ଦକୁ ଜାଣିଥାଏ। ହେଲେ ସେହି ଗାର୍ଲଫ୍ରେଣ୍ଡ କଣ କରେ ଯେଉଁ ବଏଫ୍ରେଣ୍ଡ ତାର ଏତେ ଯତ୍ନ ନିଏ ସେ ଟିକେ ସଫଳତା ପାଇଗଲେ ନୂଆ ବଏଫ୍ରେଣ୍ଡ ସହ ବୁଲାବୁଲି ଆରମ୍ଭ କରିଦିଏ। ମାନୁଛି ସବୁଝିଅ ସମାନ ନୁହଁନ୍ତି କିନ୍ତୁ କିଛି ଝିଅ ନିଜ ସ୍ୱାର୍ଥ ପାଇଁ ମା ଠାରୁ ପୁଅକୁ ଛଡେଇ ଆଣି ନିଜର କରି ରଖିଥାଆନ୍ତି। ଯେଉଁ ବାପା ମାଙ୍କର ଆଶା ଥାଏ ପୁଅ ରୋଜଗାର କଲେ ଆମ ଘର ଚଳିବ ସେହି ଚଳିବା ପଇସା ହିଁ ଏ ପୁଅ ସେହି ଝିଅ ପଛରେ ଉଡେଇଦେଇଥାଏ। ହୁଏତ ଏକଥା କାହାକୁ ପସନ୍ଦ ଆସିପାରେ କିମ୍ବା ନଆସିପାରେ କିନ୍ତୁ ବର୍ତ୍ତମାନ ଦୁନିଆ ଏମିତି ହିଁ ଚାଲିଛି। ନିଜ ସୁବିଧା ଅନୁଯାୟୀ ମନର ମଣିଷ ତ ମିଳୁଛି କିନ୍ତୁ ଏହି ମନର ମଣିଷ କେତେବେଳେ ହତଆଦର ହୋଇ ଘୃଣାର ପାତ୍ର ହେଉଛି ତାହା ରାତି ପାହିଲେ ଅନେକ ଖବର କାଗଜରେ ପଢିବାକୁ ମିଳିବା ସହ ସୋସିଆଲ ମିଡିଆ ଗୁଡିକରେ ମଧ୍ୟ ଘୁରି ବୁଲୁଛି। ଯେଉଁ ବଏଫ୍ରେଣ୍ଡ ନିଜ ଗାର୍ଲଫ୍ରେଣ୍ଡ ପାଇଁ ଏତେ ସବୁ କରୁଛି ସେହି ଗାର୍ଲଫ୍ରେଣ୍ଡ ବଏଫ୍ରେଣ୍ଡ ଜୀବନ ନେଉଛି ଆଉ କେତେବେଳେ ବଏଫ୍ରେଣ୍ଡ ନିଜ ଗାର୍ଲଫ୍ରେଣ୍ଡର ଜୀବନ ନେଇଯାଉଛି। ତେବେ ଆପଣମାନେ ନିଜେ ଅନୁମାନ କରନ୍ତୁ ବଏଫ୍ରେଣ୍ଡ ଗାର୍ଲଫ୍ରେଣ୍ଡ



ରହିବା ନିହାତି ଜରୁରୀ କି। ଯଦି ଜରୁରୀ ନୁହେଁ ତେବେ ଅନ୍ୟମାନେ କାହିଁକି ଏହି ପରାମର୍ଶ ଦେଇଥାନ୍ତି ଆଉ ବଏଫ୍ରେଣ୍ଡର ଅବଦାନ ଅତୁଳନୀୟ ବୋଲି କହିଥାନ୍ତି।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ଆମ ସମାଜରେ ଲଭ, ସେକ୍ସ, ଧୋକାର ସାଇଡ ଇଫେକ୍ଟ ରହିଛି। ଆଗରୁ ପ୍ରେମର ପରିଭାଷା ଅଲଗା ରହିଥିଲା କିନ୍ତୁ ଏବେକାର ପ୍ରେମ ବହୁତ ଭିନ୍ନ ହୋଇଛି। ଯେଉଁମାନେ ଏତେ ଗୁରୁଜ୍ଞାନ ଦେଇ କୁହନ୍ତି ଶୁଣ ଜୀବନରେ ବଏଫ୍ରେଣ୍ଡର ଅବଦାନ ଅତୁଳନୀୟ। ଖଣ୍ଡେ ବଏଫ୍ରେଣ୍ଡଟିଏ ରଖ। ତେବେ ସେମାନଙ୍କ ପାଇଁ ପଦେ କାହାର କିଛି ପାଇବାର ଆଶା ନଥିଲେ କେହି କାହାର ହୁଅନ୍ତିନି କି କେହି କାହାକୁ ରାତି ଅନ୍ଧାରରେ ଜଗିକି ବସନ୍ତିନି। ଥରେ ଇଜ୍ଜତ ଗଲେ ଆଉ ଇଜ୍ଜତ ମିଳେନି ହୁଏତ ଏକଥା ଅନେକଙ୍କୁ ଦ୍ୱନ୍ଦରେ ପକାଇପାରେ କିନ୍ତୁ ଆପଣ ମାନେ ଜାଣନ୍ତି ଏବେକାର ପ୍ରେମ କିପରି ତେଣୁ ବିଶେଷ କିଛି ଉପସ୍ଥାପନ କରୁନି। କାରଣ ଏହି ପ୍ରେମ ପାଇଁ ମଣିଷ କେବେକେବେ କାନ୍ଦିଛି ଆଉ କେବେକେବେ ଏହି ପ୍ରେମ ପାଇଁ ମଣିଷ ହସିବା ଶିଖିଛି। ଆଉ ବଏଫ୍ରେଣ୍ଡ ଚକରରେ ପଡି ଅନେକଙ୍କ ଜୀବନ ବର୍ବାଦ ମଧ୍ୟ ହୋଇଛି। କେତେବେଳେ ବିଚ ରାସ୍ତାରେ ଝିଅକୁ ପୁଅଟା ପିଟେ ତ ଆଉ କେତେବେଳେ ଝିଅଟା ପୁଅଟାକୁ ପିଟେ। କେତେବେଳେ ଝିଅ ପାଇଁ ପୁଅଟା ରାସ୍ତାର ଭିକାରୀ ହୋଇଯାଏ ତ ଆଉ କେତେବେଳେ ଗୋଟେ ଭଲ ଝିଅକୁ ପାଇ ଘର ସଂସାର କରିବାର ଆଶା ରଖିଥାଏ। ତେଣୁ ଯାହା ଇଚ୍ଛା ହେଉଛି ସେମାନେ ପ୍ରେମ କରନ୍ତୁ କିନ୍ତୁ ଅନ୍ୟମାନଙ୍କୁ ଏ ଅଯଥା ପରାମର୍ଶ ଦେବା ବନ୍ଦ କରନ୍ତୁ। ପ୍ରେମ ବହୁତ ସାଙ୍ଘାତିକ। ପ୍ରେମ ପାଇଁ ଅପରାଧ ବଢ଼େ। ପ୍ରେମ ପାଇଁ ପ୍ରତିଶୋଧର ନିଆଁ ଜଳେ। ପ୍ରେମ ପାଇଁ ହତ୍ୟାକାଣ୍ଡ ମଧ୍ୟ ଘଟେ ଆଉ ଏହି ପ୍ରେମ ପାଇଁ ମଧ୍ୟ ସୋସିଆଲ ମିଡିଆର ଅପବ୍ୟବହାର ମଧ୍ୟ ହୋଇଥାଏ। ତେଣୁ ପ୍ରେମ ଯେମିତି କରନ୍ତୁ ଆପଣଙ୍କ ଇଚ୍ଛାରେ କରନ୍ତୁ କିନ୍ତୁ ଅନ୍ୟମାନେ ଅନ୍ୟ ମାନଙ୍କୁ ପ୍ରେମ କରିବାର ପରାମର୍ଶ ଯେମିତି ନଦିଅନ୍ତୁ। କାରଣ ନୂଆ ନୂଆ ପ୍ରେମ ଭାରି ମିଠା ଲାଗିବ। ରାତିର ସ୍ୱପ୍ନ ହଜେଇ ଦେବ କିନ୍ତୁ ସେ ପ୍ରେମ ଯେତେବେଳେ ପୁରୁଣା ହେବ ସେ ଅନେକ ରାତି ଅନିଦ୍ରା ରହି ନିତିଦିନ କାନ୍ଦିବାର ଅଭ୍ୟାସରେ ପଡ଼ିଯିବ। ମୁଣ୍ଡ ଭାରି ଭାରି ହୋଇ ଏ ଦୁନିଆ ତାକୁ ଅନ୍ଧାର ଲାଗିବ ଆଉ ଶେଷରେ ସେ କହିବ ଏ ମଣିଷ ଜୀବନ କାହିଁକି ରହିବ।

ତେବେ କାହାର ଆବଶ୍ୟକତା ପାଇଁ ଅନ୍ୟକୁ ବଳୀ ପକେଇବା ଠିକ ନୁହେଁ। ଯେଉଁମାନେ ଅନ୍ୟ ମାନଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି ସେମାନେ ନିଜ ଜୀବନରେ କେବେ ଉନ୍ନତି କରିପାରନ୍ତିନି। ଯଦି ରାତି ଅନ୍ଧାରର ଭୟ ରହୁଛି ତେବେ ଚାକିରୀ କରିବା ଛାଡି ଦିଅନ୍ତୁ କିନ୍ତୁ ଅନ୍ୟକୁ ମିଛ ପ୍ରତିଶୃତି ଦିଅନ୍ତୁନି। ବର୍ତ୍ତମାନ ଦୁନିଆରେ ପ୍ରକୃତ ପ୍ରେମ ମିଳିବା ବହୁତ କଷ୍ଟ। ଯଦି କିଏ ଦେହ ବଦଳରେ ମନ ଚାହୁଁଛି, ଟଙ୍କା ବଦଳରେ ତମକୁ ଚାହୁଁଛି ତେବେ ଜାଣିଯାଅ ଏ ହେଉଛି ଦୁନିଆର ଶ୍ରେଷ୍ଠ ପ୍ରେମ କିନ୍ତୁ ଆଜିକାଲି ସେମିତି ହେଉନି ମନ ବଦଳରେ ଦେହ, ମଣିଷ ବଦଳରେ ଟଙ୍କା, ଇଚ୍ଛା ନ ପୂରଣ ହେଲେ ହତ୍ୟା। ତେବେ ଆପଣ ଭାବନ୍ତୁ ଆପଣ ଅନ୍ୟ କଥା ଶୁଣିବେ ନା ନିଜ ମନର କଥାକୁ ମାନିବେ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ଆତିଶୀ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ

## କେଜରିୱାଲଙ୍କ ଇସ୍ତଫା





**ନୂଆଦିଲ୍ଲୀ, ୧୭।୯:** ଅରବିନ୍ଦ କେଜରିୱାଲଙ୍କ ସ୍ଥାନରେ ଆତିଶୀ ହେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ। ଆଜି ପୂର୍ବାହ୍ନରେ କେଜରିୱାଲଙ୍କ ବାସଭବନରେ ଆପ ବିଧାୟକ ଦଳ ବୈଠକ ବସି ଅର୍ଥମନ୍ତ୍ରୀ ଆତିଶୀଙ୍କୁ ବିଧାୟକ ଦଳର ନେତା ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଅପରାହ୍ନରେ କେଜରିୱାଲ ଦିଲ୍ଲୀର ଉପ-ରାଜ୍ୟପାଳ ଭି କେ ସାକ୍ସେନାଙ୍କୁ ଭେଟି ତାଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗିରଫ ହୋଇ ୬ ମାସ କାଳ ଜେଲରେ ରହିବା ପରେ ସୁପ୍ରିମକୋର୍ଟରୁ ଜାମିନ ପାଇ ଶନିବାର ସନ୍ଧ୍ୟାରେ ତିହାର ଜେଲରୁ ମୁକୁଳିଥିଲେ। ସୁପ୍ରିମକୋର୍ଟ ଜାମିନ ପ୍ରଦାନ ବେଳେ ସର୍ତ୍ତ ରଖିଛନ୍ତି ଯେ, ମାମଲା ଶେଷ ହେବା ପର୍ଯ୍ୟନ୍ତ କେଜରିୱାଲ ସିଏମଓକୁ ଯାଇପାରିବେ ନାହିଁ କିମ୍ବା କୌଣସି ଫାଇଲରେ ସ୍ୱାକ୍ଷର କରିପାରିବେ ନାହିଁ। ରବିବାର ପୂର୍ବାହ୍ନରେ କେଜରିୱାଲ ଦୁଇ ଦିନ ଭିତରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ତଦନୁଯାୟୀ ଆଜି ଅପରାହ୍ନ ସାଢ଼େ ୪ଟା ବେଳେ ସେ ଉପ-ରାଜ୍ୟପାଳ ଭି କେ ସାକ୍ସେନାଙ୍କୁ ଭେଟି ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଆତିଶୀ ଶୀଘ୍ର ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।

ଆପ ବିଧାୟକ ଦଳର ନେତ୍ରୀ ଭାବେ ନିର୍ବାଚିତ ହେବା ପରେ ଆତିଶୀ କହିଛନ୍ତି ଯେ, ଆପ ହେଉଛି ଦେଶର ଏକମାତ୍ର ରାଜନୈତିକ ଦଳ ଯେଉଁ ଦଳରେ ତାଙ୍କ ଭଳି ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ତାଙ୍କ ଭଳି ଜଣେ ସାଧାରଣ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ମିଳିଛି। ସେ ଏଥିପାଇଁ ଆପ ନିକଟରେ କୃତଜ୍ଞ। ଏବେ ତାଙ୍କର ପ୍ରଥମ କାମ ହେବ ଆଗାମୀ କିଛି ମାସ ସେ ଦିଲ୍ଲୀବାସୀଙ୍କ ନିବେଦନ କରିବେ, ସେମାନଙ୍କର ପୁଅ, ତାଙ୍କ ବଡ଼ ଭାଇ ଅରବିନ୍ଦ କେଜରିୱାଲଙ୍କୁ ପୁନର୍ବାର କିପରି ମୁଖ୍ୟମନ୍ତ୍ରୀ କରାଇବେ। ୪୩ ବର୍ଷୀୟା ଆତିଶୀ ୨୦୨୦ରେ ପ୍ରଥମ ଥର ପାଇଁ ଦିଲ୍ଲୀର କାଲକାଜୀ ଆସନରୁ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ଦିଲ୍ଲୀରୁ ଇତିହାସରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଆତିଶୀ ଆମେରିକାରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ମନିଷ ସିସୋଦିଆ ଗିରଫ ହୋଇ ଇସ୍ତଫା ଦେବା ପରେ ତାଙ୍କୁ ଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କେଜରିୱାଲ ଓ ମନିଷ ସିସୋଦିଆଙ୍କ ଅନୁପସ୍ଥିତିରେ ଆତିଶୀ ସରକାରର ପରିଚାଳନା ଦାୟିତ୍ୱ ନେଇଥିଲେ। କେଜରିୱାଲ ଇସ୍ତଫା ଦେବାକୁ ଘୋଷଣା କରିବା ପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଆତିଶୀଙ୍କ ନାମ ସର୍ବାଗ୍ରେ ଥିଲା। ଆପ ବିଧାୟକ ଦଳ ନେତାଭାବେ ନିର୍ବାଚିତ ହେବା ପରେ ଆତିଶୀଙ୍କୁ ବିଦାୟୀ ମୁଖ୍ୟମନ୍ତ୍ରୀ କେଜରିୱାଲ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ଦିଲ୍ଲୀର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ତାଙ୍କ ନେତୃତ୍ୱରେ ଆପ ଦିଲ୍ଲୀ ବିଧାନସଭା ନିର୍ବାଚନର ପୁନର୍ବାର ବିଜୟୀ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

## ଡମି ମୁଖ୍ୟମନ୍ତ୍ରୀ: ସ୍ୱାତୀ ମାଲିୱାଲ



**ନୂଆଦିଲ୍ଲୀ, ୧୭।୯:** ଦଳର ବିଦ୍ରୋହୀ ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ ଓ ଆପ୍ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଆହୁରି ତୀବ୍ର ହୋଇଛି। ଆଜି ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଉତ୍ତରାଧିକାରୀ ଭାବେ ଆତିଶୀଙ୍କ ନାଁ ଘୋଷଣା କରାଯାଇଛି। ପ୍ରାୟ ଗୋଟିଏ ଦଶନ୍ଧି ପରେ ଦିଲ୍ଲୀରେ ଜଣେ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ପାଇବାକୁ ଯାଉଛି। କିନ୍ତୁ ଆତିଶୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ବେଳେ ତାଙ୍କ ସମ୍ପର୍କରେ ଆପ୍‌ର ବିଦ୍ରୋହୀ ରାଜ୍ୟସଭା ସାଂସଦ ସ୍ୱାତୀ ବଡ଼ ବୟାନ ଦେଇଛନ୍ତି। ଦଳ ଆତିଶୀଙ୍କୁ ଡମି ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିଛି ଓ ଏହା ଜାତୀୟ ରାଜଧାନୀ ପାଇଁ ଅତ୍ୟନ୍ତ ଦୁଃଖର ଦିନ ବୋଲି ସେ କହିଛନ୍ତି।

କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ଆତିଶୀଙ୍କୁ କଟାକ୍ଷ କରିବା ପରେ ସ୍ୱାତୀ ମାଲିୱାଲ ଗୋଟିଏ ଚିଠି ଶେୟାର କରିଛନ୍ତି। ୨୦୦୧ ସଂସଦ ଆକ୍ରମଣ ଘଟଣାରେ ଫାଶୀ ପାଇଥିବା ଅଫଜଲ ଗୁରୁ ପାଇଁ ଆତିଶୀଙ୍କ ବାପା ମା' କ୍ଷମା ଆବେଦନ ଲେଖିଥିଲେ ବୋଲି ମାଲିୱାଲ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଆଜି ଦିଲ୍ଲୀ ପାଇଁ ଅତ୍ୟନ୍ତ ଦୁଃଖର ଦିନ। ଆଜି ଏମିତି ଜଣେ ମହିଳାଙ୍କୁ ଦିଲ୍ଲୀର ମୁଖ୍ୟମନ୍ତ୍ରୀ କରାଯାଇଛି, ଯାହାଙ୍କ ପରିବାର ଲୋକ ଆତଙ୍କବାଦୀ ଅଫଜଲ ଗୁରୁକୁ ଫାଶୀରୁ ରକ୍ଷା କରିବା ପାଇଁ ଦୀର୍ଘ ସମୟ ଧରି ଲଢ଼େଇ କରିଥିଲେ।

ତାଙ୍କ ବାପା ମା' ଅଫଜଲ ଗୁରୁକୁ ରକ୍ଷା କରିବା ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ଚିଠି ଲେଖିଥିଲେ। ସେମାନଙ୍କ ମତରେ ଅଫଜଲ ଗୁରୁ ନିର୍ଦ୍ଦୋଷ ଓ ରାଜନୀତି ଷଡ଼ଯନ୍ତ୍ର ବଳରେ ତା'କୁ ଫସା ଯାଇଛି। ଅବଶ୍ୟ ଆତିଶୀ ମାର୍ଲେନା ଜଣେ ଡମି ମୁଖ୍ୟମନ୍ତ୍ରୀ। ତଥାପି ଏହି ପ୍ରସଙ୍ଗ ଦେଶର ସୁରକ୍ଷା ସହ ଜଡ଼ିତ। ଭଗବାନ ଦିଲ୍ଲୀକୁ ସୁରକ୍ଷା ଦିଅନ୍ତୁ।"

## କେତେଦିନ ରହିବେ ଆତିଶୀ: ଗୋପାଳ ରାୟ

**ନୂଆଦିଲ୍ଲୀ, ୧୭।୯:** ଦିଲ୍ଲୀ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ବିଧାୟକ ଦଳ ବୈଠକରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆତିଶୀଙ୍କ ନାଁରେ ମୋହର ବାଜିଛି। କେଜ୍ରିୱାଲ ଇସ୍ତଫା ଦେବା ପରେ ଆତିଶୀ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ହେବେ। ଏଭଳି ପରିସ୍ଥିତିରେ ଲୋକଙ୍କ ମନରେ ପ୍ରଶ୍ନ ହେଉଛି ଯେ ଆତିଶୀ କେତେ ଦିନ ପର୍ଯ୍ୟନ୍ତ ଦିଲ୍ଲୀର ସିଏମ୍ ରହିବେ? ଆପ୍ ନେତା ଗୋପାଳ ରାୟ ଏହାର ଉତ୍ତର ଦେଇଛନ୍ତି।

ଆପ୍ ନେତା ଗୋପାଳ ରାୟ କହିଛନ୍ତି, ସର୍ବସମ୍ମତି କ୍ରମେ ଆତିଶୀଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀର ଆଗାମୀ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଆତିଶୀ ମୁଖ୍ୟମନ୍ତ୍ରୀ ପଦରେ ରହିବେ। ଆମେ ଆଜି ହିଁ ନୂତନ ସରକାର ଗଠନ ପାଇଁ ଦାବି କରିବୁ। ଅପରାହ୍ନ ସାଢ଼େ ୪ଟାରେ ଅରବିନ୍ଦ କେଜ୍ରିଓ୍ୱାଲ ଇସ୍ତଫା ଦେବେ। ସେପ୍ଟେମ୍ବର ୨୬-୨୭ରେ ବସିବାକୁ ଥିବା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଆତିଶୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଆସନ୍ତା କିଛି ଦିନ ମଧ୍ୟରେ ଦିଲ୍ଲୀ କ୍ୟାବିନେଟର ନିଷ୍ପତ୍ତି ନିଆଯିବ। ଆମେ ଚାହୁଁଛୁ ଅକ୍ଟୋବର-ନଭେମ୍ବରରେ ନିର୍ବାଚନ ହେଉ ବୋଲି ସେ କହିଛନ୍ତି। ଏହି ସମୟରେ ଗୋପାଳ ରାୟ ବିଜେପି ଏବଂ କେନ୍ଦ୍ର ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। ଗୋପାଳ ରାୟ କହିଛନ୍ତି ଯେ ଆପ୍‌କୁ ଦିଲ୍ଲୀରୁ ହଟାଇବା ପାଇଁ ଏକ ଷଡ଼ଯନ୍ତ୍ର ରଚା ଯାଇଥିଲା। ଆରମ୍ଭରୁ ବିଜେପି ଆପ୍ ସରକାରକୁ ହଟାଇବାକୁ ଚେଷ୍ଟା କରୁଥିଲା। କିନ୍ତୁ ସେ ଏଥିରେ ବିଫଳ ହୋଇଛି। ଆଗକୁ ମଧ୍ୟ ବିଫଳ ହେବ।



## ଆରଜି କର ପୀଡିତାଙ୍କ ଫଟୋ-ନାଁ ଡିଲିଟ୍ କରିବାକୁ ନିର୍ଦ୍ଦେଶ

**କୋଲକାତା, ୧୭।୯:** କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ଟ୍ରେନି ଡାକ୍ତରଙ୍କ ପରିଚୟ ହଟାଇବାକୁ ୱିକିପୀଡିଆକୁ ନିର୍ଦ୍ଦେଶ। ଆଜି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତୁରନ୍ତ ୱିକିପୀଡିଆରୁ ଆରଜି କର ଦୁଷ୍କର୍ମ ପୀଡିତାଙ୍କ ଫଟୋ ଏବଂ ନାମ ଡିଲିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତ କହିଛନ୍ତି, "ଏବେ ମଧ୍ୟ ପୀଡିତାଙ୍କ ପରିଚୟ ୱିକିପୀଡ଼ିଆରେ ଉପଲବ୍ଧ ରହିଛି। ନିୟମ ଅନୁସାରେ ଏହା ବେଆଇନ। ଭାରତୀୟ ଆଇନ ଏହାକୁ ବାରଣ କରେ। ୱିକିପୀଡ଼ିଆ ଆମର ପୂର୍ବ ଆଦେଶକୁ ପାଳନ କରିବା ଉଚିତ। ପୀଡିତାଙ୍କ ପରିଚୟ ୱେବସାଇଟରୁ ହଟାଯିବା ଉଚିତ।" ଆଜି ସିବିଆଇ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ଏହି ରିପୋର୍ଟ ଯାଞ୍ଚ ସମୟରେ ସୁପ୍ରିମକୋର୍ଟ ୱିକିପୀଡିଆକୁ ଆରଜି କର ଦୁଷ୍କର୍ମ ପୀଡିତାଙ୍କ ପରିଚୟ ଡିଲିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ମଧ୍ୟ ସର୍ବୋଚ୍ଚ ଅଦାଲତ ପୀଡିତାଙ୍କ ଫଟୋ ଓ ନାଁ ସର୍ବସାଧାରଣରେ ପ୍ରକାଶ ପାଇବାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଏପରିକି ଅପରାଧ ସ୍ଥଳର ଫଟୋ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେବାକୁ ନେଇ କୋଲକାତା ପୁଲିସକୁ ତାଗିଦ କରିଥିଲେ। ପୀଡିତାଙ୍କ ପରିଚୟ ବାବଦରେ ସମସ୍ତ ତଥ୍ୟ ସୋଶାଲ ମିଡିଆରୁ ଡିଲିଟ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ପୁନର୍ବାର ୱିକିପୀଡିଆ ୱେବସାଇଟକୁ ନିର୍ଦ୍ଦେଶନାମା ପାଳନ କରିବାକୁ ତାଗିଦ କରିଛନ୍ତି।

## ବନ୍ଦେ ଭାରତର ଶୁଭାରମ୍ଭ ବେଳେ ଧାରଣାକୁ ଖସି ପଡ଼ିଲେ ବିଧାୟକ

**ଲକ୍ଷ୍ନୌ, ୧୭।୯:** ବନ୍ଦେ ଭାରତ ଏକ୍ସପ୍ରେସ୍ ଶୁଭାରମ୍ଭ ସମୟରେ ରେଳ ଟ୍ରାକକୁ ଖସି ପଡିଛନ୍ତି ଜଣେ ବିଜେପି ବିଧାୟକ। ସବୁଜ ପତାକା ଦେଖାଇ ଏକ୍ସପ୍ରେସ୍ ଟ୍ରେନର ଶୁଭାରମ୍ଭ କରିବା ସମୟରେ ଇତୱାର ବିଧାୟକ ସରିତା ବାହାଦୁରିଆ ରେଳ ଧାରଣାକୁ ଖସି ପଡିବାର ଭିଡିଓ ଭାଇରାଲ୍ ହେଉଛି। ଗତକାଲି ଆଗ୍ରା-ବାରଣାସି ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ଇତୱା ପ୍ଲାଟଫର୍ମରେ ସନ୍ଧ୍ୟା ୬ଟା ସମୟରେ ଟ୍ରେନ୍ ଲାଗିଥିଲା। ମନ୍ତ୍ରୀ, ବିଧାୟକଙ୍କ ସମେତ ଅନେକ ନେତା ଏବଂ ସାଧାରଣ ଜନତା ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ୬୧ ବର୍ଷୀୟ ବିଧାୟକ ସରିତା ବାହାଦୁରିଆ ଅନ୍ୟମାନଙ୍କ ସହ ବନ୍ଦେ ଭାରତର ଶୁଭାରମ୍ଭ କରିବା ପାଇଁ ସବୁଜ ପତାକା ଦେଖାଉଥିଲେ। ହେଲେ ହଠାତ୍ ରେଳଧାରଣାକୁ ଖସି ପଡ଼ିଥିଲେ। ଉପସ୍ଥିତ ଲୋକେ ତାଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସୌଭାଗ୍ୟବଶତଃ ଶୁଭାରମ୍ଭ ହେବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡ଼ିନଥିଲା।

## ମର୍ଣ୍ଣିଂ ୱାକ୍ ସମୟରେ ବିଜେପି ନେତାଙ୍କୁ ଗୁଳି

**ଉତ୍ତରପ୍ରଦେଶ, ୧୭।୯:** ବିଚ୍ ରାସ୍ତାରେ ବିଜେପି ନେତାଙ୍କୁ ଗୁଳି ମାଡ଼। ମର୍ଣ୍ଣିଂ ୱାକ୍‌ରେ ଯାଇଥିବା ବେଳେ ବିଜେପି କାଉନ୍‌ସିଲର୍‌ଙ୍କୁ ଉପରେ ଦୁର୍ବୃତ୍ତମାନେ ଆଖିବୁଜା ଗୁଳିମାଡ଼ କରିଛନ୍ତି। ଉତ୍ତରପ୍ରଦେଶର ଫିରୋଜାବାଦରେ ଘଟିଛି ଏଭଳି କିଛି ଘଟଣା। ଫରୋଜାବାଦର ବିଜେପି କାଉନ୍‌ସିଲର ଆଲିମ ଭୋଲାଙ୍କୁ ଗୁଳି ମାଡ଼ ହୋଇଛି। ସବୁଦିନ ଭଳି ଆଜି ବି ସେ ସକାଳୁ ମର୍ଣ୍ଣିଂ ୱାକ୍‌ରେ ଯାଇଥିଲେ। ଏହି ସମୟରେ ଲେବର କଲୋନୀ ବ୍ରିଜ ଉପରେ ବିଜେପି କାଉନସିଲରଙ୍କୁ ଦୁର୍ବୃତ୍ତମାନେ ଗୁଳି ମାଡ଼ କରିଥିଲେ। ପରେ ସୂଚନା ମିଳିବା ପରେ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଗ୍ରା ରେଫର୍ କରାଯାଇଛି। ମ୍ୟୁନିସିପାଲିଟି କର୍ପୋରେସନ୍ ୱାର୍ଡ ନମ୍ବର ୪୮ ଲେବର କଲୋନୀ ଅଞ୍ଚଳର ବିଜେପି କାଉନସିଲର ଆଲିମ ଓରଫ ଭୋଲାଙ୍କ ଗୋଡରେ ଗୁଳି ବାଜିଛି। ଏଥିସହ ତାଙ୍କ ପେଟକୁ ମଧ୍ୟ ଗୋଟିଏ ଗୁଳି ବାଜିଛି। ତେବେ କିଏ ଓ କାହିଁକି ତାଙ୍କୁ ଏଭଳି ମରାଣତ୍ମକ ଆକ୍ରମଣ କରିଛି ଏହାର ପଛରେ କ'ଣ କାରଣ ରହିଛି ସେ ନେଇ ପୁଲିସ ପୂରା ଘଟଣାର ତଦନ୍ତ ଜାରି ରଖିଛି।



## ମନୋଜ ବର୍ମା କୋଲକାତା ପୋଲିସ କମିଶନର

**କୋଲକାତା, ୧୭।୯:** ଆଇପିଏସ୍ ଅଫିସର ମନୋଜ କୁମାର ବର୍ମା ହୋଇଛନ୍ତି କୋଲକାତାର ନୂଆ ପୁଲିସ କମିଶନର। ଗତକାଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପଦରୁ ବିନୀତ ଗୋଏଲଙ୍କୁ ହଟାଇବା ପରେ ଆଇପିଏସ୍ ମନୋଜ କୁମାର ବର୍ମାଙ୍କୁ ପୁଲିସ କମିଶନର ପଦରେ ନିଯୁକ୍ତି ଦେଇଛନ୍ତି। ୧୯୯୮ ବ୍ୟାଚର ମନୋଜ ବର୍ମା ପଶ୍ଚିମବଙ୍ଗ ପୁଲିସରେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବରେ ପୋଷ୍ଟ କରାଯାଇଥିଲା। ସେ ଏହା ପୂର୍ବରୁ ବାରାକପୋରାର ପୁଲିସ କମିଶନର ତଥା ସୁରକ୍ଷା ନିର୍ଦ୍ଦେଶାଳୟରେ ଅତିରିକ୍ତ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ କୋଲକାତାର ପୁଲିସ କମିଶନର ହୋଇଛନ୍ତି। ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଆନ୍ଦୋଳନରତ ଜୁନିୟର ଡାକ୍ତରମାନେ ବୀନିତ ଗୋଏଲଙ୍କ ଇସ୍ତଫା ଦାବି କରିଥିଲେ। ଗତକାଲି ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କ ସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଲୋଚନା କରି ସେମାନଙ୍କ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜି ଜୁନିୟର ଡାକ୍ତରମାନଙ୍କ ଦାବି ପୂରଣ ହୋଇଛି। ମମତା ବାନାର୍ଜୀଙ୍କ ସରକାର ବିନୀତ ଗୋଏଲଙ୍କୁ କାର୍ଯ୍ୟରୁ ହଠାଇ ତାଙ୍କ ସ୍ଥାନରେ ମନୋଜ ବର୍ମାଙ୍କୁ ନିଯୁକ୍ତି ଦେଇଛନ୍ତି।

## ମୋଦି @ ୭୪, ଛୁଟୁଛି ଶୁଭେଚ୍ଛାର ସୁଅ

**ନୂଆଦିଲ୍ଲୀ, ୧୭।୯:** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ। ୭୪ ବର୍ଷରେ ପଦାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୧୯୫୦ ମସିହା ସେପ୍ଟେମ୍ବର ୧୭ ତାରିଖରେ ଗୁଜରାଟର ଭେଡନଗରରେ ଜନ୍ମ ଗ୍ରହଣ କରିଥିଲେ ମୋଦି।

ଲଗାତାର ତୃତୀୟ ଥର ଦେଶର ପ୍ରଧାନମନ୍ତ୍ରୀ ହୋଇ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ରେକର୍ଡ ସହ ସମକକ୍ଷ ହୋଇପାରିଛନ୍ତି ମୋଦି। ୨୦୧୪ ମେ ୨୬ ତାରିଖରେ ଭାରତର ୧୪ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ମୋଦି।

ଉତ୍ତରପ୍ରଦେଶର ବାରାଣସୀ ସଂସଦୀୟ କ୍ଷେତ୍ରରୁ ଲଗାତାର ତିନିଥର ନିର୍ବାଚିତ ହୋଇ ଭାରତର ପ୍ରଧାନମନ୍ତ୍ରୀ ହୋଇଛନ୍ତି ମୋଦି। ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଲମ୍ବା ସମୟ ଯାଏ କାର୍ଯ୍ୟ କରିବାରେ ମୋଦି ହେଉଛନ୍ତି ପ୍ରଥମ। ୨୦୦୧ରୁ ୨୦୧୪ ଯାଏ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଲମ୍ବା ସମୟ ଯାଏ ସେ କାର୍ଯ୍ୟ କରିଛନ୍ତି। ଏହାପରେ ୨୦୧୪ରୁ ଦେଶର ପ୍ରଧାନମନ୍ତ୍ରୀ ଭାବେ ନିରବଚ୍ଛିନ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି ପ୍ରଧାନମନ୍ତ୍ରୀ। ଆଜି ଜନ୍ମଦିନ ଅବସରରେ ମୋଦିଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚାରିଆଡୁ ମିଳିଛି ଜନ୍ମଦିନର ଶୁଭେଚ୍ଛା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରମୁଖ ମୋଦିଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି।



ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ନିଜ ସୋଶାଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡିଶାବାସୀ ଆପଣଙ୍କ ଜନ୍ମଦିନରେ ଯୋଗ ଦେଉଥିବା ଲେଖିଛନ୍ତି ମୁଖ୍ୟମନ୍ତ୍ରୀ। ଆପଣଙ୍କ ନେତୃତ୍ୱରେ ଜାତି ଏକ ବିକଶିତ ଭାରତ ଆଡ଼କୁ ଗତି କରୁଛି। ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଏକ ଫ୍ଲାଗସିପ୍ ସ୍କିମ୍ "ସୁଭଦ୍ରା" ର ଶୁଭାରମ୍ଭ ପାଇଁ ଓଡିଶାର ଭଉଣୀମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି। ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମଧ୍ୟ ଟ୍ୱିଟ୍ କରି ପିଏମ୍ ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଆପଣଙ୍କ କଠିନ ପରିଶ୍ରମ, ଉତ୍ସର୍ଗୀକୃତ ଭାବନା, ଦୃଢ଼ କର୍ତ୍ତବ୍ୟ, ରାଷ୍ଟ୍ର ନିର୍ମାଣ ପାଇଁ ପ୍ରତିବଦ୍ଧ ଆଗାମୀ ପିଢ଼ୀକୁ ପ୍ରେରଣା ଯୋଗାଇଥାଏ। ଆପଣ ଶକ୍ତି ଓ ବୁଦ୍ଧିର ସହ ଆମର ନେତୃତ୍ୱ ନିଅନ୍ତୁ ଏବଂ ଆମ ରାଷ୍ଟ୍ରକୁ ଆହୁରି ଅଧିକ ଶୀର୍ଷକୁ ନେଇଯାଆନ୍ତୁ ବୋଲି କହିଛନ୍ତି କେନ୍ଦ୍ରାପଡ଼ା ସାଂସଦ। ଏଥିସହ ସେ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଜୀବନ କାମନା କରିଛନ୍ତି।

## ସନ୍ଦୀପ ଘୋଷଙ୍କ ଫାର୍ମ ହାଉସ୍‌ରେ ପଶିଲା ଇଡି

**କୋଲକାତା, ୧୭।୯:** କୋଲକାତା ଆର୍‌ଜି କର ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କ ବଢ଼ିଲା ଅଡୁଆ। ତାଙ୍କ ଫାର୍ମ ହାଉସ୍‌ରେ ପଶିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଆର୍ଥିକ ଅନିୟମିତତା ଅଭିଯୋଗରେ ଇଡି ଆଜି ସକାଳୁ ସନ୍ଦୀପ ଘୋଷଙ୍କ ଫାର୍ମ ହାଉସ୍‌ରେ ରେଡ୍ କରିଛି। ଇଡିର ଏକ ଟିମ୍ ମଧ୍ୟ ଉତ୍ତର କୋଲକାତାର ଟିଏମସି



ବିଧାୟକ ସୁଦୀପ୍ତ ରୟଙ୍କ ଘର ଏବଂ ନର୍ସିଂହୋମ ଉପରେ ମଧ୍ୟ ଚଢ଼ାଉ କରିଛି। ସୁଦୀପ୍ତ ରୟ ଶ୍ରୀରାମପୁରର ଟିଏମସି ବିଧାୟକ ଏବଂ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ନିଯୁକ୍ତି ବୋର୍ଡର ଚେୟାରମ୍ୟାନ୍ ଅଟନ୍ତି। ସେ ଆରଜି କର ହସ୍ପିଟାଲର ରୋଗୀ କଲ୍ୟାଣ ସଂଘର ସଭାପତି ଥିଲେ। କିଛି ଦିନ ପୂର୍ବରୁ ଆରଜି କର ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟା ମାମଲାରେ ସିବିଆଇ ସୁଦୀପ୍ତ ରୟଙ୍କ ଘର ଏବଂ ନିକଟସ୍ଥ ନର୍ସିଂହୋମ ଉପରେ ଚଢ଼ାଉ କରିଥିଲା। ବର୍ତ୍ତମାନ ଇଡି ଦୁର୍ନୀତି ମାମଲାରେ ଚଢ଼ାଉ କରିଛି। ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ଆର୍‌ଜି କର ହସ୍ପିଟାଲ ଚର୍ଚ୍ଚାକୁ ଆସିଛି। ଇଡି ଆରଜି କର କଲେଜରେ ଦୁର୍ନୀତିର ଯାଞ୍ଚ କରୁଛି। ଏଜେନ୍ସି ଅନୁଯାୟୀ, ଗୋଟିଏ ପଟେ ଡକ୍ଟର ସନ୍ଦୀପ ଘୋଷ ଆର.ଜି କର କଲେଜର ପ୍ରିନ୍ସିପାଲ ଥିବାବେଳେ ତାଙ୍କ ପତ୍ନୀ ଉକ୍ତ କଲେଜରେ ସହକାରୀ ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ।

୨୦୨୧ ମସିହାରେ ଡକ୍ଟର ସନ୍ଦୀପ ଘୋଷ ତାଙ୍କ ପତ୍ନୀ ସଙ୍ଗୀତା ଘୋଷଙ୍କୁ ସମ୍ପତ୍ତି କ୍ରୟ କରିବାକୁ ଅନୁମତି ଦେଇଥିଲେ। ତଦନ୍ତ ବେଳେ ଇଡି ଅନେକ ଅପରାଧୀ ଦଲିଲ ଏବଂ ଉପକରଣ ଜବତ କରିଛି। ଇଡିକୁ ମିଳିଥିବା ପ୍ରମାଣ ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଦୁର୍ନୀତିରୁ ମିଳିଥିବା ଅର୍ଥର ସହାୟତାରେ ହିଁ ସନ୍ଦୀପ ଘୋଷ କୋଟି କୋଟି ଟଙ୍କାର ସମ୍ପତ୍ତି ହାସଲ କରିଛନ୍ତି। ସେପ୍ଟେମ୍ବର ୧୫ରେ, ଆରଜି କର ମେଡିକାଲ କଲେଜ ଏବଂ ହସପିଟାଲର ପୂର୍ବତନ ପ୍ରିନ୍ସପାଲ ସନ୍ଦୀପ ଘୋଷ ଏବଂ ତାଲା ପୁଲିସ ଷ୍ଟେସନର ଅଭିଜିତ ମଣ୍ଡଳଙ୍କୁ ତିନି ଦିନ ପାଇଁ ସିବିଆଇ ହେପାଜତକୁ ପଠାଯାଇଥିଲା। ଶନିବାର ଦିନ ଲେଡି ଡାକ୍ତରଙ୍କ ଦୁଷ୍କର୍ମ-ହତ୍ୟା ମାମଲାରେ ଉଭୟଙ୍କୁ ଗିରଫ କରାଯାଇଥିଲା।

## ମହିଳାଙ୍କୁ ରାତି ଡ୍ୟୁଟିରୁ ବାରଣ ନ କରି ସୁରକ୍ଷା ଦିଅ



**କୋଲକାତା, ୧୭।୯:** ପଶ୍ଚିମବଙ୍ଗ ସରକାର ମହିଳାମାନଙ୍କ ରାତି ଡ୍ୟୁଟି ବନ୍ଦ କରିବା ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ। ମହିଳାମାନଙ୍କୁ ଡ୍ୟୁଟିକୁ ଆସିବାକୁ ବାରଣ କରିବାକୁ ସରକାର କିଏ, ସେମାନଙ୍କୁ ସୁରକ୍ଷା ଯୋଗାଇବା ରାଜ୍ୟ ସରକାରଙ୍କ କାମ ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି।

କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ଉପରେ ଆଜି ସିବିଆଇ ଆଉ ଏକ ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ଏହି ରିପୋର୍ଟ ଯାଞ୍ଚ ସମୟରେ ସୁପ୍ରିମକୋର୍ଟ ବିଭିନ୍ନ ଦିଗ ଉପରେ ବିଚାର କରିଛନ୍ତି। ଏଥିସହ ଦୁଷ୍କର୍ମ ଘଟଣା ପରେ ପଶ୍ଚିମବଙ୍ଗ ସରକାର ମହିଳାମାନଙ୍କୁ ରାତିରେ ଡ୍ୟୁଟି କରିବେ ନାହିଁ ଘୋଷଣାକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ନୋଟିଫିକେସନକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରଧାନ ବିଚାରପତି କହିଛନ୍ତି, "ଆପଣ (ରାଜ୍ୟ ସରକାର) ମହିଳାମାନଙ୍କୁ କିପରି ସେମାନେ ରାତିରେ ଡ୍ୟୁଟି କରିପାରିବେ ନାହିଁ ବୋଲି କହିପାରିବେ? ମହିଳା ଡାକ୍ତରଙ୍କ ପାଇଁ କାହିଁକି କଟକଣା ରଖାଯିବ? ସେମାନେ ଏ ସୁବିଧା ଚାହାନ୍ତି ନାହିଁ, ମହିଳାମାନେ ବି ରାତି ସିଫ୍ଟରେ କାମ କରିବାକୁ ପ୍ରସ୍ତୁତ।"

ସିବଲ (ବରିଷ୍ଠ ଓକିଲ), ଆପଣ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ। ଏହାର ସମାଧାନ ହେଉଛି ସଠିକ୍ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା। ପଶ୍ଚିମବଙ୍ଗ ସରକାର ବିଜ୍ଞପ୍ତିରେ ସଂଶୋଧନ କରିବା ଉଚିତ୍। ସୁରକ୍ଷା ଯୋଗାଇବା ଆପଣଙ୍କ ଦାୟିତ୍ୱ, କିନ୍ତୁ ମହିଳାମାନଙ୍କୁ ରାତିରେ କାମ କରିବାକୁ ବାରଣ କରିପାରିବେ ନାହିଁ। ପାଇଲଟ, ସେନା କର୍ମଚାରୀ ଏବଂ ଅନ୍ୟମାନେ ରାତି ସମୟରେ କାମ କରୁଛନ୍ତି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ଡିଲାଇ ଚନ୍ଦ୍ରଚୂଡ କହିଛନ୍ତି।

କୋଲକାତା ଦୁଷ୍କର୍ମ ଓ ହତ୍ୟା ମାମଲାରେ ସିବିଆଇ ତଦନ୍ତ ରିପୋର୍ଟକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ। ବର୍ତ୍ତମାନ ସୁଦ୍ଧା ସିବିଆଇର ଯାଞ୍ଚ ରିପୋର୍ଟ ସାଙ୍ଘାତିକ ଏବଂ ବିଚଳିତ କଲା ପରି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନ୍ୟପଟେ, ଶୁଣାଣି ସମୟରେ ଜୁନିଅର ଡାକ୍ତରମାନେ କାର୍ଯ୍ୟରେ ଯୋଗଦେବେ ବୋଲି ସୁପ୍ରିମକୋର୍ଟଙ୍କୁ କୁହାଯାଇ। ଆନ୍ଦୋଳନରତ ଜୁନିୟର ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା ପରେ ପୁନଃ କାର୍ଯ୍ୟ ଆରମ୍ଭ କରିବାରେ ସେମାନଙ୍କର କୌଣସି ଅସୁବିଧା ନାହିଁ। କାର୍ଯ୍ୟକୁ ଫେରିବା ବିଷୟରେ ଆଲୋଚନା କରିବା ପାଇଁ ଆଜି ସେମାନଙ୍କର ଏକ ସାଧାରଣ ବୈଠକ ହେବ ବୋଲି କହିଛନ୍ତି।

### ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

# ଭାରତକୁ ରେକର୍ଡ ପଞ୍ଚମ ମୁକୁଟ

## ୦-୧ରେ ହାରିଲା ଆୟୋଜକ ଚୀନ୍



**ହୁଲୁନବୁଇର (ଚୀନ୍), ୧୭।୯ (ଏଜେନ୍ସି):** ହିରୋ ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ଭାରତ ମୁକୁଟ ବଞ୍ଚାଇବା ସହ ରେକର୍ଡ ପଞ୍ଚମ ଥର ଚାମ୍ପିଅନ୍ ହୋଇଛି। ମଙ୍ଗଳବାର ଫାଇନାଲ୍ ମୁକାବିଲାରେ ଭାରତ ୧-୦ରେ ଆୟୋଜକ ଚୀନ୍‌କୁ ମାତ୍ ଦେଇଛି। ଏହା ପୂର୍ବରୁ ଭାରତୀୟ ଟିମ୍ ୨୦୧୧, ୨୦୧୬, ୨୦୧୮ (ପାକିସ୍ତାନ ସହ ଯୁଗ୍ମ ବିଜେତା) ଓ ୨୦୨୧ରେ ମୁକୁଟ ଜିତିଥିଲା। ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିବା ପରେ ଚଳିତ ବର୍ଷ ଏହା ଭାରତ ପାଇଁ ଆଉ ଏକ ବଡ଼ ସଫଳତା। ଅନ୍ୟପଟେ, ପାକିସ୍ତାନ ୫-୨ରେ କୋରିଆକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି।

ଫାଇନାଲ୍ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ଥିବା ହରମନପ୍ରୀତ ସିଂହଙ୍କ ଟିମ୍‌କୁ ଚୀନ୍‌ର ରକ୍ଷଣଭାଗ କଡ଼ା ଚାଲେଞ୍ଜ୍ ଦେଇଥିଲା। ଅନ୍ତିମ କ୍ୱାର୍ଟର୍‌ରେ ରକ୍ଷଣଭାଗ ଖେଳାଳି ଯୁଗରାଜ ସିଂହ ମ୍ୟାଚ୍‌ରେ ଏକମାତ୍ର ଗୋଲ୍ ସ୍କୋର୍ କରି ଭାରତକୁ ଜିତାଇଥିଲେ। ଭାରତ ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ମଧ୍ୟ ଚୀନ୍‌କୁ ହରାଇଥିଲା।

ମ୍ୟାଚ୍‌ରେ ଭାରତ ଛଅ ଥର ଓ ଚୀନ୍ ତିନି ଥର ସର୍କଲ ଏଣ୍ଟ୍ରି କରିଥିଲା। ଭାରତକୁ ଚାରି ଓ ଚୀନ୍‌କୁ ୫ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା, ହେଲେ ଗୋଟିଏ ବି କାମରେ ଆସି ନ ଥିଲା। ଭାରତର ଡ୍ରାଗ୍-ଫ୍ଲିକ୍ ବିଶେଷଜ୍ଞ ହରମନପ୍ରୀତ ବି ଆଜି ପିସିରୁ ଗୋଲ୍ କରିବାରେ ବିଫଳ ହୋଇଥିଲେ।

ଭାରତ ଜୋର୍‌ଦାର ଢଙ୍ଗରେ ମ୍ୟାଚ୍ ଆରମ୍ଭ କରିଥିଲା। ଅନ୍ୟପଟେ, ଟୁର୍ଣ୍ଣାମେଣ୍ଟ ଇତିହାସରେ ଚୀନ୍ ପ୍ରଥମ ଥର ଫାଇନାଲ୍‌ରେ ପ୍ରବେଶ କରିଥିଲା। ପ୍ରଥମ କ୍ୱାର୍ଟର୍‌ରେ ଭାରତ ପାଖରେ ତିନି ସୁଯୋଗ ଥିଲା, ହେଲେ ବିପକ୍ଷ ଗୋଲ୍‌କିପର୍ ସବୁ ସୁଯୋଗକୁ ନିଷ୍ଫଳ କରିଦେଇଥିଲେ। ୧୪ତମ ମିନିଟ୍‌ରେ ଚୀନ୍ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା, କିନ୍ତୁ ଭାରତୀୟ ଗୋଲ୍‌କିପର୍ କୃଷ୍ଣ ପାଠକ ସୁନ୍ଦର ସେଭ୍ କରିଥିଲେ। ଏହି କ୍ୱାର୍ଟର୍ ଗୋଲ୍‌ଶୂନ୍ୟ ରହିଥିଲା।

୨୭ତମ ମିନିଟ୍‌ରେ ଭାରତ ଏକ ପିସି ପାଇଥିଲା, ହେଲେ ହରମନପ୍ରୀତ ସିଂହ ଲକ୍ଷ୍ୟଭେଦ କରିପାରି ନ ଥିଲେ। ଉକ୍ତ ମିନିଟ୍‌ରେ ତୃତୀୟ ଅମ୍ପାୟାରଙ୍କ ନିଷ୍ପତ୍ତି କ୍ରମେ ଭାରତ ଏକ ପେନାଲ୍ଟି ଷ୍ଟ୍ରୋକ୍‌ରୁ ବଞ୍ଚିତ ହୋଇଥିଲା। ମଧ୍ୟାନ୍ତର ସୁଦ୍ଧା ମ୍ୟାଚ୍ ଗୋଲ୍‌ଶୂନ୍ୟ ରହିଥିଲା।

ପାର୍ଶ୍ୱ ପରିବର୍ତ୍ତନ ପରେ ଭାରତ ଗୋଲ୍ ପାଇଁ ପ୍ରୟାସ ଜାରି ରଖିଥିଲା। ୩୫ତମ ମିନିଟ୍‌ରେ ହରମନପ୍ରୀତ ଓ ଗୁରଜୋତ୍ ସିଂହଙ୍କ ଏକ ମିଳିତ ପ୍ରୟାସ ବିଫଳ ହୋଇଥିଲା। ୪୩ତମ ମିନିଟ୍‌ରେ ଅରାଇଜିତ୍ ହୁଣ୍ଡାଲ୍ ଏକ ସୁନ୍ଦର ପ୍ରୟାସ କରିଥିଲେହେଁ ଗୋଲ୍ ଦେଇପାରି ନ ଥିଲେ। ତୃତୀୟ କ୍ୱାର୍ଟର୍ ବି ଗୋଲ୍‌ଶୂନ୍ୟ ରହିଥିଲା।

ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର୍‌ରେ ୫୧ତମ ମିନିଟ୍‌ରେ ଡେଡ୍‌ଲକ୍ ଭାଙ୍ଗିଥିଲେ ଯୁଗରାଜ ସିଂହ। ହରମନପ୍ରୀତ ଏଥିରେ ସହାୟତା କରିଥିଲେ।

ଏହାପରେ ଡିହାଓ ମେଙ୍ଗଙ୍କ ଟିମ୍ ପ୍ରତ୍ୟାବର୍ତ୍ତନ ପାଇଁ ଜୋର୍‌ଦାର ପ୍ରୟାସ କରିଥିଲା। ମ୍ୟାଚ୍ ଶେଷ ହେବାକୁ ଚାରି ମିନିଟ୍ ବାକି ଥିବା ବେଳେ ଚୀନ୍ ତା'ର ଗୋଲ୍‌କିପର୍‌ଙ୍କୁ ହଟାଇ ଅତିରିକ୍ତ ଫିଲ୍ଡ ଖେଳାଳିଙ୍କୁ ଆଣିଥିଲା। ଏହାସତ୍ତ୍ୱେ ଚୀନା ଟିମ୍ ଗୋଲ୍ ପରିଶୋଧ କରିପାରି ନ ଥିଲା।

ଏହା ପୂର୍ବରୁ ସେମିଫାଇନାଲ୍‌ରେ ଭାରତୀୟ ଟିମ୍ ଦକ୍ଷିଣ କୋରିଆକୁ ୪-୧ରେ ପରାସ୍ତ କରିଥିବା ବେଳେ ଚୀନ୍ ପେନାଲ୍ଟି ସୁଟ୍‌ଆଉଟ୍‌ରେ ପାକିସ୍ତାନକୁ ହରାଇଥିଲା।

### ୧୯ରୁ ବାଂଲାଦେଶ ଟେଷ୍ଟ ଶୃଙ୍ଖଳା

## ରେକର୍ଡ ସୁଧାରପାରିବେ କି ରୋହିତ



**ଚେନ୍ନାଇ, ୧୭।୯ (ଏଜେନ୍ସି):** ଭାରତ ଓ ବାଂଲାଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ହେବାକୁ ଥିବା ପ୍ରଥମ ଟେଷ୍ଟ ପାଇଁ ଭାରତୀୟ ଟିମ୍ ଜୋର୍‌ଦାର ଅଭ୍ୟାସ ଚଳାଇଛି। ଅଭ୍ୟାସ ସତ୍ରରେ ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରାଙ୍କ ଭଳି ବରିଷ୍ଠ ଖେଳାଳିମାନଙ୍କୁ ମଧ୍ୟ ଝାଳ ବୁହାଉଥିବାର ଦେଖିବାକୁ ମିଳୁଛି।

ଅନ୍ୟପଟେ, ବାଂଲାଦେଶ ମଧ୍ୟ ଦମ୍‌ଦାର ଫର୍ମରେ ଅଛି। ଏହି ଟିମ୍ ନିକଟରେ ପାକିସ୍ତାନକୁ ତା'ରି ମାଟିରେ ଟେଷ୍ଟ ଶୃଙ୍ଖଳାରେ ୨-୦ରେ ମାତ୍ ଦେଇଥିଲା। ଅବଶ୍ୟ ଭାରତ-ବାଂଲାଦେଶ ଶୃଙ୍ଖଳାରେ ଭାରତ ମ୍ୟାଚ୍ ଫେଭରିଟ୍ ରହିବ। ଟିମ୍ ଇଣ୍ଡିଆ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଟେବୁଲ୍‌ରେ ଶୀର୍ଷ ସ୍ଥାନରେ ରହିଛି। ତେବେ ବାଂଲାଦେଶ ବିପକ୍ଷରେ ଟେଷ୍ଟ ମ୍ୟାଚ୍‌ଗୁଡ଼ିକରେ ରୋହିତ ଖାସ୍ ପ୍ରଦର୍ଶନ କରିପାରି ନାହାନ୍ତି। ଏହା ଟିମ୍ ପାଇଁ ଚିନ୍ତାର ବିଷୟ ହୋଇପାରେ। ଏହାସତ୍ତ୍ୱେ ହିଟ୍‌ମ୍ୟାନ୍ ନିଜ ରେକର୍ଡ ସୁଧାରିବେ ବୋଲି ଆଶା କରାଯାଉଛି।

୩୭ବର୍ଷୀୟ ରୋହିତ ଟେଷ୍ଟରେ ନିଜକୁ ପ୍ରମାଣିତ କରିଛନ୍ତି। କିନ୍ତୁ ବାଂଲାଦେଶ ବିପକ୍ଷରେ ତାଙ୍କ ବ୍ୟାଟ୍ ଶାନ୍ତ ରହିଛି। ହିଟ୍‌ମ୍ୟାନ୍ ବାଂଲାଦେଶ ବିପକ୍ଷରେ ଏ ଯାବତ ତିନି ଟେଷ୍ଟର ତିନି ଇନିଂସ୍ ଖେଳି ମାତ୍ର ୩୩ ରନ୍ କରିଛନ୍ତି। ଏହା ଟେନ୍‌ସନ୍ ବଢ଼ାଇପାରେ, କାରଣ ସେ ଟିମ୍‌ର କେବଳ ଅଧିନାୟକ ନୁହନ୍ତି, ପ୍ରମୁଖ ବ୍ୟାଟର୍ ମଧ୍ୟ। ରୋହିତ ଭାରତ ପକ୍ଷରୁ ଅଦ୍ୟାବଧି ୫୯ ଟେଷ୍ଟର ୧୦୧ ଇନିଂସ୍ ଖେଳି ୪୫.୫ ଆଭରେଜ୍‌ରେ ୪୧୩୭ ରନ୍ କରିଛନ୍ତି। ତାଙ୍କ ନାମରେ ଟେଷ୍ଟରେ ୧୨ ଶତକ ଓ ୧୭ ଅର୍ଦ୍ଧଶତକ ରହିଛି। ଭାରତକୁ ଆସନ୍ତା ବର୍ଷ ଫେବ୍ରୁଆରୀରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ମୋଟ୍ ୧୦ ଟେଷ୍ଟ ମ୍ୟାଚ୍ ଖେଳିବାର ଅଛି, ଯେଉଁଥିରେ ରୋହିତ ବ୍ୟାଟିଂରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି ଆଶା ଅଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହିଳାଙ୍କ ସାମର୍ଥ୍ୟ...

ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରାଇଭେଟ କମ୍ପାନୀରେ ନୂଆ ଚାକିରି କରୁଥିବା ଯୁବକ ଯୁବତୀଙ୍କୁ ପ୍ରଥମ ଦରମା ସରକାର ଦେବେ। ଖରିଫ ଫସଲ ପାଇଁ ଏମ୍ଏସ୍‌ପି ବୃଦ୍ଧି କରାଯାଇଛି ଏବଂ ୧୦୦ ଦିନ ଭିତରେ ଦେଶରେ ୧୧ଲକ୍ଷ ନୂଆ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି।

ପ୍ରଧାନମନ୍ତ୍ରୀ ଅନେକ ଜନକଲ୍ୟାଣ ଯୋଜନା ଏବଂ ରାଜ୍ୟରେ ୨,୮୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଶୁଭାରମ୍ଭ କରିଥିଲେ। ୪ ପ୍ରକଳ୍ପ ପାଇଁ ଭିତ୍ତି ରଖିଥିବା ବେଳେ ଲାଞ୍ଜିଗଡ ରୋଡ୍- ଅମ୍ବାଦୋଳା- ଦହିକାଲୁ ତୃତୀୟ ଲାଇନ୍, ଲକ୍ଷ୍ମୀପୁର ରୋଡ୍- ସିଙ୍ଗାରାମ- ଟିକିରି ଦୋହରୀକରଣ, ବାଙ୍ଗୁରକେଲା- ନୂଆଗାଁ ଦୋହରୀକରଣ ଏବଂ ଢେଙ୍କାନାଳ- ସଦାଶିବପୁର- ହିନ୍ଦୋଳ ରୋଡର ତୃତୀୟ ଓ ଚତୁର୍ଥ ଲାଇନ୍ ଉଦ୍‌ଘାଟନ କରିଥିଲେ। ପାରାଦୀପ- ବଡବନ୍ଧ ତୃତୀୟ ଓ ଚତୁର୍ଥ ଲାଇନ୍, ଏମ୍‌ସିଆର୍‌ଏଲ୍ ଭିତର କରିଡର ପ୍ରଥମ ପର୍ଯ୍ୟାୟର ଦୋହରୀକରଣ, ଜୟପୁର- ନବରଙ୍ଗପୁର ନୂତନ ଲାଇନ୍ ଓ ସିଜୁ ଏବଂ ପାରଦୀପ କୋଚିଙ୍ଗ ୟାର୍ଡ ମଧ୍ୟରେ ଫ୍ଲାଇ ଓଭର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହାସହ ୧,୦୦୦ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ଦେଶର ୩୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଦିଆଗଲା। ଏଥିରୁ ୨୬ ଲକ୍ଷ ଘର ଗାଁରେ ରହୁଥିବା ଲୋକଙ୍କୁ ମିଳିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ପାଇଁ ପ୍ରଥମ କିସ୍ତି ଏବଂ ୧୫ ଲକ୍ଷ ଆବାସ ପାଇଁ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଥିଲା। ଆବାସ ପ୍ଲସ ୨୦୨୪ ମୋବାଇଲ ଆପ୍‌ର ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ମା' ବଞ୍ଚି ଥିବା ବେଳେ ସେ ଅନେକ ସମୟରେ ମା'ଙ୍କ ଠାରୁ କ୍ଷିରି ଖାଉଥିଲେ। ଆଜି ମା' ନାହାନ୍ତି, କିନ୍ତୁ ଜଣେ ଆଦିବାସୀ ଭଉଣୀ ଶ୍ରଦ୍ଧାର ସହ କ୍ଷିରି ଖୁଆଇ ଜନ୍ମ ଦିନର ଆଶୀର୍ବାଦ ଦେଇଥିଲେ। ପାଇଥିବା ଏହି ସ୍ନେହ ଶ୍ରଦ୍ଧା ପାଇଁ ଆଜି ତାଙ୍କ ମା' ପୁଣି ମନେ ପଡୁଛନ୍ତି ଏବଂ ଏହା ମୋର ସାରା ଜୀବନ ପାଇଁ ମନେ ରହିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ବିଶ୍ୱରେ ସବୁଠାରୁ ଅଧିକ ଲୋକପ୍ରିୟ ନେତା। ଆଜିର ଏହି ସ୍ୱତନ୍ତ୍ର ଦିନରେ ଯେତେବେଳେ ବିଶ୍ୱରୁ ପ୍ରଧାନମନ୍ତ୍ରୀଙ୍କ ପାଇଁ ଜନ୍ମଦିନର ଶୁଭେଚ୍ଛା ଆସୁଛି, ସେତେବେଳେ ସେ ଆଜି ଆମ ଗହଣରେ ଉପସ୍ଥିତ ହୋଇ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରୁଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସେ କୃତଜ୍ଞତା ପ୍ରକାଶ କରିଥିଲେ। ନିର୍ବାଚନ ପୂର୍ବରୁ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାକୁ ଆଜି ୧୦୦ ଦିନ ମଧ୍ୟରେ ପୂରଣ କରିଛୁ। ସୁଭଦ୍ରା ଯୋଜନା ସବୁଠାରୁ ବଡ ଜନ ହିତକା। ଜଗନ୍ନାଥ ସଂସ୍କୃତିରେ ମା' ସୁଭଦ୍ରା ହେଉଛନ୍ତି ଶକ୍ତି ସ୍ୱରୂପିଣୀ ଓ ସମାନତାର ପ୍ରତୀକ। କଥାରେ ଅଛି, 'ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ'। ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଏବଂ ଅର୍ଥନୈତିକ ପ୍ରଗତିର ସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ସରକାର ବୈପ୍ଳବିକ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ତାଙ୍କ ମା' ଙ୍କ ପ୍ରତି ଭକ୍ତି ଓ ସମ୍ମାନକୁ ଆମେ ସମସ୍ତେ ଅନୁଭବ କରିଛେ। ତାଙ୍କ ମା' ହିଁ ଥିଲେ ଅଭିନବ 'ଉଜ୍ଜ୍ୱଳା' ଯୋଜନାର ପ୍ରେରଣା। ଓଡିଶାରେ ପ୍ରାୟ ୫୩ ଲକ୍ଷ ୨୦ ହଜାର ମହିଳା ହିତାଧିକାରୀ ଏବଂ ଦେଶରେ ୧୦ କୋଟି ୩୫ ଲକ୍ଷ ଗରିବ ମହିଳା ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି।

ସୁଭଦ୍ରା ଯୋଜନାରେ ଡିବିଟି ମାଧ୍ୟମରେ ମା' ମାନଙ୍କ ବ୍ୟାଙ୍କ୍ ଖାତାକୁ ଅର୍ଥ ପ୍ରଦାନ କରାଯିବ। ଏହି ଅର୍ଥ ସେମାନେ କ୍ଷୁଦ୍ର ବ୍ୟବସାୟ, ଘରୋଇ ଉଦ୍ୟୋଗ ତଥା ପିଲାଙ୍କ ଶିକ୍ଷା ପାଇଁ ବିନିଯୋଗ କରିପାରିବେ। ଏହି ଯୋଜନା ପ୍ରତି ମା'ମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ' ଚଳିତ ବର୍ଷ ଏକ ଦଶନ୍ଧି ପୂରଣ କରୁଛି। ଏହି ଅବସରରେ ସାରା ଦେଶରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ଏହା ୧୫ ଦିନ ପାଇଁ ଚାଲିବ। ମୁଁ ସାରା ରାଜ୍ୟବାସୀଙ୍କୁ ଅନୁରୋଧ କରୁଛି ଯେ, ସମସ୍ତେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସାମିଲ ହୋଇ ରାଜ୍ୟକୁ ଦେଶରେ ଏକ ନମ୍ବର କରିବା ପାଇଁ ଉଦ୍ୟମ କରନ୍ତୁ।

ମୁଖ୍ୟମନ୍ତ୍ରୀ କହିଲେ,ଡବଲ ଇଞ୍ଜିନ ସରକାରରେ ଓଡିଶାର ବିକାଶର ଗତି କ୍ଷିପ୍ର ହେଉଛି। ସ୍ୱତନ୍ତ୍ର ଓଡିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ବେଳକୁ ଆମର ଜିଏସ୍‌ଡିପି ୫୦୦ ବିଲିୟନ ଡଲାରରେ ପହଞ୍ଚିବ ଏବଂ ୨୦୪୭ ମସିହାରେ ଏହା ୧.୫ ଟ୍ରିଲିଅନ ଡଲାରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। 'ପୂର୍ବୋଦୟ'ରେ ଓଡିଶା ସବୁଠାରୁ ଅଗ୍ରଣୀ ରାଜ୍ୟ ହେବ। ଦେଶର ବିକାଶର ଇଞ୍ଜିନରେ ଓଡିଶା ପ୍ରଥମ ବଗି ହେବ।

ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ, ଏପର୍ଯ୍ୟନ୍ତ ସୁଭଦ୍ରା ଯୋଜନାରେ ୭୨ଲକ୍ଷ ମହିଳା ପଞ୍ଜୀକୃତ ହେଲେଣି। ବିକଶିତ ଓଡିଶାର ମୂଳପିଣ୍ଡ ସୁଭଦ୍ରା ହେବ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସାଂସଦ, ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ଗାଡକଣ ଯାଇ ଆବାସ ଯୋଜନାର ହିତାଧିକାରୀମାନଙ୍କୁ ଭେଟି ସେମାନଙ୍କ ସହିତ କିଛି ସମୟ ବିତାଇଥିଲେ। ଗାଡକଣସ୍ଥିତ ଶବର ସାହିରେ ସେ ଆବାସ ଯୋଜନା(ସହରୀ)ର ହିତାଧିକାରୀମାନଙ୍କୁ ବାସଗୃହର ଚାବି ହସ୍ତାନ୍ତର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

### ସୁଭଦ୍ରା ନାରୀ...

କରିଛନ୍ତି। ଏଥିସହିତ ୨୮୦୦ କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପ ପାଇଁ ଶିଳାନ୍ୟାସ, ଲୋକାର୍ପଣ, ୧୦୦୦ କୋଟିରୁ ଅଧିକ ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ୧୪ ରାଜ୍ୟର ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନ ୧୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଜାରି କରିଛନ୍ତି। ଦେଶବ୍ୟାପୀ ପିଏମଏୱାଇ (ଗ୍ରାମୀଣ ଏବଂ ସହରାଞ୍ଚଳ)ର ୨୬ ଲକ୍ଷ ହିତାଧିକାରୀଙ୍କ ପାଇଁ ଗୃହ ପ୍ରବେଶ ଉତ୍ସବରେ ସେ ଅଂଶଗ୍ରହଣ କରି ହିତାଧିକାରୀଙ୍କୁ ଗୃହ ଚାବି ହସ୍ତାନ୍ତର କରିଛନ୍ତି। ଏହାବ୍ୟତୀତ ଆବାସ + ୨୦୨୪ ଆପ୍ ଏବଂ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା - ସହରାଞ୍ଚଳ (ପିଏମଏୱାଇ-ୟୁ) ୨.୦ର କାର୍ଯ୍ୟକାରିତା ନିର୍ଦ୍ଦେଶାବଳୀର ଉନ୍ମୋଚନ କରିଛନ୍ତି ମୋଦି।

ଜନ ସଭାକୁ ସମ୍ବୋଧିତ କରି ଶୁଭେଚ୍ଛା ଜଣାଇବା ସହିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମିରୁ ୩୦ ଲକ୍ଷରୁ ଅଧିକ ପରିବାରକୁ ପକ୍କା ଘର ହସ୍ତାନ୍ତର କରାଯାଇଛି। ନୂଆ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ଥିଲା, ଯାହାର ଶପଥ ଗ୍ରହଣ ସମାରୋହରେ ସେ ଯୋଗ ଦେଇଥିଲେ। ନିର୍ବାଚନ ପ୍ରଚାର ସମୟରେ ସେ କହିଥିଲେ ଯେ ଯଦି ରାଜ୍ୟରେ ଡବଲ ଇଞ୍ଜିନର ସରକାର କ୍ଷମତାକୁ ଆସେ ତେବେ ଓଡ଼ିଶା ପ୍ରଗତି ଓ ସମୃଦ୍ଧି ଆଡକୁ ଅଗ୍ରସର ହେବ । ଗ୍ରାମାଞ୍ଚଳ ବାସିନ୍ଦା, ପଛୁଆ, ଦଳିତ, ଆଦିବାସୀ, ମହିଳା, ଯୁବକ, ମଧ୍ୟବିତ୍ତ ପରିବାରଙ୍କ ଠାରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗର ସ୍ୱପ୍ନ ପୂରଣ ହେବ। ପ୍ରତିଶ୍ରୁତି ଦ୍ରୁତ ଗତିରେ ପୂରଣ ହେଉଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନର ସରକାର ୧୦୦ ଦିନ ପୂରଣ କରୁଥିବାରୁ ଆଜି ଏକ ବିଶେଷ ଦିନ। ଏହି ଅବଧି ମଧ୍ୟରେ ଭାରତର ଗରିବ, କୃଷକ, ଯୁବକ ଓ ମହିଳାଙ୍କ କଲ୍ୟାଣ ପାଇଁ ବଡ଼ ନିଷ୍ପତ୍ତି ନିଆଯାଇଛି। ସମସ୍ତଙ୍କ ହିତ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ମହିଳାଙ୍କ ଉନ୍ନତି ଏବଂ ସେମାନଙ୍କ ସଶକ୍ତୀକରଣ ହିଁ ଓଡ଼ିଶା ବିକାଶର ଚାବିକାଠି ହେବ। ଓଡ଼ିଶାର ଲୋକକଥାରୁ ଏକ ଅଂଶ ଉଦ୍ଧୃତ କରି ଶ୍ରୀ ମୋଦୀ କହିଥିଲେ ଯେ ଏଠାରେ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ଦେବୀ ସୁଭଦ୍ରାଙ୍କ ଉପସ୍ଥିତି ଆମକୁ ନାରୀ ସଶକ୍ତୀକରଣ ବିଷୟରେ କହିଥାଏ। 'ଦେବୀ ସୁଭଦ୍ରାଙ୍କ ରୂପରେ ସମସ୍ତ ମାଆ, ଭଉଣୀ ଏବଂ କନ୍ୟାଙ୍କୁ ପ୍ରଣାମ କରୁଛି' ବୋଲି ଶ୍ରୀ ମୋଦୀ କହିଥିଲେ।

ନୂଆ ବିଜେପି ସରକାର ସେମାନଙ୍କ ପ୍ରାରମ୍ଭିକ ନିଷ୍ପତ୍ତିର ଅଂଶ ସ୍ୱରୂପ ଓଡ଼ିଶାର ମା' ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାର ଉପହାର ଦେଇଥିବାରୁ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଏହି ଯୋଜନାକୁ ଆରବିଆଇର ଡିଜିଟାଲ ମୁଦ୍ରାର ପାଇଲଟ୍ ପ୍ରକଳ୍ପ ସହ ମଧ୍ୟ ଯୋଡାଯାଇଥିଲା । ଦେଶର ପ୍ରଥମ ଡିଜିଟାଲ ମୁଦ୍ରା ଯୋଜନାରେ ସାମିଲ ହୋଇଥିବାରୁ ଓଡ଼ିଶାର ମହିଳାମାନଙ୍କୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଥିଲେ।

ପ୍ରଚୁର ଖଣିଜ ଓ ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାର ସୁଦୀର୍ଘ ବେଳାମାର୍ଗ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ ଯେ ଏହି ସମ୍ପଦଗୁଡ଼ିକୁ ଓଡ଼ିଶାର ଶକ୍ତିରେ ପରିଣତ କରାଯିବା ଉଚିତ। ଆଗାମୀ ୫ ବର୍ଷ ମଧ୍ୟରେ ଆମକୁ ଓଡ଼ିଶାର ସଡ଼କ ଓ ରେଳ ସଂଯୋଗକୁ ନୂଆ ଉଚ୍ଚତାରେ ପହଞ୍ଚାଇବାକୁ ପଡ଼ିବ। ଆଜି ଉଦଘାଟନ କରାଯାଇଥିବା ନବନିର୍ମିତ ରେଳ ଓ ସଡ଼କ ସମ୍ବନ୍ଧୀୟ ପ୍ରକଳ୍ପ ସମ୍ପର୍କରେ ଶ୍ରୀ ମୋଦୀ କହିଥିଲେ ଯେ, ଲାଞ୍ଜିଗଡ଼ ରୋଡ୍-ଆମ୍ବଦଳା-ଦୋଇକାଲୁ ରେଳଲାଇନ୍, ଲକ୍ଷ୍ମୀପୁର ରୋଡ୍-ସିଙ୍ଗାରାମ-ଟିକିରି ରେଳଲାଇନ୍, ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ରେଳଲାଇନକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିବାର ସୌଭାଗ୍ୟ ତାଙ୍କୁ ମିଳିଛି। ଜୟପୁର-ନବରଙ୍ଗପୁର ନୂଆ ରେଳ ଲାଇନର ଶିଳାନ୍ୟାସ ସହ ପାରାଦୀପ ବନ୍ଦରରୁ ଯୋଗାଯୋଗ ବୃଦ୍ଧି ପାଇଁ ଆଜି କାର୍ଯ୍ୟ ଆରମ୍ଭ ହୋଇଛି। ନୂତନ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବହୁ ସଂଖ୍ୟକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମୋଦୀ କହିଥିଲେ। ପୁରୀରୁ କୋଣାର୍କ ରେଳଲାଇନ ଓ ହାଇଟେକ୍ 'ନମୋ ଭାରତ ରାପିଡ୍ ରେଲ୍' କାମ ମଧ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ଏବଂ ଆଧୁନିକ ଭିତ୍ତିଭୂମି ଓଡ଼ିଶା ପାଇଁ ସମ୍ଭାବନାର ନୂଆ ଦ୍ୱାର ଖୋଲିବ। ଅଭିଭାଷଣ ଶେଷରେ ଓଡ଼ିଶା ଓ ଦେଶକୁ ସଫଳତାର ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଅନେକ ବଡ଼ ମାଇଲଖୁଣ୍ଟ ହାସଲ କରିବା ନେଇ ଦୃଢ଼ବିଶ୍ୱାସ ପ୍ରକଟ କରିଥିଲେ ।

### ନେହରୁଙ୍କ ରେକର୍ଡର...

ହୋଇ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ। ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଲମ୍ବା ସମୟ ଯାଏଁ କାର୍ଯ୍ୟ କରି ମୋଦି କରିଛନ୍ତି ରେକର୍ଡ। ୨୦୧୪ ରୁ ୨୦୨୪ ଯାଏ କେବଳ ଭାରତରେ ନୁହେଁ ବିଶ୍ୱରେ ମଧ୍ୟ ମୋଦିଙ୍କ ଲୋକପ୍ରିୟତା ବଢିଚାଲିଛି। ତାଙ୍କ ନେତୃତ୍ୱ ବିଶ୍ୱ ନିକଟରେ ଭାରତକୁ କରିପାରିଛି ସଶକ୍ତ। ୨୦୦୧ରୁ ୨୦୧୪ ଯାଏ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଲମ୍ବା ସମୟ ଯାଏ ସେ କାର୍ଯ୍ୟ କରିଥିଲେ। ଗୁଜରାଟ ବିକାଶର ମଡେଲ ଦେଖିଥିଲା ଭାରତ। ସୁଭଦ୍ରା ମଧ୍ୟମରେ ସଶକ୍ତ ହେଉଛନ୍ତି ମହିଳା। ଆଗଉଛି ଓଡ଼ିଶା ଆଗରେ ଭାରତ। ମୋଦି ସରକାରଙ୍କ ଲୋକଭିମୁଖୀ ଯୋଜନା ଲାଗି ସାରା ରାଜ୍ୟର ମହିଳା ସରକାରଙ୍କୁ ଜଣାଇଛନ୍ତି ଧନ୍ୟବାଦ।

### ପିଏମ୍‌ଏୱାଇ ହିତାଧିକାରୀଙ୍କୁ ଚାବି ହସ୍ତାନ୍ତର

ଜନତା ମୈଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ହିତାଧିକାରୀ କେନ୍ଦୁଝରର ଅଞ୍ଜଳି ବାରିକ, ରାୟଗଡାର ହୁଣ୍ଡାଡି ୱାଡକା, ବଲାଙ୍ଗିରର ଅହଲ୍ୟା ବନଛୋର, ମୟୂରଭଞ୍ଜର ଭାରତୀ ମୁଣ୍ଡାକୁ ସୁଭଦ୍ରା ଯୋଜନାର ସହାୟତା ରାଶି ପ୍ରଦାନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ପାଇଁ ଭୁବନେଶ୍ୱରର ଦୁର୍ଗାବତୀ ଭୋଇ ଓ ଶୁଭଶ୍ରୀ ମହାରଣା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ପାଇଁ କୋରାପୁଟର ବିଶ୍ୱନାଥ ପ୍ରଧାନୀ ଓ ସମ୍ବଲପୁରର ସୁରୁବାଲି କିଷାନଙ୍କୁ ଘରର ଚାବି ହସ୍ତାନ୍ତର କରିଥିଲେ।

### ଜନ୍ମ ଦିନରେ ସୁଭଦ୍ରା ଭେଟି

ମହିଳାଙ୍କୁ ଆତ୍ମନିର୍ଭର, ସଶକ୍ତ, ଓ ସ୍ୱାବଲମ୍ବୀ କରିବ ସୁଭଦ୍ରା। ସଶକ୍ତ ହେବେ ନାରୀଶକ୍ତି, ଉପକୃତ ହେବେ ୧କୋଟିରୁ ଉର୍ଦ୍ଧ୍ୱ ମହିଳା। କଥା ଦେଇ କଥା ରଖିଛନ୍ତି ମୋଦୀ ସରକାର। ସମୃଦ୍ଧି ପଥରେ ଆଗାଉଛି ଓଡ଼ିଶା । ୧୯୫୦ ସେପ୍ଟେମ୍ବର ୧୭ ତାରିଖ ଆଜିର ଦିନରେ ଗୁଜରାଟରେ ଜନ୍ମ ଗ୍ରହଣ କରିଥିଲେ ମୋଦୀ। ୭୪ତମ ଜନ୍ମଦିନରେ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଅନେକ ମାନ୍ୟଗନ୍ୟ ବ୍ୟକ୍ତି ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀଙ୍କୁ। ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ପବିତ୍ର ମାଟିକୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ତାଙ୍କ ନେତୃତ୍ୱରେ ଦେଶ ବିକାଶ ଦିଗରେ ଗତି କରୁଛି। ଭାରତର ଉନ୍ନତି ଓ ସମୃଦ୍ଧିର ଦିଗରେ ଓଡ଼ିଶା ମଧ୍ୟ ନୂଆ ଅଧ୍ୟାୟ ଲେଖୁଛି ବୋଲି ଏକ୍ସରେ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ।

ଜନ୍ମ ଦିବସରେ ଓଡ଼ିଶାର ମହିଳାଙ୍କୁ ସୁଭଦ୍ରା ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦୁଇ କିସ୍ତିରେ ବର୍ଷକୁ ୧୦ ହଜାର,୫ ବର୍ଷରେ ମହିଳାଙ୍କୁ ମିଳିବ ୫୦ ହଜାର ସହାୟତା ରାଶି। ଓଡ଼ିଶାରେ ପ୍ରଥମ ଥର ଜନ୍ମଦିନ ପାଳନ କରିଛନ୍ତି ପ୍ରଧାନମନ୍ତ୍ରୀ। ନିର୍ବାଚନ ସମୟରେ ଦେଇଥିବା କଥା ରଖିଛନ୍ତି। ମୋଦି ସରକାରଙ୍କ ପ୍ରତି ଜନତାଙ୍କ ଭରସା ଅତୁଟ ରହିଛି। ମୋଦୀ ସୁଇଚ୍ ଟିପି ୧୦ ଲକ୍ଷ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫ ହଜାର ଲେଖାଏଁ ଟଙ୍କା ପଠାଇଛନ୍ତି।

ପ୍ରଥମେ ରାଜ୍ୟ ସରକାର ମହିଳାଙ୍କ ଆକାଉଣ୍ଟ ଠିକ୍ ଅଛି କି ନାହିଁ ଜାଣିବା ଲାଗି ପରିକ୍ଷାମୂଳକ ଭାବେ ୧ ଟଙ୍କା ଲେଖାଏଁ ପଠାଇଥିଲେ,ଆକାଉଣ୍ଟକୁ ଟଙ୍କା ଆସିବା ପରେ ମହିଳାମାନେ ଖୁସି ବ୍ୟକ୍ତ କରିଥିଲେ। ୧୪ ରାଜ୍ୟର ୧୦ ଲକ୍ଷ ପିଏମ୍ ଆବାସ ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତି। ମୋଦୀ ଓଡ଼ିଶାରେ ୩ହଜାର ୮ଶହ କୋଟିର ରେଳ ଓ ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଛନ୍ତି।

### ବଢ଼ିବ ମେଡିକାଲ ସିଟ୍

ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ୭୫ ହଜାର ମେଡିକାଲ ସିଟ୍ ବଢ଼ିବ। ସୁଭଦ୍ରା ଯୋଜନାର ଶୁଭାରମ୍ଭରେ ଏହି ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଏନେଇ ମୋଦି କହିଛନ୍ତି, ପ୍ରଭୁ ଜଗନ୍ନାଥଙ୍କ କୃପାରୁ ପୁଣି ଓଡ଼ିଶା ଆସିବାର ସୌଭାଗ୍ୟ ମିଳିଲା । ଓଡ଼ିଶାର ମା' ମାନଙ୍କ ପାଇଁ ସୁଭଦ୍ରା ଶୁଭାରମ୍ଭ କରିବାର ସୁଯୋଗ ମିଳିଛି। ଗରିବଙ୍କୁ ପକ୍କା ଘର, ଯୁବକଙ୍କ ପାଇଁ ପ୍ୟାକେଜ ଘୋଷଣା ହୋଇଛି । ଏଥିସହିତ ଜନଜାତୀୟ ବଜେଟରେ ୨ ଗୁଣା ବୃଦ୍ଧି କରାଯାଇଛି।

### ଭାରି ଖୁସି ଲାଗିଲା

ମୋତେ ଭାରି ଖୁସି ଲାଗିଲା...। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ କେବେ ଦେଖିବି ବୋଲି ଭାବି ନ ଥିଲି। କେବେ ହେଲେ ଭୁବନେଶ୍ୱର ଆସି ନ ଥିଲି। ଆଜି ପ୍ରଥମ ଥର ପାଇଁ ଭୁବନେଶ୍ୱର ଆସିଛି। ସେଥିପାଇଁ ମୋତେ ଭାରି ଖୁସି ଲାଗୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ 'ସୁଭଦ୍ରା' ଅର୍ଥ ରାଶି ଗ୍ରହଣ କରିବା ପରେ ଏପରି ଖୁସି ବ୍ୟକ୍ତ କରିଛନ୍ତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ହୁନ୍ଦାଡି ୱାଡ଼ାକା।

ମଞ୍ଚରୁ ଆସିବା ପରେ ହୁନ୍ଦାଡି ୱାଡ଼ାକା କହିଛନ୍ତି, ସୁଭଦ୍ରା ଟଙ୍କାରେ କ'ଣ କରିବ ବୋଲି ମୋଦି ପଚାରିଥିଲେ ? ତାହାର ଜବାବରେ ମୁଁ କହିଥିଲି, ସେହି ପଇସାରେ ଛୁଆଙ୍କୁ ପାଠ ପଢ଼ାଇବି। ହୁନ୍ଦାଡି ୱାଡ଼ାକା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଜଣେ ମହିଳା। ନିୟମଗିରିର ଘଞ୍ଚ ଜଙ୍ଗଲ ଭିତରେ ଥିବା କୁର୍ଲି ପଞ୍ଚାୟତ ଖୁଜୁରି ଗାଁରେ ତାଙ୍କ ଘର। ଡମ୍ବରୁ ଓ ପିଲାଛୁଆଙ୍କୁ ନେଇ ତାଙ୍କ ପରିବାର। ଏମାନେ ଜଙ୍ଗଲରେ ସାଧାରଣତଃ କାନ୍ଦୁଲ, କଟିଙ୍ଗ, ଝୁଡଙ୍ଗ, ମାଣ୍ଡିଆ, କୁଶଳା ଆଦି ଚାଷ କରନ୍ତି। ଜୈବିକ ପ୍ରଣାଳୀରେ ଚାଷବାସ କରନ୍ତି। ଏହାଛଡ଼ା ଋତୁକାଳୀନ ଫଳ ଯଥା ସପୁରୀ ଓ ପଣସ ଚାଷ ମଧ୍ୟ କରନ୍ତି।

### ସନ୍ୟାସୀ...

ନକରି ରାଜନୀତିରୁ ସନ୍ୟାସ ନେଇଥିବା ବିଜେଡିର ଏହିପୂର୍ବତନ ସାଂସଦ ଯୋଜନା ସପକ୍ଷରେ ଟୁଇଟ୍ କରିଛନ୍ତି। ଟୁଇଟ୍‌ରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହିତ ସୁଭଦ୍ରା ଯୋଜନା ନାରୀ ଶକ୍ତିଙ୍କୁ ଆର୍ଥିକ ସ୍ୱାଧୀନତା ଓ ସମ୍ମାନ ଦେବ ବୋଲି କହିଛନ୍ତି । ତେବେ ଅଚ୍ୟୁତ ତାଙ୍କ ଟୁଇଟ୍‌ରେ କିନ୍ତୁ ବିଜେଡିର ମିଶନ ଶକ୍ତି କିମ୍ବା ମହିଳା ସଶକ୍ତିକରଣ ବାବଦରେ ପଦୁଟିଏ ହେଲେ ଲେଖି ନାହାନ୍ତି ।

ଉଲ୍ଲେଖନୀୟ ଯେ ଅଚ୍ୟୁତ ସାମନ୍ତଙ୍କୁ ଲୋକସଭା ପଠାଇଥିବା ବିଜେଡିର ବଳ ଥିଲା ମିଶନଶକ୍ତି ଓ ମହିଳା ସଶକ୍ତିକରଣ । ଏହି ଯୋଜନାରେ ବିଜେଡି ୭୦ଲକ୍ଷ ମହିଳାଙ୍କୁ ସାମିଲ ସହିତ ଘରେ ଘରେ ପହଞ୍ଚିଥିଲା । ସେତେବେଳେ ଅନ୍ୟମାନଙ୍କ ଭଳି ଅଚ୍ୟୁତ ବି ଥିଲେ ଏହି ଯୋଜନାର ପ୍ରଶଂସକ ଓ ଲଭାର୍ଥୀ । କାରଣ ମହିଳାଙ୍କ ଭୋଟ ବଳରେ ହିଁ ସେ ଭୁବନେଶ୍ୱରରୁ ଯାଇ କନ୍ଧମାଳରୁ ସାଂସଦ ହୋଇପାରିଥିଲେ । ସେ ଥିଲେ ନବୀନ-ପାଣ୍ଡିଆନ୍ ଟିମ୍‌ର ବଡ ହିତାଧିକାରୀ ।

ତେବେ ରାଜନୀତିରୁ ସନ୍ୟାସ ଘୋଷଣା ପରେ ହଠାତ୍ ଅଚ୍ୟୁତଙ୍କ ଏଭଳି ପଦ୍ମପ୍ରୀତିକୁ ଅନେକ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ପୂର୍ବରୁ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଫଟୋ ଉଠାଇ ଚର୍ଚ୍ଚାରେ ଥିବା ଅଚ୍ୟୁତ ଏବେ ଆଉ ପାଦେ ଆଗକୁ ଯାଇ ସୁଭଦ୍ରା ଯୋଜାନା ପ୍ରଶଂସାରେ ଶତମୁଖ ହୋଇଛନ୍ତି । ନିଜ ଦଳର ଜଣେ ପୂର୍ବତନ ସାଂସଦ ଯିଏ କି ରାଜନୀତି ଛାଡିଥିବା ଘୋଷଣା କରିଥିଲେ ତାଙ୍କର ଏଭଳି ବିଜେପି ପ୍ରଶଂସାକୁ ବିଜେଡି ସହଜରେ ଗ୍ରହଣ କରିପାରୁ ନାହିଁ । ଇତି ମଧ୍ୟରେ ବିଜେଡିର ଦୁଇ ଦୁଇ ଜଣ ରାଜ୍ୟସଭା ସାଂସଦ ପଦ୍ମ ପୋଖରୀକୁ ଡେଇଁଥିବାବେଳେ ଅଚ୍ୟୁତଙ୍କ ଗତିବିଧି କୁଆଡେ ତାହାକୁ ନେଇ କେବଳ ବିଜେଡି ଶିବିର ନୁହେଁ, ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟରେ ମୋହନ ମାଝିଙ୍କ ସରକାର ଆସିବାପରେ ଅଚ୍ୟୁତଙ୍କ ଶିକ୍ଷାନୁଷ୍ଠାନ ବିରୁଦ୍ଧରେ ହାମ୍‌ଲା ଆରମ୍ଭ ହୋଇଥିଲା । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଦପ୍ତରରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇ ଅଚ୍ୟୁତ୍‌ଙ୍କ ସଂସ୍ଥା କିସ୍ ଓ କିଟ୍ ମାଡି ବସିଥିବା ଆଦିବାସୀଙ୍କ ଜମି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଥିଲା । ଏଭଳି ଘଟଣା ଅଚ୍ୟୁତ୍‌ଙ୍କୁ ବିଚଳିତ କରିଥିଲା । ଏହା ପରେ ପରେ ଅଚ୍ୟୁତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ତାହାର ଫଟୋ ଛାଡିଥିଲେ ।

ବର୍ତ୍ତମାନ ସୁଭଦ୍ରା ଯୋଜନାକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ଘମାଘୋଡ ବୟାନବାଜି ଚାଲିଥିବାବେଳେ ସୁଭଦ୍ରା କେତେ ପରିମାଣରେ ସଫଳ ହେବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି । କିଛି ବିଜେପି ନେତା ମଧ୍ୟ କେତେ ମାତ୍ରାରେ ସୁଭଦ୍ରା ଯୋଜନାକୁ ପ୍ରଶଂସା କରିବେ ତାହାର ଅଙ୍କ କଷୁଛନ୍ତି। ଏଭଳି ସ୍ଥିତିରେ ରାଜନୀତିର ନୂଆ ସନ୍ୟାସୀ ଅଚ୍ୟୁତଙ୍କ ଭୁରି ଭୁରି ପ୍ରଶଂସା ଏବେ ରାଜ୍ୟ ରାଜନୀତିକୁ ଆଲୋଚନାର ନୂଆ ଖୋରାକ ଯୋଗାଇଛି ।

### ମେଜରଙ୍କୁ...

ପଚରାଉଚରା କରାଯାଇଛି। ସେପଟେ ନ୍ୟାୟ ପାଇବା ଆଶାରେ ମେଜର ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆସନ୍ତାକାଲି ଏହାର ଶୁଣାଣି ଥିବା ବେଳେ ତଦନ୍ତକାରୀ ଅଧିକାରୀଙ୍କୁ ମେଡିକାଲ୍ ରିପୋର୍ଟ ସହ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଏନ୍‌ଏଚ୍‌ଆର୍‌ସିରେ ମଧ୍ୟ ଏ ନେଇ ରୁଜୁ ହୋଇଛି ମାମଲା ।

ଓଡ଼ିଶା ଅବସରପ୍ରାପ୍ତ ସେନା ସଂଘର ଅଭିଯୋଗ ଅନୁସାରେ ଶନିବାର ବିଳମ୍ବିତ ରାତି ୧୨ଟା ୩୦ରେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ ମେଜର ଗୁରବକ୍ତ ସିଂ ଓ ତାଙ୍କ ବାନ୍ଧବୀ। ମେଜର ଗୁରୁବକ୍ତ ଓ ତାଙ୍କ ବାନ୍ଧବୀ ପଟିଆର ଏକ ରେସ୍ତୋରାଁରୁ ଫେରୁଥିବା ବେଳେ ଗାଡି ଓଭରଟେକକୁ ନେଇ ଅନ୍ୟ ଗାଡି ଚାଳକଙ୍କ ସହ ଝଗଡା ହୋଇଥିଲା। ଏନେଇ ମେଜର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଏହି ସମୟରେ ଥାନାରେ ଡିସିଓ ନଥିବାବେଳେ ଜଣେ ପୁରୁଷ କନଷ୍ଟେବଲ ବସିଥିଲେ। ଜଣେ ମହିଳା ଅଫିସର ବିନା ୟୁନିଫର୍ମରେ ତାଙ୍କ ନିକଟକୁ ଆସିଥିଲେ । ଅଭିଯୋଗ ରଖିବାକୁ ତାଙ୍କୁ ମେଜର ଗୁରୁବକ୍ତ କହିବାପରେ ସେ ଶୁଣିନଥିଲେ । ଏନେଇ ଉଭୟଙ୍କ ମଧ୍ଧରେ ଯୁକ୍ତିତର୍କ ହେବା ପରେ ଗୁରୁବକ୍ତଙ୍କୁ ପ୍ଲାଷ୍ଟି ସାର୍ଟ ଖୋଲି ଥାନାରେ ବସାଇଦେଇଥିଲେ ପୋଲିସ କର୍ମଚାରୀ। ଏପରିକି ପୋଲିସ ତାଙ୍କ ବାନ୍ଧବୀଙ୍କୁ ମଧ୍ୟ କୋର୍ଟଚାଲାଣ କରିଥିଲା।

ବଡ଼କଥା ହେଉଛି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଥାନାରେ ସିସିଟିଭି ରହିବା କଥା। କିନ୍ତୁ ଭରତପୁର ଥାନାରେ ସିସିଟିଭି ନାହିଁ । ଥାନାଧିକାରୀ ଙ୍କ ଚାମ୍ବର ତ ଦୂର କଥା ସମ୍ପୂର୍ଣ୍ଣ ଥାନା କ୍ୟାମ୍ପସ ଭିତରେ ସିସିଟିଭି ନାହିଁ । ଯାହାକୁ ନେଇ ଉଦ୍ବେଗ ପ୍ରକାଶ ପାଇବା ସହ ଆସନ୍ତାକାଲି ଏହି କେସ ହାଇକୋର୍ଟରେ ଶୁଣାଣି ଥିବା ଜଣାପଡିଛି । ସେପେଟେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ଆଇଆଇସି ଓ ସମ୍ପୃକ୍ତ ଡିସିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ମିଲିଟାରୀ ସଂଘ।

### ଅକ୍ଟୋବର...

ହେବା ପର୍ଯ୍ୟନ୍ତ ଦେଶର କୌଣସି ସ୍ଥାନର ବୁଲଡୋଜର ଆକ୍ସନ ନିଆଯାଇ ପାରିବ ନାହିଁ ବୋଲି କହିଛନ୍ତି।

ଜଷ୍ଟିସ ବିଆର ଗବାଇ ଏବଂ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶନାମା ଜାରି କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଆମର ଅନୁମତି ବିନା କୌଣସି ସ୍ଥାନରେ ବୁଲଡୋଜର ଲଗାଇ ଉଚ୍ଛେଦ ହୋଇପାରିବ ନାହିଁ। ଆମେ ବୁଲଡୋଜର ସମ୍ବନ୍ଧରେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବୁ। ଆସନ୍ତା ଅକ୍ଟୋବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ତେବେ ରାସ୍ତାଘାଟ, ଜଳସମ୍ପଦ, ଫୁଟପାଥ, ରେଳ ଲାଇନ ଇତ୍ୟାଦିରେ ବେଆଇନ ଭାବେ ନିର୍ମାଣ ହୋଇଥିଲେ ସେସବୁ ଉଚ୍ଛେଦ ହୋଇପାରିବ। କେବଳ ବ୍ୟକ୍ତିଗତ ଘର କିମ୍ବା ଘରୋଇ ସଂସ୍ଥାରେ ବୁଲଡୋଜର ଆକ୍ସନ ଉପରେ କଟକଣା ଲଗାଇଛନ୍ତି ସୁପ୍ରିମକୋର୍ଟ।

### ପରିବାର...

କେହି ପାଉ ନାହାନ୍ତି। ପରଦା ପଛରେ ରହି ଗୋଟି ଚଳାଉଥିବାର ଖବର ବଜାରରେ ଉଡୁଥିଲେ ମଧ୍ୟ ବିଜେଡିର କେହି ହେଲେ ତାଙ୍କର ଦେଖା ପାଉନଥିବା କହୁଛନ୍ତି ।

କିଛି ବିଜେଡି କର୍ମୀଙ୍କ କହିବାକଥା ଯେ ଅନ୍ୟାନ୍ୟ ଆକର୍ଷଣୀୟ ଯୋଜନା ଭଳି ଭୋଟ ପାଇଁ ବିଜେଡି ଓଡିଶା ମୋ ପରିବାର ଗଠନ ସହିତ ଲୋକଙ୍କୁ ଆକର୍ଷିତ କଲା ଭଳି 'ସମସ୍ତେ ମୋ ପରିବାର ସଦସ୍ୟ' ବୋଲି ମିଠା ମିଠା କଥା କହି ଚାଲିଥିଲା । ଯଦି ନବୀନ ସତରେ ସାଢେ ଚାରିକୋଟି ଓଡିଆଙ୍କୁ ନିଜ ପରିବାର ସଦସ୍ୟ ବୋଲି ଭାବିଥାନ୍ତେ ତେବେ ଓଡିଶା ମୋ ପରିବାର ସଂସ୍ଥାରେ ତାଲା ପକାଇନଥାନ୍ତେ କି ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ପାଉଣା ଦେବାକୁ ପରିବାରର ମଙ୍ଗୁଆଳମାନେ ଲୁଚୁ ନଥାନ୍ତେ । ଅବସ୍ଥା ଏଭଳି ସ୍ଥଳରେ ପହଞ୍ଚିଛି ଯେ ଓଡିଶା ମୋ ପରିବାର ଏବେ ତାହାର ୱେବସାଇଟ୍‌ରେ ସୀମିତ ରହିଥିବାବେଳେ ପରିବାରର ସଦସ୍ୟମାନେ ନୂଆ ସରକାରଙ୍କ ପରିବାରରେ ସାମିଲ ହେବା ଆରମ୍ଭ କରିଦେଲେଣି ।

## ଡରାଇଲାଣି ଡେଙ୍ଗୁ, ମ୍ୟାଲେରିଆ

# ନିଘୋଡ଼ ନିଦରେ କେନ୍ଦ୍ରାପଡ଼ା ପୌରପାଳିକା

**କେନ୍ଦ୍ରାପଡ଼ା,୧୭।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସହରାଞ୍ଚଳବାସୀଙ୍କୁ ଏବେ ଡରାଇଲାଣି ଡେଙ୍ଗୁ ଏବଂ ମ୍ୟାଲେରିଆ । କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହି ଜ୍ୱର ଦେଖାଦେଇଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଉଛି। ସହରାଞ୍ଚଳର ବିଭିନ୍ନ ସ୍ଥାନରେ ପାଣି ଜମାଟ ବାନ୍ଧିବା ସହିତ ବଢ଼ୁଛି ମଶାଙ୍କ ପ୍ରାଦୁର୍ଭାବ ଯାହା ଫଳରେ ଡେଙ୍ଗୁ ବ୍ୟାପିବା ନେଇ ଆଶଙ୍କା ବଢ଼ିଛି ।



ସୂଚନା ମୁତାବକ ଗତବର୍ଷ ଏହି ଜ୍ୱରରେ ୩୪୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୭୪ ଜଣ ପଜେଟିଭ ଚିହ୍ନଟ ହୋଇସାରିଲେଣି। ମ୍ୟାଲେରିଆ ଟେଷ୍ଟିଙ୍ଗରେ ଏକ ଲକ୍ଷ ଦଶ ହଜାରରୁ ଅଧିକ ହୋଇସାରିଥିବା ବେଳେ ତନ୍ମଧ୍ୟରୁ ୫୧ ଜଣ ପଜେଟିଭ ଚିହ୍ନଟ ହୋଇଅଛି । ଏତେ ପରେବି ଚେତା ପଶୁନି କେନ୍ଦ୍ରାପଡା ପୌରପାଳିକାର। ନାଁ ଡ୍ରେନରେ ପଡୁଛି ମଶାମରା ତେଲ, ନାଁ ସନ୍ଧ୍ୟାରେ ବୁଲୁଛି ଫଗିଙ୍ଗ ମେସିନ। ଆଗକୁ ଦ୍ରୁତ ଗତିରେ ବଢ଼ିବା ଆଶଙ୍କା ଥିବା ବେଳେ ମେଡ଼ିକାଲ, ଥାନା, ଗ୍ୟାରେଜ, ଡ୍ରେନଜରୁ ସୃଷ୍ଟି ହେଉଥିବା ମଶା ଉପରେ କୌଣସି ନଜର ମଧ୍ୟ ଦିଆଯାଉନାହିଁ । ଗତ ବର୍ଷ କେନ୍ଦ୍ରାପଡ଼ାରେ ୩୪୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ବର୍ଷା ଆରମ୍ଭରୁ ୨୩ ରୋଗୀ ଚିହ୍ନଟ ହୋଇସାରିଲେଣି। ଖାଲଖମା ଓ ପୋଖରୀ ଗୁଡିକରେ ପଶି ଥିବା ପାଣି ଏବେ ପଚିବା ଆରମ୍ଭ କରିଛି। ଏହାଛଡ଼ା ମେଡ଼ିକାଲ, ଥାନା, ଗ୍ୟାରେଜ ଆଉ ଡ୍ରେନେଜରେ ପାଣି ଜମୁଛି।

## ମାଥିଲିରେ ଡାଇରିଆ ଆତଙ୍କ

# ଭୟରେ ଲୋକେ କରୁଛନ୍ତି ପୂଜାର୍ଚ୍ଚନା

**ମାଲକାନଗିରି,୧୭।୯ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ମାଥିଲିରେ ଡାଇରିଆ ତଥା ଝାଡା ବାନ୍ତିରେ ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଏହି ରୋଗରେ ପୀଡିତ ଅଛନ୍ତି। ତେବେ ମାଥିଲି ବ୍ଲକର ବିଭିନ୍ନ ଦୁର୍ଗମ ଗ୍ରାମରେ ଏହି ରୋଗ ନିଜର କାୟା ବିସ୍ତାର କରିଥିବା ବେଳେ ଜିଲ୍ଲାର ସ୍ୱାସ୍ଥ୍ୟ ଟିମ୍ ବହୁ କଷ୍ଟରେ ଦୁର୍ଗମ ଅଞ୍ଚଳରେ ନଦୀ ନାଳ ପାର ହୋଇ ଲୋକଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଜୀବନକୁ ବାଜି ଲଗାଇ ସ୍ୱାସ୍ଥ୍ୟ ଟିମ୍ ଦୁର୍ଗମ ଗ୍ରାମରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସତ୍ତ୍ୱେ ଲୋକଙ୍କ ମଧ୍ୟରେ ଏହି ରୋଗର ଭୟ ବଢ଼ିବାରେ ଲାଗିଥିବାରୁ ଲୋକେ ବର୍ତ୍ତମାନ ଗୁଣିଆ, ଦିଶାରି ଓ ପୂଜକଙ୍କ ଦ୍ୱାରା ବିଭିନ୍ନ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ମାଥିଲି ବ୍ଲକର ତୁଳସୀ, ଲୁଲେର ଓ ଅଟାଳଗୁଡାରେ ଏହି ରୋଗ କାୟା ବିସ୍ତାର କରିଥିବା ବେଳେ ଡାକ୍ତରୀ ଟିମ୍ ବିଭିନ୍ନ ଗ୍ରାମରେ ପହଞ୍ଚି ଅସ୍ଥାୟୀ କ୍ୟାମ୍ପ କରି ରୋଗୀଙ୍କୁ ଚିକିତ୍ସା ଯୋଗାଇ ଆସୁଛନ୍ତି।

ଅନ୍ୟପଟେ ରୋଗ ପ୍ରୋକପରୁ ମୁକ୍ତି ପାଇବା ପାଇଁ ଗାଁଗୁଡିକରେ ଜୋରସୋରରେ ଚାଲିଛି ଗ୍ରାମଦେବୀଙ୍କ ନିକଟରେ ପୂଜାର୍ଚ୍ଚନା। ସ୍ୱାସ୍ଥ୍ୟ ବିଭାଗ ଏହି ରୋଗ ଉପରେ ରୋକ ଲଗାଇବା ପାଇଁ ଜୋରସୋର ଉଦ୍ୟମ କରୁଥିବା ବେଳେ ଲୋକଙ୍କୁ ଔଷଧ ଦିଆଯାଉଛି। ତୁଳସୀ ଘାଟି ଅଞ୍ଚଳରେ ରୋଗ ନିୟନ୍ତ୍ରଣ ପାଇଁ ତିନି ଦିନ ହେବ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ୫ ଜଣିଆ ଡାକ୍ତରୀ ଟିମ ରହି ଘର ଘର ବୁଲି ଅସ୍ଥାୟୀ କ୍ୟାମ୍ପ କରି ଚିକିତ୍ସା ଯୋଗାଇ ଆସୁଥିବା ବେଳେ ଲୋକେ ଦୂଷିତ ପାଣି ଓ ଜଙ୍ଗଲଜାତ ଖାଦ୍ୟ ଖାଇବା ଦ୍ୱାରା ଏଭଳି ସଂକ୍ରାମକ ରୋଗ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।



# ପ୍ରଧାନମନ୍ତ୍ରୀଙ୍କ ଜନ୍ମତିଥିରେ ସୁଭଦ୍ରାର ଶୁଭାରମ୍ଭ

**ନୀଳଗିରି,୧୭।୯ (ସଂଚାର ବ୍ୟୁରୋ):** ନୀଳଗିରି ଇଣ୍ଡୋର ଷ୍ଟାଡିୟମ ଠାରେ ମଙ୍ଗଳବାର ୧୦ ଘଟିକା ସମୟରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମତିଥିରେ ସୁଭଦ୍ରା ଯୋଜନା ଓ ଆବାସଯୋଜନାରେ ଗୃହନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଶୁଭଉଦ୍‌ଘାଟନ କରିଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଧାୟକମାନେ ଉପସ୍ଥିତ ଥିଲେ। ତେବେ ଏହି ଉପଲକ୍ଷେ ନୀଳଗିରି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସାଂସଦଙ୍କ ପ୍ରତିନିଧି କରୁଣାକର ପଣ୍ଡା , ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ, ଏନଏସି ଉପାଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା, ଭାରତୀୟ ପ୍ରଶାସନିକ ଅଧିକାରୀ ଦୁଧାଲ ଅଭିଷେକ ଦିଲ୍ଲୀପ, ବିଡିଓ ରାହୁଲ ମଣ୍ଡଳ, ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସ ଉପସ୍ଥିତ ଥିଲେ। ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀ ମାନଙ୍କ ମଧ୍ୟରୁ ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀ ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଖଟୁଆ ପାଞ୍ଚହଜାର ଟଙ୍କାର ଚେକ୍ ପ୍ରଦାନ କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହନିର୍ମାଣ କାର୍ଯ୍ୟାଦେଶ ଏବଂ ସ୍ୱଚ୍ଛତା ହିଁ ସେବା ପାଇଁ ମଧ୍ୟ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକରୁ ୨୫ଗୋଟି ପଞ୍ଚାୟତର ହିତାଧିକାରୀ , ନିର୍ବାଚିତ ଲୋକପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ପଞ୍ଚାୟତ ସମିତିର କାର୍ଯ୍ୟକର୍ତ୍ତା ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।



# ଭେଡେନ ଦୁର୍ଗାପୂଜା ଶୁଭସ୍ତମ୍ଭ ସ୍ଥାପନ

**ଭେଡେନ,୧୭।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଦୁର୍ଗା ମଣ୍ଡପ ରେ ଦୁର୍ଗାପୂଜା କମିଟି ତଥା ଗ୍ରାମବାସୀ ଙ୍କ ଉଦ୍ୟମ ରେ ଯଥା ନୀତି ଅନୁସାରେ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ପଣ୍ଡିତ ଲକ୍ଷ୍ମଣ ମିଶ୍ର ଙ୍କ ତତ୍ତ୍ୱାବଧାନ ରେ ପୂଜାର୍ଚ୍ଚନା ହୋଇଥିଲା। ଏଠାରେ କମିଟି ର ସଭାପତି ସ୍ୱାଧୀନ ରଥ, ଉପସଭାପତି ସୁଶୀଲ ବେହେରା, ଆନନ୍ଦ ଅଗ୍ରୱାଲ, ସମ୍ପାଦକ ରାଜେଶ ବରେଇ, ଘନ ଅଗ୍ରୱାଲ, ତୁଷାରକାନ୍ତ ମିଶ୍ର, ପ୍ରଭାତ ମିଶ୍ର, ଏବଂ ଟଙ୍କ ମେହେର, ବୃନ୍ଦାବନ ମେହେର, ଗୋପୀ ମେହେର, ଯତୀନ ସାହୁ, ସୋମ ସାହୁ, ପାପ୍ପୁ ଅଗ୍ରୱାଲ,ବୁଲୁ ରଥ ଉପସ୍ଥିତ ଥିଲେ। ଆଗାମୀ ଦୁର୍ଗାପୂଜା ଧୂମଧାମ ରେ ପାଳନ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି।

## କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ଅଭିଯୋଗର ତ୍ୱରିତ୍ ସମାଧାନ ପାଇଁ ନିର୍ଦ୍ଦେଶ

**କଟକ,୧୭।୯ (ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଏସ୍. ପି ଶ୍ରୀମତୀ ଏଲ୍. ଦିବ୍ୟା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୧ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୪୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୮ଗୋଟି ସାମୁହିକ ଅଭିଯୋଗ ରହିଛି । ଅଭିଯୋଗ ଶୁଣାଣି ଶିବିରରେ ୧୧ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅବକାରୀ ସୁପରିନଟେଣ୍ଡେନଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଶାଣି ଶିବିରରେ ଯୋଗ ଦେଇଥିଲେ ।

## ସୁଭଦ୍ରା ଯୋଜନାରେ ଅର୍ଥ ଆଦାୟ ଅଭିଯୋଗ

# ସିଏସପି ସେଣ୍ଟର ବିରୋଧରେ ଏତଲା

**ରାଇଘର,୧୭।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଅନଲାଇନ ପାଇଁ ନିଶୁଳ୍କ ବ୍ୟବସ୍ଥା କରିଛନ୍ତି। କିନ୍ତୁ ସୁଭଦ୍ରା ଯୋଜନାର ଅନଲାଇନ କରିବାକୁ ମହିଳାଙ୍କ ଠାରୁ ୧୦୦ ଟଙ୍କା ନେବା ଅଭିଯୋଗରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ସରପଞ୍ଚ ଏବଂ ୧୫ରୁ ୨୦ ଜଣ ମହିଳା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ନାକଟିସିମଡା ପଞ୍ଚାୟତରେ। ମିଳିଥିବା ସୂଚନା ଅନୁସାରେ ନାକଟିସିମଡା ଗ୍ରାମର କିଛି ମହିଳା ସୁଭଦ୍ରା ଯୋଜନା ର ଫର୍ମ ଅନଲାଇନ କରିବା ପାଇଁ ନାକଟିସିମଡା ଡିଏନକେ ଗ୍ରାମରେ ଥିବା ସି ଏସ ପି ସେଣ୍ଟରର ସୁରଜିତ ପାଲ ନିକଟକୁ ଯାଇଥିଲେ। ସୁରଜିତ ମହିଳା ମାନଙ୍କୁ ଜଣଙ୍କ ପିଛା ଅନଲାଇନ ବାବଦକୁ ୧୦୦ ଟଙ୍କା ଲେଖାଏଁ ମାଗିଥୁଲେ କିଛି ମହିଳା ପଇସା ଦେଲେ ଏବଂ କିଛି ମହିଳା ମାନେ ଏହାର ପ୍ରତିବାଦ କରିବାରୁ ସୁରଜିତ ରାଗିଯାଇ ମହିଳା ମାନଙ୍କ ରଖୁଥିବା ଫର୍ମ ଗୁଡ଼ିକ ଫୋପାଡି ଦେବାସହ ଗାଳିଗୁଲଜ କରିବା ସହ ମୁଁ କାମ କରିବି ନାହିଁ ତୁମେ ତୁମର ସରପଞ୍ଚ ପାଖକୁ ଯାଅ ସେ ଅନଲାଇନ କରିଦେବ ବୋଲି କହିଥିଲେ। ଏନେଇ ମହିଳା ମାନେ ଗ୍ରାମର ସରପଞ୍ଚ ଙ୍କ ସହାୟତାରେ ରାଇଘର ବିଡ଼ିଓ ଓ ଥାନାରେ ଲିଖୁତ ଅଭିଯୋଗ କରିଛନ୍ତି, ଏହି ବିଷୟକୁ ପୋଲିସ ଗମ୍ଭୀରତା ସହ ନେଇ ଏହାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରଘୁନାଥ ମାଝୀ କହିଛନ୍ତି।

# ଅଶି ଘର ସହଁରା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ

**ସୁବର୍ଣ୍ଣପୁର,୧୭।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଅଶି ଘର ସହଁରା (ଶବର) ସମାଜ ପକ୍ଷରୁ ସ୍ଥାନୀୟ ହାତୀ ସାଲ କଲ୍ୟାଣ ମଣ୍ଡପ ଠାରେ ନୂଆଁ ଖାଇ ଭେଟ ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜର ସଭାପତି ଶ୍ରୀ ଦୈତ୍ୟ ଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ବଳ ଦେବ ଭୋଇ, ସମ୍ମାନିତ ଅତିଥି ଭାବରେ ରାଜ କିଶୋର ବାରିକ୍, ଗିରି ଧାରି ନାଗ, ଘନ ଶ୍ୟାମ ବୁଡେକ୍, ଆବାହକ ସୁରେଶ ବେହେରା, ସମ୍ପାଦକ ଅଚ୍ୟୁତ କୁମାର୍ ଭୋଇ ଓ ମୁଖ୍ୟ ବକ୍ତା ଭାବରେ ଚନ୍ଦ୍ର ଶେଖର ଶବର ଯୋଗ ଦେଇ ଗୋଟାଏ ରାଜ୍ୟର ଓ ଦେଶର ସମୃଦ୍ଧି ଓ ସୁରକ୍ଷା ପାଇଁ ପ୍ରଥମେ ଏକ ସମାଜ ର ଶୃଙ୍ଖଳା ଓ ଏକତା ଆବଶ୍ୟକ ବୋଲି ମତ ରଖିଥିଲେ । ସଭାରେ ସମସ୍ତ ଜିଲ୍ଲା ସଭାପତି, ଯୋଗଦେଇଥିବା ନୂତନ କର୍ମଚାରୀ, ସମାଜର ଚିତ୍ର ଶିଳ୍ପୀ, ମୂର୍ତ୍ତି କାରିଗର, ମେଧା ଛାତ୍ର ଛାତ୍ରୀ, ମଞ୍ଚ କଳାକାର, ସମାଜସେବୀଙ୍କ ସମେତ ବିଭିନ୍ନ ପ୍ରତିଭା ଓ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ଇଷ୍ଟ ଦାବୀଙ୍କୁ ପୁଜା ଅର୍ଚ୍ଚନା ପରେ ଅତିଥିଙ୍କୁ ସ୍ୱାଗତ ସଂଗୀତ ପରିବେଷଣ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ସୁରେଶ ବେହେରା ସ୍ୱାଗତ ଭାଷଣ ଓ ରବୀନ୍ଦ୍ର ଭୁଏ ବୀବରଣୀ ପାଠ କରିଥିବା ବେଳେ ଏକାଦଶ ବର୍ଗେ ଓ ମୁକେଶ ଭୋଇ ମଞ୍ଚ ପରି ଚାଳନା କରିଥଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯୁଗ ଜନ୍ମା ଯୁକ୍ତା ମୁଖୀ ବର୍ଗି, ମୁକେଶ ଭୋଇ ଓ ନରସିଂହ ବର୍ଗେ ପରି ଚାଳନା କରି ଥିଲେ । ଡାକ୍ତରୀ ଛାତ୍ରୀ ନିଲମ୍ ବିଶ୍ୱାଳ ଓ ନବୋଦୟ ଛାତ୍ର ଯଶ ରାଜ ଭୂଏଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ ରିତୁଶ୍ରି, ମମିତା, ନନ୍ଦିନୀ, ମୌସୁମୀ, ସଂଘମିତ୍ରା, ନିଳୀମା, ସମୃତି ଶିଖା, ସୁପ୍ରଭା ପ୍ରମୁଖ ଛାତ୍ରୀ ସମ୍ବର୍ଦ୍ଧନା କାର୍ଯକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରି ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମନମୁଗ୍ଧ କରିଥିଲେ । ନରେଶ , ପ୍ରଫୁଲ୍ଲ, ସରୋଜ , ନିଳୀମା, ନଳିନୀ ନାମ ପଞ୍ଜୀକରଣ କରିଥିଲେ । ସମାଜ ର ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଉତ୍ସବର ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିଥିବା ବେଳେ ନିରଞ୍ଜନ ଭୂଏ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶବର ସମାଜ ର ହଜାର ହଜାର ସଦସ୍ୟ ଉପସ୍ଥିତ ରହି ନୂଆଁଖାଇ ଜୁହାର ଭେଟ ଘାଟ ହୋଇ ଭାବର ଆଦାନ ପ୍ରଦାନ କରି ଥିଲେ ।





# ମେଧାବୀ ଛାତ୍ରୀ ସ୍ନେହାଶ୍ରୀଙ୍କୁ ହସ୍ପିଟାଲରେ ଭେଟିଲେ ସାଂସଦ ପ୍ରତାପ ଷଡଙ୍ଗୀ

**ନୀଳଗିରି,୧୭।୯ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ଧୋବଶିଳା ଗ୍ରାମର ସ୍ନେହାଶ୍ରୀ (୧୩) ଜଣେ ମେଧାବୀ ଛାତ୍ରୀ ଭାବରେ ଭଲ ପାଠ ପଢୁଥିବାରୁ ବାପା ମା ଅନେକ ସ୍ୱପ୍ନ ଦେଖିଥିଲେ। ମାତ୍ର ହଠାତ୍ ଝିଅ ଅଜଣା ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲରେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ଜଣାଯାଇଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ଧୋବଶିଳା ଗ୍ରାମର ସୁଧିରଞ୍ଜନ ନାୟକ ଏବଂ ମାଆ ସଂଜୁରାଣୀ ନାୟକଙ୍କ ଏକମାତ୍ର କନ୍ୟା ସ୍ନେହାଶ୍ରୀ ଜାମୁଡ଼ିହା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ପଢୁଥିବା ବେଳେ କିଛିଦିନ ପୂର୍ବରୁ ଅସୁସ୍ଥତା କାରଣରୁ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସା କରାଇ ମେଡ଼ିସିନ ଖାଉଥିଲେ। ମାତ୍ର ଧିରେ ଧିରେ ତାଙ୍କର ଶରୀରରେ ବିଭିନ୍ନ ସ୍ଥାନରେ ପାଣି ଫୋଟକା ଭଳି ବାହାରି ଶରୀରର ବିଭିନ୍ନ ଅଙ୍ଗରୁ ଚମଡା ବାହାରିବାକୁ ଲାଗିଲା।ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ସୋମ ହସ୍ପିଟାଲ୍ ଶିଶୁବିଭାଗରେ ଆଡମିଟ୍ କରାଯାଇ ଚିକିତ୍ସା କରାଯାଉଥିବା ବେଳେ ସ୍ନେହାଶ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏବେବି ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବା ପରିବାର ସୂତ୍ରରୁ ପ୍ରକାଶ। ପ୍ରଫେସର ଡଃ ଦେବସ୍ମିତା ରଥ ଝିଅର ଚିକିତ୍ସା କରୁଥିବା ଜଣାଯାଇଛି । ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର ହସ୍ପିଟାଲରେ ପହଞ୍ଚି ଗୁରୁତର ସ୍ନେହାଶ୍ରୀଙ୍କ ଅବସ୍ଥା ପରିବାର ଲୋକଙ୍କୁ ପଚାରି ବୁଝିଥିଲେ। ପରେ ହସ୍ପିଟାଲର ଏକ ଡ଼ାକ୍ତରୀ ଟିମ୍ ପହଞ୍ଚି ସାଂସଦଙ୍କ ସହିତ ଆଲୋଚନା କରିଥିବା ବେଳେ ଝିଅକୁ କିପରି ଉତ୍କୃଷ୍ଟ ସେବା ଯୋଗାଇ ଦିଆଯିବ ସେ ବିଷୟରେ ଆଲୋଚନା କରିଥିବା ଜଣାଯାଇଛି। ଏଥିସହିତ ଝିଅର ଆଶୁ ଆରୋଗ୍ୟ କାମନା କରିବା ସହ, ଉନ୍ନତ ଚିକିତ୍ସା ପାଇଁ କିପରି ସମସ୍ତ ପ୍ରକାରର ସରକାରୀ ସାହାଯ୍ୟ ସହଯୋଗ ମିଳିପାରିବ ସେ ବିଷୟରେ ଗୁରୁତ୍ୱ ଦେବେ ବୋଲି ପରିବାରବର୍ଗଙ୍କୁ ସାଂସଦ ଶ୍ରୀ ଷଡଙ୍ଗୀ ଆଶ୍ୱାସନା ଦେଇଛନ୍ତି।



# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବିଜେପି ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

**ସୁନ୍ଦରଗଡ,୧୭।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୫ତମ ଜନ୍ମ ଦିବସ ଅବସରରେ ସୁନ୍ଦରଗଡ ମୁଖ୍ୟ ଡ଼ାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କାର୍ଯକ୍ରମ କରାଯାଇଥିଲା। ଏହି କାର୍ଯକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶବନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ପୌରଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲା ସଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ବିଜେପିର ବରିଷ୍ଠ ନେତା ସନ୍ତୋଷ ଅମାତଙ୍କ ସମେତ ଜିଲ୍ଲାର ନେତୃ ମଣ୍ଡଳୀ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ରୋଗୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ବୁଝି ପଚାରିବା ସହିତ ଶୀଘ୍ର ସୁସ୍ଥ ହେବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ପାଟଣାଗଡ଼ରେ ଆରମ୍ଭ ହେଲା 'ସୁଭଦ୍ରା'

**ପାଟଣାଗଡ,୧୭।୯ (ସଂଚାର ବ୍ୟୁରୋ):** ରାଜ୍ୟର ବିଜେପି ସରକାରଙ୍କ ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିବେ । ଜନତା ମଇଦାନରେ ବିଶାଳ ସମାବେଶରେ ପ୍ରଧାନମନ୍ତ୍ରୀ ମୋଦି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଆଜି ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏକ ବିଶାଳ ମହିଳା ସମାବେଶ ହୋଇଅଛି। ଏହି ବ୍ଲକସ୍ତରୀୟ ସଭାରେ ମହିଳା ଏସଏଚଜି ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସୁଭଦ୍ରା ହିତାଧିକାରୀ ମାନେ ଉପସ୍ଥିତ ଅଛନ୍ତି । ସୂଚନା ଅନୁସାରେ, ରାଜ୍ୟର ବିଜେପି ସରକାର ନିଜର ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନା ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଜୋରଦାର କସରତ ଆରମ୍ଭ କରିଛି । ଏଥିପାଇଁ ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ପ୍ରତ୍ୟେକ ବ୍ଲକକୁ ୫ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି । ହଜାର ହଜାର ମହିଳାଙ୍କ ଏହି ସମାବେଶରେ ଖପ୍ରାଖୋଲ ବିଡ଼ିଓ ପ୍ରଥମେ ତାଙ୍କର ସ୍ୱାଗତ ଅଭିଭାଷଣ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ଏଲଇଡି ସ୍କ୍ରିନ୍ ଲଗାଇ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ସୁଭଦ୍ରା' ଯୋଜନାର ମେଗା ଲୋକାର୍ପଣ କରିବାର ଉତ୍ସବ ସିଧାସଳଖ ପ୍ରସାରଣ ହେବ ସେଥିପାଇଁ ସମସ୍ତେ ଅପେକ୍ଷା କରିଛନ୍ତି । ଏହି ମହିଳା ସମାବେଶରେ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ସହିତ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଅଛନ୍ତି ।

# ବୋରିଗୁମ୍ମାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ

**ବୋରିଗୁମ୍ମା,୧୭।୯ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଆଜି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟରେ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତି ଭାବେ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ବୋରିଗୁମ୍ମା ବ୍ଲକର ମିନି ଷ୍ଟାଡିୟମଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ କିସ୍ତି ପ୍ରଦାନ ଓ ଅନ୍ୟାନ୍ୟ ଘୋଷଣାର ସିଧାପ୍ରସାରଣ କରାଯାଇଥିଲା। ବ୍ଲକ ବିଡିଓ ସନ୍ଧ୍ୟା ସମରଥଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ପରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ନେଇ ସମସ୍ତଙ୍କ ସହଯୋଗ ଲଡିଥିଲେ। ଆଜି ରାଜ୍ୟରେ ୨୫ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଖାତାକୁ ୫୦୦୦ ଟଙ୍କା ଲେଖାଏଁ ପଠାଯାଇଥିଲା। ବୋରିଗୁମ୍ମା ବ୍ଲକର କିଛି ଯୋଗ୍ୟ ମହିଳା ସୁଭଦ୍ରା ଯୋଜନାରେ ଆଜି ପ୍ରଥମ କିସ୍ତି ଭାବେ ୫୦୦୦ ଟଙ୍କା ପାଇଛନ୍ତି ବୋଲି କହିଥିଲେ। ତେବେ ପର୍ଯ୍ୟାୟ କ୍ରମେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ବୋରିଗୁମ୍ମା ବ୍ଲକ ନିମନ୍ତେ ନୋଡାଲ ଅଧିକାରୀ ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତି ସୁଧା ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ଅମୃତ ଲାଲ ବେହେରା, ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ପାଢ଼ୀ, ବିଜେପି ମଣ୍ଡଳ ସଭାପତି ରାଜ ସିଂ, ସମ୍ପାଦକ ଶଙ୍କର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ନାଥ ଶତପଥୀ, ସିଡିପିଓ ଗାୟତ୍ରୀ ବାହିନୀପତି, ଏବିଡ଼ିଓ ମାଧୁରୀ ଆଚାରୀ, ଏଇ ସତ୍ୟନାରାୟଣ ସେଠୀ, ଏଇଇ ପ୍ରକାଶ ପ୍ରଧାନ, ବିଜେପି ନେତ୍ରୀ ବାସନ୍ତୀ ଶତପଥୀ, ଜିପିଇଓ ସ୍ୱାଗତିକା ଗୋପାଳ, ଓଡିଶା ଜୀବିକା ମିଶନ ସଂଯୋଜକ ଦେବେନ୍ଦ୍ର ପଣ୍ଡା ସମସ୍ତ ଆଇସିଡିଏସ ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ସମେତ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ମହିଳା ମାନେ ଉପସ୍ଥିତ ଥିଲେ।



# ଝୁରିମାଲର ସାମୂହିକ ନୂଆଁଖାଇ ବିଦେଶରେ ପ୍ରଦର୍ଶିତ ହେଲା

**ସୁନ୍ଦରଗଡ,୧୭।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ଲେଫ୍ରିପରା ବ୍ଲକର ଝୁରିମାଲ ଗ୍ରାମର "ସାମୁହିକ ନୂଆଁଖାଇ"ର ଚର୍ଚ୍ଚା ଏବେ ସବୁଆଡେ । ଆମେରିକାବାସୀ ଦେଖିଲେ ଗୋଷ୍ଠୀ ସଚେତନତା ଓ ଏକତାର ବିରଳ ପ୍ରତିଛବି "ସାମୁହିକ ନୂଆଁଖାଇ" । ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ହେଉଛି ମାଟି-ମଣିଷ, ଭାଇ-ଭାଇ, ପରିବାର-ପରିବାର, ଗାଁ ଗାଁ ଭିତରେ ଅନାବିଳ ସମ୍ପର୍କ, ଏକତା ଓ ଭାଇଚାରାର ବାର୍ତ୍ତା ବହନ କରୁଥିବା ଏକ ଅନନ୍ୟ ପରମ୍ପରା।

ସପ୍ତାହକ ପୂର୍ବରୁ ସରିଛି ଏହି ନିଆରା ପର୍ବ- ନୂଆଁଖାଇ। ହେଲେ ଏବେବି ସତେଜ ରହିଛି ଏହାର ବାସ୍ନା ଓ ମହକ। କେବଳ ଜିଲ୍ଲା କିମ୍ବା ରାଜ୍ୟରେ ନୁହେଁ ସାତ ସମୁଦ୍ର ପାରି ଦୂର ବିଦେଶରେ ମଧ୍ୟ ଝୁରିମାଲ ଗ୍ରାମର ସାମୁହିକ ନୂଆଁଖାଇ ପ୍ରସିଦ୍ଧି ଲାଭ କରିଛି। ଆଜି ଆମେରିକାର ଟେକ୍ସାସର ହଷ୍ଟନ ସହରରେ ପ୍ରବାସୀ ଭାରତୀୟ ସଂସ୍ଥା "ଓଡିଶା କଲଚର ସେଣ୍ଟର" ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟରେ ଝୁରିମାଲ ସାମୁହିକ ନୂଆଁଖାଇର ଏକ ଡକ୍ୟୁମେଣ୍ଟାରି ଫିଲ୍ମ ଦେଖି ଅଭିଭୂତ ହୋଇଥିଲେ ପ୍ରବାସୀ ଭାରତୀୟ ମାନେ। ଦୀର୍ଘ ୧୨ ବର୍ଷ ଧରି ସାମୁହିକ ନୂଆଁଖାଇ ପାଳନ କରୁଥିବା ଝୁରିମାଲ ଗାଁ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରସ୍ତୁତ କରିଛି। ନୂଆଁଖାଇ ପରି ଏକ ଗଣପର୍ବକୁ ସାମୁହିକ ଭାବରେ ଏକା ସାଙ୍ଗେରେ ଗାଁ ର ପ୍ରତ୍ୟେକ ପରିବାର ଦୀର୍ଘ ୧୨ ବର୍ଷ ଧରି "ସାମୁହିକ ନୂଆଁଖାଇ" ପାଳନ କରିବାର ଅଭିନବ ପରମ୍ପରା ପ୍ରକୃତପକ୍ଷେ ଏକ ଯୁଗାନ୍ତକାରୀ ଉପଲବ୍ଧି।

ଏହି ପର୍ବରେ ପ୍ରତ୍ୟେକ ଘରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଥିବା ବେଳେ ଗୋଟିଏ ଗାଁ ଏକତ୍ରିତ ହୋଇ ଗୋଟିଏ ସ୍ଥାନରେ "ସାମୁହିକ ରନ୍ଧା" କରିବାର ଦୃଷ୍ଟାନ୍ତ ସବୁଠୁ ନିଆରା। ଦୀର୍ଘ ୧୫ ମିନିଟର ଏହି ଡକ୍ୟୁମେଣ୍ଟାରି ଫିଲ୍ମ ଦେଖି ଶେଷରେ ଝୁରିମାଲ ଗ୍ରାମବାସୀଙ୍କୁ ଭୂରି ଭୂରି ପ୍ରଶଂସା କରି ଧନ୍ୟବାଦ ଜଣାଇଥିଲେ ଆୟୋଜକମାନେ। ଆମେରିକାର ହଷ୍ଟନ ସହରର "ଓଡିଶା କଲଚର ସେଣ୍ଟର"ର ସଭାପତି ଡ.ଗୋପାଳ ଚନ୍ଦ୍ର ମହାପାତ୍ର କହିଛନ୍ତି ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ଝୁରିମାଲର ସାମୁହିକ ନୂଆଁଖାଇ ଆମ୍ଭ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି ତଥା ଯେତେ ଦିନଯାଏ ଏହି ଅନନ୍ୟ ପରମ୍ପରା ଜାରି ରହିବ ଆମେରିକାର ପ୍ରବାସୀ ଭାରତୀୟମାନେ ମଧ୍ୟ ଏହାକୁ ଅନୁସରଣ କରୁଥିବେ। "ଓଡିଶା କଲଚର ସେଣ୍ଟର"ର ଡ. ଆଦିତ୍ୟ ସାମଲ ଝୁରିମାଲ ଗାଁର ଏହି ଅଭିନବ ପଦକ୍ଷେପରୁ ବାହାରେ ରହୁଥିବା ପ୍ରବାସୀ ଭାରତୀୟମାନେ ଏକତା ଓ ଭାଇଚାରାର ଶିକ୍ଷା ଲାଭ କରିବେ ବୋଲି କହିଥିଲେ। ଗ୍ରାମ୍ୟ ସଂଗଠନ, ଏକତା, ଭାଇଚାରା ଓ ସହଭାଗିତାର ପ୍ରତ୍ୟକ୍ଷ ଉପସ୍ଥାପନାରେ ଅଭିଭୂତ ହୋଇ ଥିଲେ ପ୍ରବାସୀ ଭାରତୀୟମାନେ ଏବଂ ନୂଆଁଖାଇ ଗୀତ ଆଉ କୀର୍ତ୍ତନର ତାଳେ ତାଳେ ଝୁମି ଉଠିଥିଲା ହଷ୍ଟନ ସହରର ଓଡିଶା ସାଂସ୍କୃତିକ କେନ୍ଦ୍ର। ପ୍ରବାସୀ ଭାରତୀୟମାନେ ଦେଖିଥିଲେ ତାଙ୍କର ପୁରାତନ ସଂସ୍କୃତି ଆଉ ପରମ୍ପରାକୁ କେତେ ସୁନ୍ଦର ଭାବରେ ବଞ୍ଚାଇ ରଖିଛି ଏକ ଛୋଟ ଗାଁ "ଝୁରିମାଲ"।



SANCHAR ସଂଚାର

## ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥ

# ହସ୍ପିଟାଲରେ ଭେଟିଲେ ମୋହନ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ନବୀନ



**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ)** ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅସୁସ୍ଥତା ବଶତଃ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆନ୍ଧ୍ର ପ୍ରଦେଶ ଓ ଛତିଶଗଡର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ନେତା ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ହସ୍ପିଟାଲରେ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମାନଙ୍କ ସହିତ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସେ ଯେପରି ଶୀଘ୍ର ଆରୋଗ୍ୟ ଲାଭ କରିବେ ସେଥିପାଇଁ ଧ୍ୟାନ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଛତିଶଗଡ ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଙ୍କ ଅସୁସ୍ଥତା ଖବର ପାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଶ୍ରୀ ହରିଚନ୍ଦନ ଙ୍କ ପୁଅ ତଥା ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଙ୍କୁ ଫୋନ୍ କରି ବିଶ୍ୱଭୂଷଣ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

# ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀ ଲିନସାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୭।୯ (ସଂଚାର ବ୍ୟୁରେ):** ରବିବାର ଦିନ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କନ୍ଧମାଳ ଜିଲ୍ଲା ଦାରିଂବାଡ଼ି ବ୍ଲକ, ବାଡାବାଙ୍ଗା ପଞ୍ଚାୟତ ଗର୍ଜେଡି ଗ୍ରାମର ଅଙ୍ଗନବାଡି କର୍ମୀଙ୍କ ଝିଅ ଲିନ୍ସା ପ୍ରଧାନଙ୍କୁ ଭେଟି ପ୍ରେରିତ ହେବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଜୀବନର ଅନେକ ସମସ୍ୟା ଭିତରେ ସଂଘର୍ଷର ସିଢ଼ି ଚଢ଼ି ବିନା କୌଣସି ପ୍ରାଇଭେଟ୍ କୋଚିଂ ସେଣ୍ଟରର ସାହାରାରେ କେବଳ ୟୁଟ୍ୟୁବ୍ ମାଧ୍ୟମରେ ପାଠ ପଢି ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଲିନ୍ସା ଦେଖାଇ ଦେଇଛନ୍ତି ଯେ ନିଷ୍ଠାର ସହ କରିଥିବା ପରିଶ୍ରମ କେବେ ବ୍ୟର୍ଥ ଯାଏନି । ଜନ୍ମରୁ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ଲକ୍ଷ ହାସଲରେ ପଛରେ ପଡ଼ିନଥିବା ଲିନ୍ସା ଅନେକଙ୍କ ପାଇଁ ପ୍ରେରଣା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ଆଗାମୀ ଦିନରେ ଏମକେସିଜିରେ ଡାକ୍ତରୀ ପାଠ ପଢିବାକୁ ଯାଉଥିବା ଲିନ୍ସାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ମଂଡବାଡ଼ି ୟୁ.ପି ସ୍କୁଲରେ ଗଣଶିକ୍ଷକ ରୂପେ କାର୍ଯ୍ୟରତ ପିତା ଇଲିଆସ ପ୍ରଧାନ ଏବଂ ଅଙ୍ଗନବାଡି କର୍ମୀ ମାତା ରୀନା ପ୍ରଧାନ ଆର୍ଥିକ ଅଭାବ ସତ୍ତ୍ୱେ ଝିଅକୁ ଭବିଷ୍ୟତ ପାଇଁ ବଡ଼ ସ୍ୱପ୍ନ ଦେଖିବା ଏବଂ ଏହାକୁ ସାକାର କରିବା ପାଇଁ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସମୟରେ ଲିନ୍ସା ତାଙ୍କର +୨ ସାର୍ଟିଫିକେଟ ହଜି ଯାଇଥିବା ଏବଂ ସେ ସାର୍ଟିଫିକେଟ ପାଇଁ ବୋର୍ଡ ଅଫିସରେ ପୁଣିଥରେ ଆବେଦନ କରିବା କଥା ଜଣାଇଥିଲେ । ଏକ ମାସ ମଧ୍ୟରେ ଏମକେସିଜିରେ ଲିନ୍ସାଙ୍କ ଆଡ଼ମିସନ୍ ଥିବାରୁ ତାଙ୍କ ସମସ୍ୟାର ଗଭୀରତାକୁ ବୁଝିବା ସହ +୨ ସାର୍ଟିଫିକେଟ କିପରି ଶୀଘ୍ର ମିଳିପାରିବ ତା'ର ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ।

## ଆଜି ପୁଣି ରତ୍ନଭଣ୍ଡାର ଯାଞ୍ଚ



**ପୁରୀ,୧୭।୯(ସଂଚାର ବ୍ୟୁରୋ):** ପୁଣି ଖୋଲିବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏଏସଆଇ ପକ୍ଷରୁ ବୁଧବାର ରତ୍ନଭଣ୍ଡାରର କରାଯିବ ପ୍ରାରମ୍ଭିକ ନିରୀକ୍ଷଣ । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏହି ପ୍ରାରମ୍ଭିକ ନିରୀକ୍ଷଣ ଏବଂ ବୈଷୟିକ ଯାଞ୍ଚ କରାଯିବ । ଏଏସଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ନିରୀକ୍ଷଣ କାର୍ଯ୍ୟ କରାଯିବ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଏହା ଅନୁଷ୍ଠିତ ହେବ। ଆସନ୍ତାକାଲି ପାଇଁ ହୋଇଥିବା ବିଶେଷ ନୀତି ନିର୍ଘଣ୍ଟ ଅନୁସାରେ ରାତି ୨ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବ ।

ଏହାପରେ ଅନାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇ ଦ୍ୱିତୀୟ ଭୋଗ ମଣ୍ଡପ ପରେ ରତ୍ନଭଣ୍ଡାର ନିରୀକ୍ଷଣ କାର୍ଯ୍ୟ କରାଯିବ । ଦିନ ଗୋଟାଏରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ମହାପ୍ରସାଦ କିଣିବାକୁ ଥିବା ଇଚ୍ଛୁକ ଭକ୍ତ ସିଂହଦ୍ୱାର ପଟେ ବାଇଶି ପାହାଚ ଦେଇ ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଉତ୍ତର ଦ୍ୱାର ପଟେ ପ୍ରସ୍ଥାନ କରିପାରିବେ ।

# ବନ୍ୟା ଆଶଙ୍କା: ଆଲର୍ଟରେ ୬ ଜିଲ୍ଲା

## ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା



**ଭୁବନେଶ୍ୱର,୧୭।୯(ସଂଚାର ବ୍ୟୁରୋ):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଲଗାଣ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ। ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ଗତକାଲିର ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହେବା ସହ ଏହା ଛତିଶଗଡ଼ ଓ ଝାରଖଣ୍ଡ ମୁହାଁ ହୋଇଛି । ଏହାର ପ୍ରଭାବରେ ଗତ ୪ ଦିନ ଧରି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଏବେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ମଧ୍ୟ ଭଲ ବର୍ଷା ହୋଇଅଛି । ଏହା ଫଳରେ ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଂକେତ ୧୮.୩୩ ମିଟର ଥିବାବେଳେ ଏବେ ୧୮ ମିଟରରେ ଜଳ ପ୍ରବାହ ହେଉଛି । ତେବେ ଏହି ଜଳସ୍ତର ହ୍ରାସ ପାଉଅଛି । ସେହିପରି ବୁଢ଼ାବଳଙ୍ଗ ନଦୀର ଜାତୀୟ ରାଜପଥ ନଂ-୫, ଗୋବିନ୍ଦପୁରଠାରେ ବିପଦ ସଂକେତ ୮.୧୩ ମିଟର ଥିବାବେଳେ ଏବେ ଜଳସ୍ତର ୭.୫୨ ମିଟରରେ ପ୍ରବାହିତ ହେଉଛି । ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦସଂକେତ ୧୦.୩୬ ମିଟର ଥିବାବେଳେ ଏବେ ଜଳସ୍ତର ୧୦.୭୦ ମିଟର ରହିଛି । ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୬.୫୦ ମିଟର ଥିବାବେଳେ ଏବେ ଜଳସ୍ତର ୬.୭୬ ମିଟର ରହିଛି ଓ ଏହା ହ୍ରାସ ପାଇବାରେ ଲାଗିଛି । ସେଣ୍ଟ୍ରାଲ୍ ୱାଟର କମିଶନର ପୂର୍ବାନୁମାନ ଅନୁଯାୟୀ ସୁବର୍ଣ୍ଣରେଖା ନଦୀରେ ୧୦.୯୫ ମିଟର ସ୍ତରରେ ଜଳ ପ୍ରବାହିତ ହୋଇପାରେ, ଯାହାକି ସର୍ବୋଚ୍ଚ ଜଳପ୍ରବାହ ସ୍ତର ଅଟେ ଓ ଏହାର ପ୍ରଭାବରେ ବାଲେଶ୍ୱର ଜିଲ୍ଲାର ବସ୍ତା, ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ । ଅନ୍ୟ ପକ୍ଷରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ଏହିସବୁ ଜିଲ୍ଲାରେ ସେଭଳି କିଛି ବନ୍ୟାର ଆଶଙ୍କା ନାହିଁ । ତଥାପି ଜିଲ୍ଲା ପ୍ରଶାସନଙ୍କୁ ପରିବର୍ତ୍ତୀ ୨୪ ଘଣ୍ଟା ସତର୍କ ରହିବା ପାଇଁ ସୂଚାଇ ଦିଆଯାଇଛି । ଭଦ୍ରକ ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ଆଖୁଆପଦାଠାରେ ଜଳସ୍ତର ହ୍ରାସ ପାଇଥିବାବେଳେ ଜିଲ୍ଲରେ ବିଶେଷ ବର୍ଷା ହୋଇନାହିଁ । ତେବେ ଜିଲ୍ଲାରେ ବନ୍ୟା ପରିସ୍ଥିତିର ସମ୍ଭାବନା ନାହିଁ । ପରବର୍ତ୍ତୀ ୨୪ ଘଣ୍ଟା ସତର୍କ ରହିବା ପାଇଁ କୁହାଯାଇଛି ।

# ପୁରୀର ନଳା ଓ ବଡ଼ ଡ୍ରେନ ମୁକୁଳା, ଭୟଭିତ ସହରବାସୀ



**ପୁରୀ,୧୭।୯(ସଂଚାର ବ୍ୟୁରୋ):** ତୀର୍ଥ ସହର ପୁରୀରେ କୁଳା ଡ୍ରେନ ପାଇଁ ଲୋକେ ଭୟଭୀତ ହୋଇପଡିଛନ୍ତି। ସହରର ଅନେକ ସ୍ଥାନରେ ବଡ଼ ବଡ଼ ଡ୍ରେନ ସହ ସାହି ମାନଙ୍କରେ ଛୋଟ ବଡ଼ ନଳା ଗୁଡ଼ିକ ମୁକୁଳା ଅବସ୍ଥାରେ ରହିଛି। ପ୍ରବଳ ବର୍ଷା ଯୋଗୁ ମୁକୁଳା ଡ୍ରେନଗୁଡ଼ିକ ପାଣିରେ ବୁଡ଼ି ରହୁଥିବାରୁ ଯାତାୟାତ ସମୟରେ ଏହା ଦେଖାଯାଉ ନାହିଁ। ଫଳରେ ଡ୍ରେନରେ ପଡ଼ି ଜନଜୀବନ ହାନି ହେବାର ଆଶଙ୍କା ରହିଛି। ପୌରପାଳିକାର ପୌର ଅଧିକାରୀଙ୍କ ଏଭଳି ଖାମଖିଆଲି ମନୋଭାବକୁ ସହରବାସୀ ଓ ବୁଦ୍ଧିଜୀବି କଡା ସମାଲୋଚନା କରିଛନ୍ତି। ସୂଚନା ଥାଉକି, ପୁରୀ ସହରର ୫ ନମ୍ବର ୱାର୍ଡରେ ଥିବା ଲୋକନାଥ ରୋଡ ସ୍ଥିତ ରାଜାମାତା ନଗରରେ ଅନେକ ନଳା ଗୁଡିକ ଖୋଲା ହୋଇ ରହିଛି । ଯାହା ଫଳରେ କି ସାହି ମାନଙ୍କରେ ମଶା ଓ ମାଛି ପ୍ରବଳ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । ସେହିପରି ସହରର ବଳିଆପଣ୍ଡା, ସିଦ୍ଧମହାବୀର, ଚକ୍ରତୀର୍ଥ ରୋଡ, ତାଳବଣିଆ, ରେଡକ୍ରସ ରୋଡ ସହ ବିଭିନ୍ନ ଗଳିକନ୍ଦିରେ ମୁକୁଳା ପଡ଼ିଛି ଡ୍ରେନ୍। କେତେବେଳେ ବି ଏହା ନେଇପାରେ ଜୀବନ। ଡ୍ରେନ୍ଗୁଡ଼ିକ ପାଣିରେ ବୁଡ଼ି ରହୁଥିବାରୁ ଯାତାୟତ ବେଳେ ତାହା ଜଣାପଡୁନାହିଁ। ଫଳରେ ବିପଦି ଆଶଙ୍କା ବଢ଼ିବାରେ ଲାଗିଛି। ପୂର୍ବରୁ ମଧ୍ୟ ଅନ୍ୟ ସହର ମାନଙ୍କରେ ମୁକୁଳା ଡ୍ରେନ ଯୋଗୁ ନିରୀହ ଜୀବନ ଚାଲି ଯାଇଛି।

ପ୍ରତିବର୍ଷ ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ପାଇଁ କୋଟି କୋଟି ଟଙ୍କା ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଏହି ଅର୍ଥ କୁଆଡେ ଯାଉଛି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମୁକୁଳା ଡ୍ରେନରେ ସ୍ଲାବ ପକାଯାଉଥିବା ନେଇ ପୌର ଅଧିକାରୀ ବାହାସ୍ଫଟ ମାରୁଥିବା ବେଳେ ପ୍ରକୃତ ପକ୍ଷେ କାର୍ଯ୍ୟ ଶୂନ୍। ଯଦି ମୁକୁଳା ଡ୍ରେନରେ ପଡ଼ି କାହାର ପ୍ରାଣ ଚାଲିଯାଏ ଏଥିପାଇଁ ପୌର ଅଧିକାରୀ ଦାୟୀ ରହିବେ କି ବୋଲି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ ଓ ସହରବାସୀ। ମୁକୁଳା ଡ୍ରେନ ଯୋଗୁ ପୁରୀ ସହରରେ ଗତ ବର୍ଷ ଦୁଇ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ଏହାକୁ ଅତି ହାଲୁକା ଭାବେ ନେଇଛନ୍ତି ପୌର ଅଧିକାରୀ। ତୁରନ୍ତ ମୁକୁଳା ଡ୍ରେନ ଉପରେ ସ୍ଲାବ୍ ପକା ନ ଗଲେ ଆଗାମୀ ଦିନରେ ପୌର ଅଧିକାରୀଙ୍କୁ ଦୃଢ଼ ବିରୋଧ କରାଯିବ ବୋଲି ସହରବାସୀ ଓ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।

# ଭଙ୍ଗା ଖୁଣ୍ଟ ଛିଣ୍ଡା ତାରରେ ହେଉଛି ବିଦ୍ୟୁତ୍ ଯୋଗାଣ

## ଉପଭୋକ୍ତାଙ୍କୁ ଶୋଷଣ



**କେନ୍ଦ୍ରାପଡ଼ା,୧୪।୯(ସଂଚାର ବ୍ୟୁରୋ):** ପୂର୍ବତନ ସରକାର ଯେବେ ଠାରୁ ଟାଟା ପାୱାର କମ୍ପାନୀଙ୍କୁ ବିଦ୍ୟୁତ ବିତରଣ ଦାୟିତ୍ୱ ହସ୍ତାନ୍ତର କଲେ ସେବେଠୁ ଶୋଷଣ ଆରମ୍ଭ କରିଦେଇଛି । କମ୍ପାନୀ ପାଇଁ ନିୟମ ଜାରି ଥିବା ବେଳେ ସବୁ ନିୟମ କନୁନୁ କୁ ଫୁଙ୍କରି ତାର ମନମାନି ଆରମ୍ଭ କରିଚାଲିଛି । ଯାହାର ମୁଖ୍ୟ ଘଟଣା ଏବେ ସାମ୍ନାକୁ ଆସିଛି । ଯେବେଠୁ କମ୍ପାନୀ ହାତକୁ ସରକାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ସେବେଠି ଏକ ସୋତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରି ଏହା ପ୍ରତ୍ୟେକ ଉପଭୋକ୍ତା ଙ୍କ ନିକଟରେ ପହଞ୍ଚାଇବା ସହିତ ଉତ୍ତମ ବ୍ୟବହାର ସହ ୨୪ ଘଣ୍ଟିଆ ସେବା ଯୋଗାଇଦେବାକୁ ପରାମର୍ଶ ଥିବା ବେଳେ ଏବେ ତାର ବିପରୀତ ଦୃଶ୍ୟମାନ ହେଉଛି । କମ୍ପାନୀ ବିଦ୍ୟୁତ ଉପଭୋକ୍ତା ଙ୍କୁ ଶୋଷଣ ନ କରିବା ପାଇଁ ଓ.ଆର୍. ସି ଓଇଆରସି ଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କଲେ।ଏହି ନିୟମ କୁ ବିଦ୍ୟୁତ ବିତରଣ କମ୍ପାନୀ ମାନିବାକୁ ବାଧ୍ୟ ଏବଂ ବିଦ୍ୟୁତ ଉପଭୋକ୍ତା ଙ୍କୁ ଏହି ନିୟମ ଜାଣିବା ପାଇଁ ଓ ଆର୍ ସି ଙ୍କ ଦ୍ୱାରା ଏକ ପୁସ୍ତକ ଛପାଯାଇ ସବୁ ସବ୍ ଡିଭିଜନରେ ପ୍ରଦାନ କରାଯାଇଛି । ବିଦ୍ୟୁତ ଉପଭୋକ୍ତାଙ୍କୁ ପ୍ରଦାନ ପାଇଁ ସ୍ୱଂୟ ସହାୟକ ନାମକ ପୁସ୍ତିକା ପ୍ରଦାନ କରାଯାଇଛି । କିନ୍ତୁ ଦୁଖଃ ଏବଂ ପରିତାପର ବିଷୟ ଏହି ପୁସ୍ତକ କୁ ସବ୍ ଡିଭିଜନରେ ଟାଟା ପାୱାର ଟପିସିଓଡିଏଲ ଉପଭୋକ୍ତା ଙ୍କୁ ପ୍ରଦାନ କରୁନାହିଁ। ଯାହା ଫଳରେ ବିଦ୍ୟୁତ ଉପଭୋକ୍ତା ଆଇନି ସମ୍ବଧିୟ ବିଷୟରେ କୌଣସି ସୂଚନା ପାଇପାରୁନାହାନ୍ତି । ଯାହା ଫଳରେ ଏହାର ସୁଯୋଗ ନେଇ ଟାଟା ପାୱାର ବିଦ୍ୟୁତ ଉପଭୋକ୍ତା ଙ୍କୁ ଶୋଷଣ କରିବାରେ ଲାଗିପଡିଛି । ମାସ ରୁ ଦେଢ଼ ମାସ ବିତିଲେ ମିଟର ରିଡ଼ିଂ କରି ଉପଭୋକ୍ତା ଠୁ ବେଆଇନ୍ ଭାବେ ବୋଝ ଉପରେ ନଳିତା ବିଡା ସଦୃଶ ଅର୍ଥ ଆଦାୟ କରୁଛି । ସୂଚନା ଅନୁସାରେ ପୂର୍ବରୁ ଥିବା ବିଦ୍ୟୁତ୍ ବିତରଣ ସଂସ୍ଥା ସେସୁ ଅପେକ୍ଷାକୃତ ବର୍ତ୍ତମାନର ଟାଟା ପାୱାର ସଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ଆଦାୟ ଆଦାୟ କରିପାରୁଛି ହେଲେ ୨୪ ଘଣ୍ଟିଆ ସେବା ଯୋଗାଇଦେବା ପରିବର୍ତ୍ତେ ଦିନକୁ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ କରୁଛି । ଏହାର ମୁଖ୍ୟ କାରଣ ଭଙ୍ଗା ଖୁଣ୍ଟ, ଛିଣ୍ଡା ତାର, ଏବଂ ବର୍ଷା ପୂର୍ବରୁ ବିଦ୍ୟୁତ୍ ସରବରାହ ହେଉଥିବା ସ୍ଥାନରେ ଗଛ ଡାଳକୁ ନକାଟିବା।

## ଅପ୍ରାକୃତିକ ହାତୀ ମୃତ୍ୟୁ - ୧୬ଗୁଣା ଅଧିକ

ଭୁବନେଶ୍ୱର, ୧୭।୯-(ତଥ୍ୟ) ଯେତିକି ହାତୀଙ୍କର ପ୍ରାକୃତିକ ମୃତ୍ୟୁ ଘଟୁଛି ତାହାଠାରୁ ୧୬ଗୁଣା ହାତୀଙ୍କର ଅପ୍ରାକୃତିକ ମୃତ୍ୟୁ ହେଉଛି। ରାଜ୍ୟର ଦୁଇ ବନଖଣ୍ଡ ଆଠଗଡ଼ ଓ ଢେଙ୍କାନାଳରେ ହାତୀମୃତ୍ୟୁ ସଂକ୍ରାନ୍ତରେ ସିଏଜି କରିଥିବା ଅଡିଟ୍ରୁ ଏହି ତଥ୍ୟ ପଦାକୁ ଆସିଛି। ସିଏଜି ତାଙ୍କ ଅଡିଟ୍ରେ ଦର୍ଶାଇଛନ୍ତି ଯେ ଉପରୋକ୍ତ ଦୁଇ ବନଖଣ୍ଡରେ ୨୦୧୯ରୁ ୨୦୨୨ ମଧ୍ୟରେ ୫୧ଟି ହାତୀ ମୃତ୍ୟୁବରଣ କରିଥିଲେ। ଏମାନଙ୍କ ମଧ୍ୟରୁ ମାତ୍ର ୩ଟି ହାତୀଙ୍କର ପ୍ରାକୃତିକ ମୃତ୍ୟୁ ହୋଇଥିବା। ମରିଥିବା ଅବଶିଷ୍ଟ ହାତୀଙ୍କ ମଧ୍ୟରୁ ଦୁର୍ଘଟଣାରେ ୨, ବିଦ୍ୟୁତ୍ ତାର ଲାଗି ୯, ଅବୈଧ ଶିକାରରେ ୬, ରୋଗରେ ପଡ଼ି ୨୮ ଏବଂ ନିଜ ଭିତରେ ଲଢ଼ାଲଢ଼ି ହୋଇ ୩ଟି ହାତୀ ଥିଲେ। ମୃତ ୫୧ଟି ହାତୀ ମଧ୍ୟରୁ ଢେଙ୍କାନାଳ ବନଖଣ୍ଡରେ ୩୫ଟି ଥିବାବେଳେ ଆଠଗଡ଼ ବନଖଣ୍ଡରେ ୧୬ଟି ରହିଥିଲେ। ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ଆଠଗଡ଼ ବନଖଣ୍ଡରେ ହାତୀ ମୃତ୍ୟୁ ସଂଖ୍ୟା ବିଗତ ତିନି ବର୍ଷରେ ବଢ଼ିଯାଇଥିଲା।

ତେବେ ଢେଙ୍କାନାଳର ହାତୀ ମୃତ୍ୟୁ ସଂଖ୍ୟା ଆଠଗଡ଼ ତୁଳନାରେ ଦୁଇଗୁଣ ଅଧିକ ରହିଥିଲା। ସିଏଜି ଅଡିଟ୍ବେଳେ ଦେଖିବାକୁ ପାଇଛନ୍ତି ଯେ ଜଙ୍ଗଲ କ୍ଷେତ୍ରରେ ପାଦଚଲା ପଇଁତରାରେ ଅଭାବ, ଟ୍ରାପ କ୍ୟାମେରା ବ୍ୟବହୃତ ନହେବା, ହାତୀ ସ୍କ୍ୱାଡ୍ର ନିୟୋଜନ, ଅସ୍ତ୍ରଶସ୍ତ୍ରର ଅଭାବ ଯୋଗୁଁ ଶିକାରୀମାନେ ହାତୀଙ୍କୁ ମାରି ଦେଉଛନ୍ତି। ଏହି ତିନିବର୍ଷ ମଧ୍ୟରେ ଦୁଇଟି ବନଖଣ୍ଡରେ ଶିକାରୀମାନେ ୬ଟି ହାତୀଙ୍କ ଜୀବନ ନେଇଥିଲେ। ତେବେ ଅବୈଧ ଶିକାର ଓ ଶିକାରୀଙ୍କ ସଂକ୍ରାନ୍ତରେ କୌଣସି ରିପୋର୍ଟ କରିନଥିବା କର୍ମଚାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା।

ଢେଙ୍କାନାଳ ବନଖଣ୍ଡରେ ନୁଆଁଣିଆ ବିଦ୍ୟୁତ୍ ତାର ଯୋଗୁଁ ବିଦ୍ୟୁତ୍ ସଂଯୋଗରେ ଆସି ହାତୀଙ୍କର ମୃତ୍ୟୁ ରିପୋର୍ଟ ହୋଇଥିଲା ଏବଂ ସେହି ଅଞ୍ଚଳରେ ପଇଁତରାର ଅଭାବ ପରିଲକ୍ଷିତ ହୋଇଥିଲା। ତେବେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ତାଙ୍କ ଉତ୍ତରରେ ବିଦ୍ୟୁତ୍ ଜନିତ ହାତୀ ମୃତ୍ୟୁ ରୋକିବାପାଇଁ ବହୁବିଧ ପଦକ୍ଷେପ ନିଆଯାଉଥିବା କହିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ମୃତ

**ନୟାଗଡ, ୧୭।୯ (ସଂଚାର ବ୍ୟୁରୋ):** ରାସ୍ତା ପାର୍ଶ୍ୱ ଗଛରେ ପିଟି ହେଲେ ଦୁଇ ବାଇକ୍ ଆରୋହୀ। ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ଆଜି ସନ୍ଧ୍ୟା ବେଳେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ନୟାଗଡ ଜିଲ୍ଲା ଦଶପଲ୍ଲା ଥାନା ଅଞ୍ଚଳରେ ଘଟିଛି। ମୃତକ ଦୁଇ ଜଣ ହେଉଛି ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ବସ୍ ସେବା କର୍ମଚାରୀ ବୋଲି ଜଣାପଡ଼ିଛି। ଓଡ଼ଗାଁ ଥାନା ଦଳକ ଗାଁର ସୂର୍ଯ୍ୟକାନ୍ତ ବେହେରା ହେଉଛନ୍ତି ମୁଖ୍ୟମନ୍ତ୍ରୀ ବସ୍ ସେବାର ମ୍ୟାନେଜର। ଦଶପଲ୍ଲା ଥାନା ମଧ୍ୟଖଣ୍ଡ ଗାଁର ହେଉଛନ୍ତି ଜ୍ଞାନ ରଞ୍ଜନ ସାହୁ ହେଉଛନ୍ତି ସୁପରଭାଇଜର। ଉଭୟ ଗୋଟିଏ ବାଇକ୍ରେ ଅନ୍ଧାର କୋଟଠାରୁ ନଛିପୁର ରାସ୍ତାରେ ଯାଉଥିଲେ।

# ଭେଣ୍ଡିଂ ଜୋନ୍କୁ ମିଳିବ ଅସ୍ଥାୟୀ ଲାଇସେନ୍ସ

- ଲକ୍ଷ୍ମୀନାରାୟଣ ଭେଣ୍ଡିଂ ଜୋନ୍କୁ ମିଳିବନି ସ୍ୱୀକୃତି
- ବେଆଇନ ଭେଣ୍ଡିଂ ଜୋନ୍ରୁ ୩୦ ଲକ୍ଷ ବଟି!



**ଭୁବନେଶ୍ୱର, ୧୬।୯ (ସଂଚାର ବ୍ୟୁରୋ):** ବିଏମ୍ସି ହିସାବରେ ଭୁବନେଶ୍ୱରରେ ୧୩ଟି ସ୍ୱୀକୃତିପ୍ରାପ୍ତ ଓ ୪୪ଟି ଅଣସ୍ୱୀକୃତି ପ୍ରାପ୍ତ ଭେଣ୍ଡିଂ ଜୋନ୍ ରହିଛି। ଏହି ଅଣସ୍ୱୀକୃତିପ୍ରାପ୍ତ ୪୪ଟି ଭେଣ୍ଡିଂ ଜୋନ୍ରୁ ବିଏମ୍ସି ରାଜସ୍ୱ ଆଦାୟ କରିବ। କର୍ପୋରେସନ ବୈଠକରେ ଏଭଳି ନିଷ୍ପତ୍ତି ନେଇଛି ବିଏମ୍ସି। ଯଦିଓ ଅସ୍ଥାୟୀ ଭାବରେ ଏଭଳି ଲାଇସେନ୍ସ ଦେବାକୁ ଯୋଜନା ହୋଇଛି, କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ସ୍ଥାୟୀ କରି ଦେବାକୁ ଯୋଜନା ହୋଇଛି। ଏଭଳି ନିଷ୍ପତ୍ତି ହେବା ପରେ ଭେଣ୍ଡିଂ ଜୋନ୍ରେ ଦୋକାନୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଣେ ଆଇନସମ୍ମତ ହେବାକୁ ବସିଥିବା ୧୩ ନଂ ୱାର୍ଡରେ ଥିବା ଲକ୍ଷ୍ମୀନାରାୟଣ ଭେଣ୍ଡିଂ ଜୋନ୍ ଭାଗ୍ୟ ପୁଣି ଖରାପ ପଡ଼ିଛି। ମେଟ୍ରୋ ରେଲ୍ ପ୍ରକଳ୍ପ ପାଇଁ ଏହି ଭେଣ୍ଡିଂ ଜୋନ୍କୁ ସ୍ୱୀକୃତି ମିଳିବ ନାହିଁ ବୋଲି ସ୍ପଷ୍ଟ କରିଛି। ୱାର୍ଡ ନମ୍ବର ୧୩ରେ ଥିବା ଲକ୍ଷ୍ମୀନାରାୟଣ ଭେଣ୍ଡିଂ ଜୋନ୍କୁ ବେଆଇନ ଘୋଷଣା କରିଥିଲା ବିଏମ୍ସି। ଅନଧିକୃତ ଭାବରେ ୨୦୦୯ ମସିହାରୁ ୧୫ ବର୍ଷ ଧରି ୪୧ ଜଣ ବ୍ୟବସାୟୀ ଏଠାରେ ବ୍ୟବସାୟ କରୁଥିଲେ। ୧୬ ବର୍ଷରେ ବିଏମ୍ସି ଏଠାରୁ ପ୍ରାୟ ୪୦ କୋଟି ଟଙ୍କା ରାଜସ୍ୱ ବାବଦକୁ କ୍ଷତି ସହିଛି। ଏହି ଲକ୍ଷ୍ମୀନାରାୟଣ ଭେଣ୍ଡିଂ ଜୋନ୍କୁ ୨୦୦୯ ମସିହାରେ ତତ୍କାଳୀନ କମିସନର ତଥା ବର୍ତ୍ତମାନର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବ୍ୟବସାୟୀମାନଙ୍କୁ ଲୁହା ଷ୍ଟ୍ରକ୍ଚରରେ ଦୋକାନ କରିବାକୁ ସ୍ୱୀକୃତି (ଚିଠି ନଂ.୧୭୩୦୪/୬.୭.୨୦୦୯) ଦେଇଥିଲେ। ସେହି ସ୍ୱୀକୃତି ମୁତାବକ ଏଠାରେ ୪୧ ଜଣ ବ୍ୟବସାୟୀ ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ଅଧିକାଂଶ ଫଳ ଦୋକାନ ରହିଥିଲା। ପ୍ରାୟ ବର୍ଷେ ପରେ ଅର୍ଥାତ୍ ୨୦୧୦ ମସିହା ମାର୍ଚ୍ଚ ୯ ତାରିଖ ଦିନ ବିଏମ୍ସି କାହାକୁ କିଛି ନ କହି ଏହି ସ୍ୱୀକୃତିକୁ ବାତିଲ କରିବା ସହ ଉଚ୍ଛେଦ କରିବାକୁ ଧମକ ଦେଲା। ବ୍ୟବସାୟୀଙ୍କ ଟ୍ରେଡ୍ ଲାଇସେନ୍ସ ମଧ୍ୟ ବାତିଲ କରିଦେଲା। ଏଠାରୁ ଆଦାୟ ହେଉଥିବା ମହାସୁଲ ତଥା ଅନ୍ୟାନ୍ୟ ରାଜସ୍ୱ ଆଦାୟ କଲା ନାହିଁ। ବିଜୁଳି ସଂଯୋଗ ମଧ୍ୟ କାଟି ଦିଆଗଲା। କିନ୍ତୁ ଏହାକୁ ଲାଗି ରହିଥିବା ଆଉ ଗୋଟିଏ ଅସ୍ଥାୟୀ ଓମ୍ଫେଡ, ବ୍ୟବସାୟୀ ଭେଣ୍ଡିଂ ଜୋନ୍ ସହ ଆଉ ତିନିଟି ଅଣସ୍ୱୀକୃତିପ୍ରାପ୍ତ ଦୋକାନକୁ ବିଜୁଳି ଦିଆଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି ଭେଣ୍ଡିଂଜୋନ୍ରେ ଦୋକାନ ନଥିଲେ ମଧ୍ୟ ଜବରଦଖଲ ଜାଗାରେ ଦୋକାନ କରି ଚଢ଼ା ଦରରେ ବ୍ୟବସାୟୀଙ୍କୁ ବିଜୁଳି ବିକ୍ରି କରୁଛି। ଅଭିଯୋଗ ହେବା ପରେ ବିଏମ୍ସି ଉତ୍ତର ଜୋନ୍ଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। ତେବେ ଏହି ଗୋଟିଏ ଘଟଣା ନୁହେଁ, ବରଂ ବିଏମ୍ସି ଅଧିକାରୀଙ୍କ ସହ ସଲାସୁତରାରେ ଏଭଳି ବେପାର ଚାରିଆଡ଼େ ଚାଲିଛି। ଅଣସ୍ୱୀକୃତିପ୍ରାପ୍ତ ଦୋକାନକୁ ବିଜୁଳି ସଂଯୋଗ କାଟି ଦିଆଯାଉଛି। ଏଭଳି ବ୍ୟବସାୟୀଙ୍କ ଜରିଆରେ ବିଜୁଳି ବିକ୍ରି କରାଯାଉଛି। ଏ ନେଇ କର୍ପୋରେସନ ବୈଠକ୍ରେ ହୋ ହଲ୍ଲା ହୋଇଛି। ସୂଚନାଯୋଗ୍ୟ, ବିଏମ୍ସି ୪୪ଟି ଅଣସ୍ୱୀକୃତିପ୍ରାପ୍ତ ଭେଣ୍ଡିଂ ଜୋନ୍ କହୁଥିଲେ ମଧ୍ୟ ଭୁବନେଶ୍ୱରରେ ୬୦ରୁ ଉର୍ଦ୍ଧ୍ୱ ରହିଛି। ଏହି ସବୁ ବ୍ୟବସାୟୀମାନଙ୍କ ପାଇଁ ମାସିକ ବଟି ଆଦାୟ ହେଉଛି। ବିଭିନ୍ନ ଜାଗାରେ କେବଳ ଲୋକ ଦେଖାଣିଆ ଚଢ଼ଉ ହେଉଛି। ପ୍ରତି ମାସରେ ଦାୟିତ୍ୱରେ ଥିବା ଅଧିକାରୀମାନେ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ଏ ବାବଦରେ ପ୍ରାୟ ୩୦ ଲକ୍ଷ ଟଙ୍କା ମାସିକ କାରବାର ହେଉଛି। ଥିବା ଅଭିଯୋଗ ରହିଛି। ଏଭଳି ନିୟମିତ ଅଭିଯୋଗ ହେବା ଓ କର୍ପୋରେସନ ବୈଠକରେ ଉଠିବା ପରେ ବିଏମ୍ସି ଅସ୍ଥାୟୀ ଲାଇସେନ୍ସ ଦେଇ ରାଜସ୍ୱ ଆଦାୟ କରିବାକୁ ଚିନ୍ତା କରିଥିବା ଜଣାପଡ଼ିଛି।

# ଉଚ୍ଚଶିକ୍ଷାରେ ବିଚିତ୍ର ସ୍ଥିତି : ବିନା ନିଯୁକ୍ତିରେ ଦରମା




**ଭୁବନେଶ୍ୱର,୧୭।୯ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ସରକାର ଉତ୍ତରାଧିକାରୀ ସୂତ୍ରରେ ବିଜେପିର ମୋହନ ସରକାରକୁ ଅନେକ ଅଡୁଆ ପରିସ୍ଥିତି ଦେଇଛି। ସେଥିମଧ୍ୟରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମଏସସିବିୟୁ)ରେ ବିନା ନିଯୁକ୍ତିରେ ଥିବା ରେଜିଷ୍ଟ୍ରାରଙ୍କୁ ନେଇ ଆଶ୍ଚର୍ଯ୍ୟର କଥା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁସାରେ ରାଜ୍ୟର ସରକାରୀ ଏମଏସସିବିୟୁର ରେଜିଷ୍ଟ୍ରାରଙ୍କର କାର୍ଯ୍ୟକାଳ ପ୍ରାୟ ବର୍ଷକ ତଳେ ସରିବା ସତ୍ତ୍ୱେ ସେ ବିନା ପୁନଃ ନିଯୁକ୍ତିରେ ଉକ୍ତ ପଦବୀରେ ରହି ଦରମା ପାଉଛନ୍ତି।

ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସହଦେବ ସମାଧିଆର କାର୍ଯ୍ୟକାଳ ୧୩ ଅକ୍ଟୋବର, ୨୦୨୩ରେ ଶେଷ ହୋଇଯାଇଛି। ତାଙ୍କର ପୁନଃ ନିଯୁକ୍ତି ହୋଇନଥିବାବେଳେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବିନା ଅନୁମୋଦନରେ ବିଶ୍ୱବିଦ୍ୟାଳୟ ବ୍ଲକ ଅନୁଦାନରୁ ଦରମା ପାଉଛନ୍ତି। ନିୟମ ଅନୁଯାୟୀ ଓଡ଼ିଶାର ଏକ ରାଜ୍ୟସ୍ତରର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ କୁଳପତି (ରାଜ୍ୟପାଳ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି) ନିଯୁକ୍ତ କରିଥାନ୍ତି।

ତୁଙ୍ଗୁରିପଲ୍ଲୀର ତତ୍କାଳୀନ ବିଡିଓ ତଥା ଓଏଏସ୍ ଅଧିକାରୀ ସମାଧିଆଙ୍କୁ ପ୍ରଥମେ ୨୦୨୦ ଜାନୁଆରି ୨୭ ତାରିଖରେ ଦୁଇବର୍ଷ ପାଇଁ ଏମ୍ଏସ୍ସିବିୟୁର ରେଜିଷ୍ଟ୍ରାରଭାବେ ନିଯୁକ୍ତି ଦିଆଯାଇଥିଲା। ଜୁଲାଇ ୨୦୨୨ରେ ତାଙ୍କୁ ପଦୋନ୍ନତି ଦିଆଯାଇଥିଲା ଏବଂ ତାଙ୍କ କାର୍ଯ୍ୟକାଳକୁ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ଚାନ୍ସେଲର ବୈଦେଶିକ ସେବା ସର୍ତ୍ତାବଳୀ ଉପରେ ରେଜିଷ୍ଟ୍ରାର ଭାବରେ ସମାଧିଆଙ୍କ ଡେପୁଟେସନ ଅବଧି ଏବଂ କାର୍ଯ୍ୟକାଳକୁ ୧୪ ଅକ୍ଟୋବର, ୨୦୨୨ରୁ ୧୩ ଅକ୍ଟୋବର, ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ।

କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ସମାଧିଆଙ୍କର ନିଯୁକ୍ତି ଅବଧି ବୃଦ୍ଧି ନ ହୋଇଥିଲେ ମଧ୍ୟ ସେ ବର୍ଷେହେଲା କାର୍ଯ୍ୟ ଜାରି ରଖିଛନ୍ତି। ଏହାର ଅର୍ଥ କୁଳପତି ଜାଣି ନାହାନ୍ତି ଯେ ଜଣେ ରେଜିଷ୍ଟ୍ରାର ତାଙ୍କ ଅନୁମୋଦନ ବିନା ଚାଲୁଛନ୍ତି କିମ୍ବା ବିଶ୍ୱବିଦ୍ୟାଳୟ ଆଇନର ଏଭଳି ଖୋଲାଖୋଲି ଉଲ୍ଲଂଘନ ପାଇଁ ତାଙ୍କ କାର୍ଯ୍ୟାଳୟ ଉପରେ କିଛି ଚାପ ପଡୁଛି।

ଏହା ଉଚ୍ଚଶିକ୍ଷା ବିଭାଗର ପ୍ରଶାସନ ଏବଂ ତଦାରଖରେ ତ୍ରୁଟିକୁ ସୂଚାଉଛି। ଯାହାକି କର୍ତ୍ତୃପକ୍ଷଙ୍କଦ୍ୱାରା ଠିକ୍ ସମୟରେ ହସ୍ତକ୍ଷେପ ଏବଂ ସଂଶୋଧନମୂଳକ ପଦକ୍ଷେପର ଅଭାବ ମଧ୍ୟ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାରେ ପ୍ରଶାସନିକ ନିୟନ୍ତ୍ରଣର ଫଳପ୍ରଦତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ପୂର୍ବରୁ କୁଳପତିମାନେ କାହାର କାର୍ଯ୍ୟକାଳ ଶେଷ ହେଲେ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଚାକିରିରୁ ମୁକ୍ତ କରୁଥିଲେ। ରାଜ୍ୟପାଳଙ୍କ ତତ୍କାଳୀନ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗତ ବର୍ଷ ଜୁନ୍ ୩୦ ତାରିଖରୁ ଏହି ପ୍ରଥା ବନ୍ଦ ରହିଛି। ବିଶ୍ୱବିଦ୍ୟାଳୟ ପ୍ରଶାସନର ବିଶୃଙ୍ଖଳାକୁ ଏଡ଼ାଇବା ପାଇଁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ତାଙ୍କ ବିକଳ୍ପରେ ଯୋଗ ନ ଦେଲେ ବଦଳି ଆଦେଶ ଅନୁଯାୟୀ ଅର୍ଥ ନିୟନ୍ତ୍ରକଙ୍କୁ ମୁକ୍ତ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏ ସମ୍ପର୍କରେ ସମାଧିଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତାଙ୍କୁ ଚାକିରିରୁ ମୁକ୍ତ କରାଯାଇନଥିବାରୁ ସେ ତାଙ୍କ ପଦରେ ରହିଛନ୍ତି। କୁଳପତିଙ୍କ କାର୍ଯ୍ୟାଳୟ କିମ୍ବା ସାଧାରଣ ପ୍ରଶାସନ ବିଭାଗ ଏ ନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

## ପାଣିରେ ବୁଡ଼ିଗଲେ ୨ ଆଇଟିଆଇ ଛାତ୍ର: ପୋଡ଼ିଗଲେ ୨ ଶ୍ରମିକ



**ବାରିପଦା/ ଝାରସୁଗୁଡ଼ା, ୧୭।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଓ ଝାରସୁଗୁଡ଼ା ଜିଲ୍ଲାରେ ଅଘଟଣ ଘଟି ୨ ଛାତ୍ରଙ୍କ ସମେତ ୪ ଜଣଙ୍କ ପ୍ରାଣ ହାନି ଘଟିଛି। ମୟୂରଭଞ୍ଜ ଜିଲ୍ଲା ବାରିପଦା ସହର ଉପକଣ୍ଠ କାଠପାଳ ବନ୍ଧରେ ବୁଡ଼ି ୨ ଆଇଟିଆଇ ଛାତ୍ର ଏବଂ ଝାରସୁଗୁଡ଼ା ଏମଏସପି ପ୍ଲାଣ୍ଟରେ ବର୍ଣିଫିକେସନ୍ ପ୍ଲେଟ ପଡ଼ି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି।

ବାରିପଦାର ଏକ ଶିଳ୍ପତାଲିମ କେନ୍ଦ୍ରର ଛାତ୍ରମାନେ କାଠପାଳ ବନ୍ଧରେ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ କରିବା ବେଳେ ଠାକୁର ସୋରେନ ଓ ଭାଗ୍ୟ ପ୍ରକାଶ ପାତ୍ର ବୁଡ଼ିଯାଇଥିଲେ। ଦୀର୍ଘ ସମୟ ପରେ ଅଗ୍ନିଶମ ବାହିନୀ ଉଭୟଙ୍କ ଶବ ଉଦ୍ଧାର କରିଛି। ଠାକୁର ସୋରେନ ବାଦାମପାହାଡ଼ ଅଞ୍ଚଳର ଓ କରଞ୍ଜିଆ ତାଟୋ ବଡ଼ଗାଁର ଭାଗ୍ୟ ପ୍ରକାଶ ପାତ୍ର। ଉଭୟ ହଷ୍ଟେଲରେ ରହି ପଢୁଥିଲେ।

ଝାରସୁଗୁଡ଼ାସ୍ଥ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏମ୍ଏସ୍ପି) ପ୍ଲାଣ୍ଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବର୍ଣିଫିକେସନ୍ ପ୍ଲେଟ ପଡ଼ି ଗଂଜାମ ଜିଲ୍ଲାର ପୂର୍ଣ୍ଣଚନ୍ଦ୍ର ଜେନା ଓ ଝାଡ଼ଖଣ୍ଡର ଆଲୋକ ଦେଓଙ୍କ ମୃତ୍ୟୁ ହୋଇଛି। ଏହାସହିତ ୫ଜଣ ଶ୍ରମିକ ଗୁରୁତର ଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ କଂପାନି ସମ୍ମୁଖରେ ମୃତକଙ୍କ ପରିବାର କର୍ମଚାରୀମାନେ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର